ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୨୦, ସଂଖ୍ୟା: ୧୫୩
୧୦ ନଭେମ୍ବର, ୨୦୨୫ ସୋମବାର
ଭୁବନେଶ୍ୱର

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

8 Pages
Price ₹ 5.00
Vol. 20, Issue No. : 153
10th November, 2025 Monday
Bhubaneswar

ODISHA EXPRESS
SIGHTS TRUTH WRITES TRUTH
ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in E-mail : odishaexpress@gmail.com RNI Regd. No. ODIODI/2006/23033 Postal Regd. No. : BN/169/13-15 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

## ନୀତି ବାଣୀ

**ଓଁ ୟାଂ ମେଧାଂ ଦେବାଗଣଃ ପିତରଶ୍ଚୋ ପାସତେ**
**ତୟା ମା ମଧ୍ୟ ମେଧୟା ଅଗ୍ନେ ମେଧାବିନଂ କୁରୁ**

ହେ ମେଧାବାନ୍ ପରାମାତ୍ମା ! ଆମର ଦେବଗଣ, ଋଷିଗଣ ଓ ପିତୃପୁରୁଷ ଯେଉଁ ମେଧା ବୁଦ୍ଧିର ପ୍ରାର୍ଥନା, ଉପାସନା ଓ ଯାଚନା ସବୁବେଳେ କରି ଆସିଛନ୍ତି, ଆପଣ ଆମ ସମସ୍ତଙ୍କୁ ସେହି ମେଧା ବୁଦ୍ଧି ପ୍ରଦାନ କରନ୍ତୁ, ଯଦ୍ୱାରା ଆମର ସମସ୍ତ ଶୁଭକାର୍ଯ୍ୟ ଯଥାବିଧି ସମ୍ପନ୍ନ ହେବ ।

## ଉଠାଉ

### ... ବାଜିଗଲେ ଦୋଷ ନାହିଁ

## ମନ୍ଦିରରେ ଆଜିକାଲି ଭାରି ଭିଡ଼ !

# ନୂଆପଡ଼ା ପାଇଁ ପ୍ରଚାର ଶେଷ: ୧୧ରେ ଭୋଟ

**ନୂଆପଡ଼ା,୯।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ନୂଆପଡ଼ା ଉପନିର୍ବାଚନ ପାଇଁ ସରିଲା ପ୍ରଚାର। ଆସନ୍ତା ୧୧ ତାରିଖରେ ପଡିବ ଭୋଟ୍। କିଛିଦିନ ଧରି ଏହି ଉପ ନିର୍ବାଚନ ନୂଆପଡାବାସୀଙ୍କୁ ଦେଉଛି ନୂଆ ଅନୁଭୂତି। ସକାଳ ହେଲେ ମାଳମାଳ ନେତା ଆଉ ସେମାନଙ୍କ ମାରାଥନ ପ୍ରଚାର। ଯେଉଁ ଗାଁର ରାସ୍ତାରେ ଦିନେ ଗୋଟିଏ ଗାଡି କାଁ ଭାଁ ଦେଖା ଯାଉଥିଲା ସେଠି ନାମୀ ଦାମୀ ଗାଡି ଦୌଡିଲା ଆଉ ହେଲିକପ୍ଟର ଓହ୍ଲାଇଲା। ତେବେ ଆଜି ସେହି ପ୍ରଚାରରେ ପୂର୍ଣ୍ଣଚ୍ଛେଦ ପଡିଛି। ନିର୍ବାଚନ ଆଚରଣ ସଂହିତା ଅନୁଯାଇ ସନ୍ଧ୍ୟା ୪ଟାରୁ ଆରମ୍ଭ ହୋଇଛି ସାଇଲେନ୍ସ ପିରିୟଡ। ସବୁ ପୋଲିଂ ଶାନ୍ତିଶୃଙ୍ଖଳାରେ ହେବ। ୫୭ ସମ୍ବେଦନଶୀଳ ବୁଥ୍ ଅଛି। ସବୁ ବୁଥରେ ପୋଲିସ ବ୍ୟବସ୍ଥା ହୋଇଛି। କେନ୍ଦ୍ରୀୟ ସୁରକ୍ଷା ବଳ ମଧ୍ୟ ମୁତୟନ ଅଛନ୍ତି।

ତେବେ ଶେଷ ଦିନରେ ତିନି ପ୍ରମୁଖ ଦଳ ଶେଷ ପ୍ରଚାର କରିଛନ୍ତି। ଆଉ ପ୍ରଚାରର ମଙ୍ଗ ଧରିଛନ୍ତି ନିଜେ ପ୍ରାର୍ଥୀ। ତିନି ପ୍ରମୁଖ ଦଳ ବିଜେପି ପ୍ରାର୍ଥୀ ଜୟ ଢୋଲକିଆ, ବିଜେଡିର ସ୍ନେହାଙ୍ଗିନୀ ଛୁରିଆ, କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀ। ନୂଆପଡ଼ା ଉପ ନିର୍ବାଚନ ତାରିଖ ଘୋଷଣା ପରଠୁ ତିନି ପ୍ରମୁଖ ଦଳ ଏହି ସିଟ୍ ହାତେଇବା ପାଇଁ ପ୍ରଚାରକୁ ଗୁରୁତ୍ୱ ଦେଇଥିଲେ। ବିଜେପିର ଷ୍ଟାର ପ୍ରଚାରକ ଭାବେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ତିନି ଥର ନୂଆପଡା ଆସି ପ୍ରଚାର କରିଥିଲେ। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ନୂଆପଡାକୁ ଦୁଇଥର ଆସି ରୋଡ୍ ଶୋ' ଓ ସାଧାରଣ ସଭା କରିଛନ୍ତି।

ଅନ୍ୟପଟେ କଂଗ୍ରେସ ପ୍ରଚାରରେ ପଛରେ ପଡିଯାଇଥିଲା। ରେବନ୍ତ ରେଡ୍ଡି, କହେଁୟା କୁମାରଙ୍କ ଭଳି ନେତାଙ୍କୁ ଷ୍ଟାର ପ୍ରଚାରକ ତାଲିକାରେ ରଖିବା ସତ୍ତ୍ୱେ କେହି ନଆସିବାରୁ ରାଜ୍ୟ ନେତୃତ୍ୱ ହିଁ କଂଗ୍ରେସ ପ୍ରଚାରର ମଙ୍ଗ ଧରିଥିଲେ। ସେପଟେ ସମାଜବାଦୀ ପାର୍ଟି ପ୍ରାର୍ଥୀ ରମାକାନ୍ତ ହାତୀଙ୍କ ପ୍ରଚାର ପାଇଁ ଶେଷ ଦିନରେ ସମାଜବାଦୀ ପାର୍ଟି ରାଷ୍ଟ୍ରୀୟ ଅଧକ୍ଷ ଅଖିଳେଶ ସିଂ ଯାଦବ ଆସିଥିଲେ।



## ବିଜେଡି-କଂଗ୍ରେସ ନେତାଙ୍କ ଘରେ ଆଇଟି ରେଡ୍

**ନୂଆପଡ଼ା,୯।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ନୂଆପଡ଼ା ଉପନିର୍ବାଚନ ପାଇଁ ରବିବାର ସରିଛି ପ୍ରଚାର। ଏହାରି ଭିତରେ ନୂଆପଡ଼ାର ଯୁବ କଂଗ୍ରେସ ନେତା ତଥା ବ୍ୟବସାୟୀ ଅଙ୍କିତ ସିଙ୍ଘାଇ ଓ ବିଜେଡି ନେତା ମନୋଜ ମିଶ୍ରଙ୍କ ଘରେ ଆୟକର ବିଭାଗର ଚଢାଉ କରିଛି। ଅଙ୍କିତଙ୍କ ଖରିଆର୍ ରୋଡ଼ ସ୍ଥିତ ବାସଭବନ ଓ ଅଫିସ୍‌ରେ ଆୟକର ବିଭାଗ ଟିମ୍ ପକ୍ଷରୁ ଚଢ଼ାଉ କରିଥିଲା। ଅଙ୍କିତ ସିଙ୍ଘାଇ ହେଉଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଘନିଷ୍ଠ।

ସେହିପରି କୋମନା ସ୍ଥିତ ବିଜେଡି ନେତା ମନୋଜ ମିଶ୍ରଙ୍କ ବାସଭବନରେ ଆୟକର ବିଭାଗର ପକ୍ଷରୁ ଚଢାଉ କରାଯାଇଛି। ମନୋଜ ମିଶ୍ର କୋମନା ବ୍ଲକ୍‌ର ପୂର୍ବତନ ବିଜେଡି ଅଧ୍ୟକ୍ଷ ଥିଲେ। ପୂର୍ବରୁ ନୂଆପଡ଼ା ଜିଲ୍ଲା ବିଜେଡି ସଭାପତି ଥିଲେ, ଏବେ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଅଛନ୍ତି।

ତେବେ ନୂଆପଡ଼ା ଉପନିର୍ବାଚନ ପ୍ରଚାର ଶେଷ ଦିନରେ ଅଙ୍କିତ ଓ ମନୋଜଙ୍କ ଘରେ ଆୟକର ବିଭାଗ ପକ୍ଷରୁ ଚଢାଉ ସାରା ଜିଲ୍ଲାରେ **(ଶେଷ ପୃଷ୍ଠା ଦେଖନ୍ତୁ)**

## ଜାପାନରେ ଭୂମିକମ୍ପ ସୁନାମି ସତର୍କ

**ନୂଆଦିଲ୍ଲୀ,୯।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ରବିବାର ସନ୍ଧ୍ୟାରେ ଉତ୍ତର ଜାପାନରେ ୬.୭ ତୀବ୍ରତାର ଏକ ଭୂମିକମ୍ପ ଅନୁଭୂତ ହୋଇଛି ଏବଂ ଏହା ପରେ ମଧ୍ୟ ଅନେକ ଥର କମ୍ପନ ଅନୁଭୂତ ହୋଇଥିଲା। ଏହା ପରେ ଜାପାନ ପାଣିପାଗ ସଂସ୍ଥା ଜାପାନରେ ସୁନାମି ଚେତାବନୀ ଜାରି କରିଛି।

ସଂସ୍ଥା କହିଛି ଯେ ଇୱାଟେ ପ୍ରିଫେକ୍‌ଚରର ଉପକୂଳରେ ସମୁଦ୍ରରେ ପ୍ରାୟ ୧୦ କିଲୋମିଟର ଗଭୀରତାରେ ଏହି ଭୂମିକମ୍ପ ହୋଇଥିଲା। ଏପର୍ଯ୍ୟନ୍ତ, ଏହି ଅଞ୍ଚଳରେ ଥିବା ଦୁଇଟି ପରମାଣୁ ଶକ୍ତି କେନ୍ଦ୍ରରେ କୌଣସି କ୍ଷତି ହେବାର କୌଣସି ରିପୋର୍ଟ ମିଳିନାହିଁ।

ଭୂମିକମ୍ପ ପରେ ତୁରନ୍ତ, ଜାପାନ ପାଣିପାଗ ସଂସ୍ଥା ସତର୍କ କରିଥିଲା ଯେ ୧ ମିଟର (୩ ଫୁଟ) ଉଚ୍ଚତା ପର୍ଯ୍ୟନ୍ତ ସୁନାମି ତରଙ୍ଗ ଉତ୍ତର ଉପକୂଳ ଅଞ୍ଚଳକୁ ଛୁଇଁପାରେ। ଭୂମିକମ୍ପ ହେବା ପରେ ଏହି ଚେତାବନୀ ଏକ ଘଣ୍ଟା ପର୍ଯ୍ୟନ୍ତ ବଳବତ୍ତର ରହିଥିଲା। ଜାପାନର ସରକାରୀ ନ୍ୟୁଜ ଚ୍ୟାନେଲ ଏନଏଚକେ ଲୋକମାନଙ୍କୁ ଉପକୂଳ ଅଞ୍ଚଳରୁ ଦୂରେଇ ରହିବାକୁ ଅନୁରୋଧ କରିଛି, କାରଣ ସୁନାମି ତରଙ୍ଗ ଯେକୌଣସି ସମୟରେ ଆସିପାରେ। ଏନଏଚକେ ଆହୁରି ମଧ୍ୟ ସତର୍କ କରିଛି ପୁଣି ଥରେ ଭୂକମ୍ପ ଆସିପାରେ।

ଏନଏଚକେ ରିପୋର୍ଟ ଅନୁଯାୟୀ, ଇୱାଟେ ପ୍ରଦେଶର ଓଫୁନାଟୋ ସହର ଏବଂ ଓମିନାଟୋ ବନ୍ଦରରେ ପ୍ରାୟ ୧୦ ସେଣ୍ଟିମିଟର (୪ ଇଞ୍ଚ) **(ଶେଷ ପୃଷ୍ଠା ଦେଖନ୍ତୁ)**

## ଗଡ଼ିଲା ଆଉ ୪ ବନ୍ଦେ ଭାରତ ଟ୍ରେନ୍

**ବାରାଣସୀ,୯।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ଉତ୍ତର ପ୍ରଦେଶସ୍ଥିତ ନିଜର ନିର୍ବାଚନମଣ୍ଡଳୀ ବାରାଣସୀ ଗସ୍ତରେ ଯାଇଥିବାବେଳେ ୪ଟି ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନ୍ ଚଳାଚଳର ଶୁଭାରମ୍ଭ କରିଛନ୍ତି। ଏହି ଚାରିଟି ବନ୍ଦେ ଭାରତ ଟ୍ରେନ ବାରାଣସୀ-ଖଜୁରାହୋ, ଲକ୍ଷ୍ନୌ-ସାହାରନପୁର, ଫିରୋଜପୁର-ଦିଲ୍ଲୀ ଏବଂ ଏର୍ଣ୍ଣାକୁଲମ-ବେଙ୍ଗାଲୁରୁ ରୁଟ୍‌ରେ ଚଳାଚଳ କରିବ। ଏହାଦ୍ୱାରା ସଂପୃକ୍ତ ଷ୍ଟେସନ ମଧ୍ୟରେ ଯାତ୍ରା ଅବଧି ହ୍ରାସ ପାଇବା ସହ ପର୍ଯ୍ୟଟନର ବିକାଶ ଘଟିବ ବୋଲି କୁହାଯାଇଛି। ବାରାଣସୀ-ଖଜୁରାହୋ ବନ୍ଦେ ଭାରତ ଟ୍ରେନ ଚଳାଚଳ କରିବା ଫଳରେ ଯାତ୍ରା ଅବଧି ୨ ଘଣ୍ଟା ୪୦ ମିନିଟ ହ୍ରାସ ପାଇବ। ଏହି ଟ୍ରେନ ବାରାଣସୀ, ପ୍ରୟାଗରାଜ, ଚିତ୍ରକୂଟ ଓ ଖଜୁରାହୋ ଭଳି ଧାର୍ମିକ ଓ ପର୍ଯ୍ୟଟନ ସ୍ଥଳୀକୁ ସଂଯୋଗ କରିବ। ମଧ୍ୟପ୍ରଦେଶରେ ଅବସ୍ଥିତ ଖଜୁରାହୋ ମନ୍ଦିରକୁ ୟୁନେସ୍କୋ ପକ୍ଷରୁ ବିଶ୍ୱ ଐତିହ୍ୟ ମାନ୍ୟତା ମିଳିସାରିଛି।

ଲକ୍ଷ୍ନୌରୁ ଯାତ୍ରାରମ୍ଭ କରୁଥିବା ବନ୍ଦେ ଭାରତ ଟ୍ରେନ ୭ ଘଣ୍ଟା ୪୫ ମିନିଟ ମଧ୍ୟରେ ସାହାରନପୁରରେ ପହଞ୍ଚିବ। ଏହାଦ୍ୱାରା ଯାତ୍ରା ସମୟ ୧ ଘଣ୍ଟା ହ୍ରାସ ପାଇବ। ଏହି ଟ୍ରେନ ଯୋଗୁଁ ସୀତାପୁର, ଶାହାଜାହାନପୁର, ବରେଲୀ, ମୋରାଦାବାଦ, ବିଜ୍‌ନୋର ଓ ସାହାରନପୁର ଯାଉଥିବା ଯାତ୍ରୀ ଉପକୃତ ହେବେ। ହରିଦ୍ୱାର ଯିବାକୁ ଇଚ୍ଛୁକ ଯାତ୍ରୀ **(ଶେଷ ପୃଷ୍ଠା ଦେଖନ୍ତୁ)**

## ସାଙ୍ଗଙ୍କୁ ରାତ୍ରିଭୋଜନକୁ ଡାକି ଗୁଳି କଲେ ଦୁଇ ନାବାଳକ

**ନୂଆଦିଲ୍ଲୀ,୯।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ହରିୟାଣାର ଗୁରୁଗ୍ରାମରେ ଏକ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି। ଏଠାରେ ଦୁଇଜଣ ନାବାଳକ ସେମାନଙ୍କର ୧୧ଶ ଶ୍ରେଣୀର ସହପାଠୀଙ୍କୁ ରାତ୍ରିଭୋଜନ ପାଇଁ ଡାକିବା ପରେ ତାଙ୍କୁ ଗୁଳି କରିଛନ୍ତି।

ଗୁରୁବାର ବିଳମ୍ବିତ ରାତିରେ ସେକ୍ଟର-୪୮ରେ ଏହି ଘଟଣା ଘଟିଥିଲା। ପୋଲିସ ନିୟନ୍ତ୍ରଣ କକ୍ଷରୁ ସୂଚନା ପାଇବା ପରେ ଘଟଣାସ୍ଥଳରେ ପହଞ୍ଚିଥିଲା। ତେବେ ପୀଡିତଙ୍କୁ ତାଙ୍କ ପରିବାର ଲୋକେ ଡାକ୍ତରଖାନା ନେଇସାରିଥିଲେ। ତଦନ୍ତ ସମୟରେ ପୋଲିସ ଘଟଣାସ୍ଥଳରୁ ଗୋଟିଏ ପିସ୍ତଲ, ଗୋଟିଏ ମାଗଜିନ୍, ପାଞ୍ଚଟି ଜୀବନ୍ତ କାର୍ଟ୍ରିଜ୍ ଏବଂ ଗୋଟିଏ ଖାଲି କାର୍ଟ୍ରିଜ୍ ଜବତ କରିଛି। ଅଭିଯୁକ୍ତର ରୁମ୍‌ରୁ ମଧ୍ୟ ଅଧିକ ୬୫ଟି ଜୀବନ୍ତ କାର୍ଟ୍ରିଜ୍ ମିଳିଛି। ଘଟଣାର କିଛି ଘଣ୍ଟା ମଧ୍ୟରେ ପୋଲିସ ଦୁଇଜଣ ଅଭିଯୁକ୍ତ ନାବାଳକଙ୍କୁ ଗିରଫ କରିଛି।

ପୀଡିତଙ୍କ ମା'ଙ୍କ ଲିଖିତ ଅଭିଯୋଗ ଅନୁଯାୟୀ, ତାଙ୍କ ପୁଅକୁ ତା'ର ଜଣେ ସାଙ୍ଗ ଫୋନ୍ କରି ଦେଖା କରିବାକୁ ଡାକିଥିଲା। ପରେ ଅଭିଯୁକ୍ତର ଭଡ଼ା ଘରେ ଗୁଳିକାଣ୍ଡ ଘଟିଥିଲା। ପୋଲିସର ପ୍ରାରମ୍ଭିକ ଜେରା ବେଳେ ଜଣାପଡ଼ିଛି ଯେ ଦୁଇ ମାସ ପୂର୍ବରୁ ଉଭୟଙ୍କ ମଧ୍ୟରେ ହୋଇଥିବା ପୁରୁଣା ଝଗଡ଼ାର ପ୍ରତିଶୋଧ ନେବା ପାଇଁ ଏହି ଆକ୍ରମଣ କରାଯାଇଥିଲା ଏବଂ ଏହା ଏକ ପୂର୍ବ ଯୋଜନାବଦ୍ଧ **(ଶେଷ ପୃଷ୍ଠା ଦେଖନ୍ତୁ)**

## ୟୁଟ୍ୟୁବ୍ ଦେଖି ଶାଶୁଙ୍କୁ ଜାଳି ଦେଲା ବୋହୂ

**ବିଶାଖାପାଟଣା,୯।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

କ୍ରାଇମ୍ ଥ୍ରୀଲରକୁ ମନେ ପକାଇ ଦେଉଥିବା ଏକ ହୃଦୟବିଦାରକ ଘଟଣାରେ, ବିଶାଖାପାଟଣାର ପେଣ୍ଡୁର୍ଥୀ ପୁଲିସ ଥାନା ଅନ୍ତର୍ଗତ ଭେପାଗୁଣ୍ଟା ନିକଟସ୍ଥ ଆପ୍ପାପାଲେମରେ ଜଣେ ବୋହୂ ନିଜ ପିଲାମାନଙ୍କୁ 'ପୁଲିସ୍ ଏବଂ ଚୋର' ଖେଳ ଖେଳିବା ଆଳରେ ତାଙ୍କ ଶାଶୁଙ୍କୁ ନିଆଁ ଲଗାଇ ହତ୍ୟା କରିଛନ୍ତି। ପଶ୍ଚିମ ଜୋନ୍ ଏସିପି ପ୍ରଦୀପ ତେଜାଙ୍କ ଅନୁଯାୟୀ, ମୃତ ଜୟନ୍ତୀ କାନାକା ମହାଲକ୍ଷ୍ମୀ (୬୩) ତାଙ୍କ ପୁଅ ଜୟନ୍ତୀ ସୁବ୍ରମଣ୍ୟମ, ବୋହୂ ଲଳିତା ଦେବୀ (୩୦), ନାତି ଈଶ୍ୱର ଚନ୍ଦ୍ର ଏବଂ ନାତୁଣୀ ଶ୍ରୀନୟନା ତଥା ପୁତୁରା ଶରତଙ୍କ ସହ ଆପ୍ପାପାଲେମର ଆପାର୍ଟମେଣ୍ଟରେ ରହୁଥିଲେ।

ସୁବ୍ରମଣ୍ୟମ ଏବଂ ଲଳିତା ୧୨ ବର୍ଷ ତଳେ ବିବାହ କରିଥିଲେ। କିନ୍ତୁ ଲଳିତା ଏବଂ ତାଙ୍କ ଶାଶୁଙ୍କ ମଧ୍ୟରେ ବିବାଦ ବିବାହର ପ୍ରାରମ୍ଭିକ ଦିନରୁ ଲାଗି ରହିଥିଲା। ବିବାଦ ପାରିବାରିକ ସମ୍ପର୍କକୁ ଖରାପ କରିଦେଇଥିଲା। ନିତି ଦିନିଆ କଳହ ଯୋଗୁ ବିରକ୍ତ ହୋଇ ଲଳିତା ତାଙ୍କ ଶାଶୁଙ୍କୁ ହତ୍ୟା କରିବାକୁ ନିଷ୍ପତ୍ତି ନେଇଥିବା ଅଭିଯୋଗ ହୋଇଛି।

ତେବେ ହତ୍ୟା କିପରି କରିବେ ଏବଂ ଧରା ନପଡିବାରୁ କିପରି ରକ୍ଷା ପାଇବେ ତାହା ଜାଣିବା ପାଇଁ ସେ ୟୁଟ୍ୟୁବ୍‌ରେ ଅପରାଧ ଭିଡିଓ ଦେଖିଥିଲେ। ନଭେମ୍ବର ୬ ତାରିଖରେ, ଲଳିତା ସିଂହାଚଳମ୍ ଗୋଶାଳା ନିକଟସ୍ଥ ଏକ ପେଟ୍ରୋଲ ଷ୍ଟେସନରୁ ଘରକୁ ଏକ ଲିଟର ପେଟ୍ରୋଲ ଆଣିଥିଲେ।



ପରଦିନ ସକାଳେ ଯେତେବେଳେ ତାଙ୍କ ସ୍ୱାମୀ ଏବଂ ପୁତୁରା କାମକୁ ଗଲେ, ସେ ଅଭିନୟ କରିବାକୁ ନିଷ୍ପତ୍ତି ନେଇଥିଲେ। ଲଳିତା ତାଙ୍କ ପିଲାମାନଙ୍କୁ ଚୋର-ପୁଲିସ ଖେଳ ଖେଳିବାକୁ କହିଲେ। ସେମାନଙ୍କ ଜେଜେମା ସେମାନଙ୍କୁ ତାଙ୍କ ହାତ ବାନ୍ଧି ଆଖିରେ ପଟି ବାନ୍ଧିବାକୁ କହିଥିଲେ।

ଶାଶୁ କନକା ମହାଲକ୍ଷ୍ମୀ ଏହା ଏକ ଖେଳ ବୋଲି ଭାବି ଏଭଳି କରିବାକୁ ରାଜି ହୋଇ ଯାଇଥିଲେ। ପିଲାମାନେ ତାଙ୍କୁ ବାନ୍ଧିବା ପରେ, ଲଳିତା ତାଙ୍କ ଉପରେ ପେଟ୍ରୋଲ ଢାଳି ଘରର ମନ୍ଦିରରୁ ଏକ ଜଳନ୍ତା ଦୀପ ପକାଇ ଦେଇଥିଲେ। ଯାହା ଫଳରେ ବୃଦ୍ଧା ମହିଳା ଜଣକ ନିଆଁରେ ପୋଡ଼ିଯାଇଥିଲେ।

ତାଙ୍କ ଚିତ୍କାର ଶୁଣି ପଡ଼ୋଶୀମାନେ ଦୌଡ଼ି ଆସି ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ। କିନ୍ତୁ କନକା ମହାଲକ୍ଷ୍ମୀଙ୍କୁ ଗୁରୁତର ପୋଡ଼ି ଯାଇଥିବାରୁ ଡାକ୍ତରଖାନା ନେବା ସମୟରେ ମୃତ୍ୟୁବରଣ କରିଥିଲେ।

ପ୍ରଥମେ ଲଳିତା ପୁଲିସ ଏବଂ ପଡ଼ୋଶୀମାନଙ୍କୁ ଭୁଆଁ ବୁଲାଇବାକୁ ଚେଷ୍ଟା କରିଥିଲେ ଯେ, ଅଗ୍ନିକାଣ୍ଡ ପଡ଼ିଯାଇଥିବା ଦୀପ ଯୋଗୁ ଘଟିଛି। କିନ୍ତୁ ପେଟ୍ରୋଲର ଗନ୍ଧ ଯୋଗୁ ତଦନ୍ତକାରୀ ଟିମ୍ ସନ୍ଦେହ କରିଥିଲେ। ପଚରାଉଚରା ସମୟରେ ଲଳିତା ଅପରାଧ ସ୍ୱୀକାର କରିଥିଲେ। ତାଙ୍କ ସ୍ୱାମୀ ସୁବ୍ରହ୍ମଣ୍ୟମଙ୍କ ଅଭିଯୋଗ ଆଧାରରେ, ପୁଲିସ ଲଳିତାଙ୍କୁ ଗିରଫ କରି **(ଶେଷ ପୃଷ୍ଠା ଦେଖନ୍ତୁ)**




## ଉପ ନିର୍ବାଚନ ପ୍ରଚାରରୁ ଦୂରେଇ ରହିଥିଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୯।୧୧: ତଥ୍ୟ**

ଓଡ଼ିଶାରେ ପୂର୍ବରୁ ଥରେ ଏମିତି ଏକ ଉପ ନିର୍ବାଚନ ହୋଇଥିଲା ଯେଉଁଥିରେ ପ୍ରଚାର ପାଇଁ ଯିବାକୁ ମୁଖ୍ୟମନ୍ତ୍ରୀ ରୋକଠୋକ୍ ଭାବେ ମନା କରିଦେଇଥିଲେ। ଦଳୀୟ ପ୍ରାର୍ଥୀ ତାଙ୍କ ତାକତ ଓ ଜିଲ୍ଲାର ଅନ୍ୟ ନେତା ଓ କର୍ମୀମାନଙ୍କ ସହଯୋଗରେ ନିର୍ବାଚନ ଲଢ଼ିବାକୁ ପରାମର୍ଶ ଦେଇ ୧୯୯୧ରେ ପୁରୀ ବିଧାନସଭା ଆସନ ପାଇଁ ହୋଇଥିବା ଉପ ନିର୍ବାଚନ ପ୍ରଚାରରୁ ନିଜକୁ ଦୂରେଇ ରଖିଥିଲେ ସେତେବେଳର ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ। ଏହା ବର୍ତ୍ତମାନର ପ୍ରଚାର ବହୁଳ ଓ ଆକ୍ଷେପ-ପ୍ରତି ଆକ୍ଷେପ ରାଜନୀତି ପ୍ରେକ୍ଷାପଟରେ ଅବିଶ୍ୱାସନୀୟ ଲାଗୁଥିଲେ ମଧ୍ୟ ସତ୍ୟ।





୧୯୯୦ରେ ହୋଇଥିବା ବିଧାନସଭା ନିର୍ବାଚନରେ ଜନତା ଦଳ ବିଜୁ ପଟ୍ଟନାୟକଙ୍କ ନେତୃତ୍ୱରେ ଲଢ଼େଇ କରି ରେକର୍ଡ ସଂଖ୍ୟକ ୧୨୩ ଆସନରୁ ଜିଣିଥିଲା। ସେ ବର୍ଷ ମାର୍ଚ୍ଚ ୫ ତାରିଖରେ ବିଜୁବାବୁ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିବାବେଳେ ତାଙ୍କ ମନ୍ତ୍ରିମଣ୍ଡଳ ଗଢ଼ିଥିଲେ ୧୫ ତାରିଖରେ। ଏହି ନିର୍ବାଚନରେ ପୁରୀ ବିଧାନସଭା ଆସନରୁ ଜନତା ଦଳ ପ୍ରାର୍ଥୀ ଭାବେ ବିଜୟୀ ହୋଇଥିଲେ ବ୍ରଜକିଶୋର ତ୍ରିପାଠୀ। ତାଙ୍କୁ ସରକାରୀ ଦଳର ମୁଖ୍ୟ ସଚେତକ ଦାୟିତ୍ୱ ନିର୍ବାହ କରିବାକୁ ପଡ଼ିଥିଲା। ତେବେ ଅସମୟରେ ଲୋକସଭା ଭଙ୍ଗ ହେବା ସହ ସାରା ଦେଶ ଉପରେ ନିର୍ବାଚନ ଲଦି ଦିଆଯିବାରୁ ପୁରୀ ଲୋକସଭା କ୍ଷେତ୍ରରୁ ଜନତା ଦଳ ଶ୍ରୀ ତ୍ରିପାଠୀଙ୍କୁ ପ୍ରାର୍ଥୀ କରିଥିଲା ଏବଂ ସେ ମଧ୍ୟ ବିପୁଳ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ। ଏଥିଯୋଗୁ ତାଙ୍କୁ ପୁରୀ ବିଧାନସଭା ଆସନ ଛାଡ଼ିବାକୁ ପଡ଼ିଥିଲା ଏବଂ ସେଥିପାଇଁ ୧୯୯୧ରେ ଉପ ନିର୍ବାଚନ ହୋଇଥିଲା।

ଏହି ଉପ ନିର୍ବାଚନରେ ଜନତା ଦଳରୁ ପ୍ରାର୍ଥୀ ହୋଇଥିଲେ ସେତେବେଳର ରାଜ୍ୟ ଛାତ୍ର ଜନତା ସଭାପତି ଉମା ବଲ୍ଲଭ ରଥ। ଦଳର ଜିଲ୍ଲା କମିଟି ଶ୍ରୀ ରଥଙ୍କ ନାମ ସୁପାରିସ କରିଥିଲା ଏବଂ ରାଜ୍ୟ କମିଟି ଓ କେନ୍ଦ୍ର ସଂସଦୀୟ ବୋର୍ଡ ଏଥିରେ ଏକମତ ହେବା ପରେ ଶ୍ରୀ ରଥଙ୍କୁ ଜନତା ଦଳ ପୁରୀ ବିଧାନସଭା କ୍ଷେତ୍ର ଲାଗି ହେଉଥିବା ଉପ ନିର୍ବାଚନ ପାଇଁ ପ୍ରାର୍ଥୀ କରିଥିଲା। ସେତେବେଳର ରାଜସ୍ୱ ମନ୍ତ୍ରୀ ସୁରେନ୍ଦ୍ର ନାଥ ନାୟକ, ସାଂସଦ ବ୍ରଜ କିଶୋର ତ୍ରିପାଠୀ, ପୁରୀର ନଗରପାଳ ମହେଶ୍ୱର ମହାନ୍ତି, ମୁଖ୍ୟ ସଚେତକ ଅଜୟ ଜେନା, ଚନ୍ଦ୍ରମାଧବ ମିଶ୍ର, ପ୍ରଦୀପ ମହାରଥି ପ୍ରମୁଖ ଶ୍ରୀ ରଥଙ୍କ ନିର୍ବାଚନ ପ୍ରଚାରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ତେବେ ଶାସକ ଦଳ ପାଇଁ **(ଶେଷ ପୃଷ୍ଠା ଦେଖନ୍ତୁ)**

# ଓଡ଼ିଶା ଏକ୍ସପ୍ରେସ

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୧୦ ନଭେମ୍ବର ୨୦୨୫ । ସୋମବାର




## ବିଦେଶୀ ମଦ ଚାଲାଣ ବେଳେ ଚଢ଼ାଉ, ୨ ଗିରଫ

**ବେତନଟୀ: ଏକ୍ସପ୍ରେସ ନ୍ୟୁଜ୍**

ବାଲେଶ୍ୱର ଜିଲ୍ଲା ରୁପ୍ସା ଅଞ୍ଚଳରୁ ନକଲି ବିଦେଶୀ ମଦ ବେତନଟୀକୁ ଚାଲାଣ ହେଉଥିବା ଖବରପାଇ ବେତନଟୀ ଅବକାରୀ ବିଭାଗ ଦୁଇ ଜଣଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ନକଲି ବିଦେଶୀ ମଦ, ସ୍ପିରିଟ, ବାଇକ, ମୋବାଇଲ ଜବତ କରିଛି । ସୂଚନା ଅନୁସାରେ ମୟୂରଭଞ୍ଜ ଜିଲ୍ଲା ଅବକାରୀ ସୁପେରିଟେଣ୍ଡେଣ୍ଟ ପ୍ରଶାନ୍ତ କୁଅଁରଙ୍କ ନିର୍ଦ୍ଦେଶ କ୍ରମେ ରବିବାର ସକାଳେ ବେତନଟୀ ଅବକାରୀ ଇନ୍ସପେକ୍ଟର ପ୍ରଦୀପ କୁମାର ବେହେରାଙ୍କ ନେତୃତ୍ୱରେ ବାଲେଶ୍ୱର ଜିଲ୍ଲା ରୁପ୍ସା ଅଞ୍ଚଳ ପଟୁ ବେତନଟୀକୁ ବେଆଇନ ଭାବେ ନକଲି ବିଦେଶୀ ମଦ ଚାଲାଣ କରୁଥିବା ଜଣେ ଅଭିଯୁକ୍ତଙ୍କୁ ଫାୟାର ଷ୍ଟେସନ ନିକଟରୁ ଗିରଫ କରାଯାଇଛି । ଅଭିଯୁକ୍ତ ଜଣକ ହେଲେ ରୁପ୍ସା ଅଞ୍ଚଳର ସମେଶ୍ୱର ରାଉତ । ତାଙ୍କ ନିକଟରୁ ସିଲ ନଥିବା ୪୫ଲିଟର ନକଲି ବିଦେଶୀ ମଦ, ୨୦ଲିଟର ସ୍ପିରିଟ, ଏକ ବାଇକ ଓ ମୋବାଇଲ ଜବତ କରିଛି । ସେହିଭଳି ଘଟଣା ଯାଞ୍ଚ ବେଳେ ବେତନଟୀ ଅଞ୍ଚଳର ଜଣେ ମଦ ବ୍ୟବସାୟୀଙ୍କୁ ମଧ୍ୟ ପୋଲିସ ଗିରଫ କରିବା ସହ ତାଙ୍କ ନିକଟରୁ ୧୩ ଲିଟର ସିଲ ଥିବା ବିଦେଶୀ ମଦ ଜବତ କରାଯାଇଛି । ବେଆଇନ ଭାବେ ନକଲି ବିଦେଶୀ ମଦ ରୁପ୍ସାର କେଉଁ ସ୍ଥାନରୁ ଆସୁଛି ଓ ବେତନଟୀର କେଉଁ କେଉଁ ସ୍ଥାନକୁ ଚାଲାଣ ହେଉଛି ସେ ନେଇ ଅଧିକ ତଦନ୍ତ ଜାରି ରହିଥିବା ସୂଚନା ମିଳିଛି । କିଛି ଦିନ ତଳେ ବେତନଟୀ ହାତୀଝୁରି ନିକଟରୁ ଏଭଳି ବହୁଳ ମାତ୍ରା ରେ ନକଲି ବିଦେଶୀ ମଦ ଜବତ ହୋଇଥିଲା ।



## ସିଧାମୂଳା ପଞ୍ଚାୟତରେ ସ୍ମାର୍ଟ ଶ୍ମଶାନ ନିର୍ମାଣ ଦାବି



**ଖଣ୍ଡପଡ଼ା: ଏକ୍ସପ୍ରେସ ନ୍ୟୁଜ୍**

ଦିର୍ଘ ବର୍ଷ ବିତି ଯାଇଥିଲେ ମଧ୍ୟ ଖଣ୍ଡପଡ଼ା ବ୍ଲକ ଅଧିନ ସିଧାମୂଳା ପଞ୍ଚାୟତରେ ଶବଦାହ ନିମନ୍ତେ ଶ୍ମଶାନଟିଏ ନଥିବାରୁ ବିଭିନ୍ନ ସମୟରେ ଅଞ୍ଚଳବାସୀ ସମସ୍ୟାର ସମ୍ମୁଖୀନ ହେଉଥିବା ଜଣାପଡିଛି । ସିଧାମୂଳା ଗ୍ରାମ ପାର୍ଶ୍ୱ ଦେଇ ପ୍ରବାହିତ ଚିରସ୍ରୋତା ମହାନଦୀର ବିଭିନ୍ନ ବାଲୁକାଶଯ୍ୟାରେ ଅଞ୍ଚଳବାସୀ ବର୍ଷ ବର୍ଷ ଧରି ଖୋଲାମେଲାରେ ଶବଦାହ କରି ଆସୁଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ସମଗ୍ର ସିଧାମୂଳା ପଞ୍ଚାୟତରେ ୭ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ବାସ କରୁଥିବା ବେଳେ ମହାନଦୀ ପଠା ଓ ମାଳବନ୍ଧ ପାର୍ଶ୍ୱସ୍ଥ ଚାରଣ ଭୂମି ପାଲଟିଛି ଅଞ୍ଚଳବାସୀଙ୍କ ପାଇଁ ଶବଦାହ ସ୍ଥଳ ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି । ରାଜ୍ୟ ସରକାର ପ୍ରତ୍ୟେକ ପଞ୍ଚାୟତରେ ଏବେ ସ୍ମାର୍ଟ ଶ୍ମଶାନ ନିର୍ମାଣ ନିମନ୍ତେ ଲକ୍ଷ ଲକ୍ଷ ଅନୁଦାନ ଅର୍ଥ ମଞ୍ଜୁର କରୁଥିଲେ ହେଁ ଅଞ୍ଚଳବାସୀଙ୍କ ବାରମ୍ବାର ଦାବି ସତ୍ତ୍ୱେ ମଧ୍ୟ ବ୍ଲକ ପ୍ରଶାସନ ସେଥିପ୍ରତି ଗୁରୁତ୍ୱ ଦେଉନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ବିଶେଷ କରି ବର୍ଷା ଋତୁରେ ମହାନଦୀ ପଠାରେ ଶବଦାହ ନିମନ୍ତେ ସିଧାମୂଳା ପଞ୍ଚାୟତବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାପଡିଛି । ତେବେ ସିଧାମୂଳା ପଞ୍ଚାୟତବାସୀଙ୍କ ସ୍ୱାର୍ଥ ଓ ସୁବିଧାକୁ ଦୃଷ୍ଟିରେ ରଖି ସିଧାମୂଳା ଓ ନିକଟସ୍ଥ ରାଜକିଆରୀ ଗ୍ରାମ ପାର୍ଶ୍ୱସ୍ଥ ସରକାରୀ ଜାଗାରେ ୨ଟି ସ୍ମାର୍ଟ ଶ୍ମଶାନ ସ୍ଥଳ ନିର୍ମାଣ ନିମନ୍ତେ ଖଣ୍ଡପଡ଼ା ବ୍ଲକ ପ୍ରଶାସନ ଓ ଜିଲ୍ଲାପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି । ଖଣ୍ଡପଡ଼ା ବ୍ଲକ ଉନ୍ନୟନ ଅଧିକାରୀ ଅଙ୍କୁର ଅଭିଳାଷଙ୍କୁ ଏ ସଂପର୍କରେ ଯୋଗାଯୋଗ କରିବାରେ ସେଥିପ୍ରତି ସେ ଦୃଷ୍ଟି ଦେବେ ବୋଲି କହିଛନ୍ତି ।

## ପୁରୁଷୋତ୍ତମପୁର ପଞ୍ଚାୟତରେ ବରିଷ୍ଠ ନାଗରିକ ମଞ୍ଚ ଗଠିତ

**କେନ୍ଦ୍ରାପଡା: ଏକ୍ସପ୍ରେସ ନ୍ୟୁଜ୍**

ଶୁକ୍ରବାର ଅପରାହ୍ନ ୪ଘଟିକା ସମୟରେ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ପୁରୁଷୋତ୍ତମପୁର ଗ୍ରାମ ପଞ୍ଚାୟତର ବରିଷ୍ଠ ନାଗରିକମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଅବସର ପ୍ରାପ୍ତ ଶିକ୍ଷକ ଜଗନ୍ନାଥ ମହାନ୍ତିଙ୍କ ଆବାହକତ୍ୱରେ ସେହି ଗ୍ରାମର ମହାବୀର ମନ୍ଦିର ନିକଟସ୍ଥ ଏକ ସଭାଗୃହରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ନିରାକର ମହାନ୍ତି ସଭାପତିତ୍ୱ କରିଥିଲେ । ଉକ୍ତ ବୈଠକରେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଶିକ୍ଷାବିତ୍ କୈଳାଶ ଚନ୍ଦ୍ର ସ୍ୱାଇଁ ସଂଯୋଜକ ଭାବେ ଯୋଗ ଦେଇ ସଂଗଠନର ଆବଶ୍ୟକତା ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଓସ୍ତପୁର ବରିଷ୍ଠ ନାଗରିକ ମଞ୍ଚର ସଭାପତି ଅବସର ପ୍ରାପ୍ତ ଉପନିରିକ୍ଷକ ଶିକ୍ଷାବିତ୍ ମଧୁସୁଦନ ଦାସ ଅତିଥି ରୂପେ ଯୋଗଦାନ କରି ଏ ସଂଗଠନ ମାଧ୍ୟମରେ ପଞ୍ଚାୟତର ବହୁବିଧ ସମସ୍ୟାର ସମାଧାନ ହୋଇପାରିବ ବୋଲି ବକ୍ତବ୍ୟ ରଖିଥିଲେ । ବଗଡା ଗ୍ରାମ ପଞ୍ଚାୟତର ବରିଷ୍ଠ ନାଗରିକ ମଞ୍ଚର ସହ ସଂପାଦକ ଅବସର ପ୍ରାପ୍ତ ଶିକ୍ଷକ ନାରାୟଣ ଚନ୍ଦ୍ର ପଣ୍ଡା ଉକ୍ତ ସଂଗଠନ ମାଧ୍ୟମରେ ପରସ୍ପର ମଧ୍ୟରେ ସୁସମ୍ପର୍କ ସ୍ଥାପନ ହେବା ସଙ୍ଗେସଙ୍ଗେ ନିଜନିଜ ମଧ୍ୟରେ ସୁଖଦୁଃଖ ବ୍ୟକ୍ତ କରିପାରିବେ ବୋଲି ମତବ୍ୟକ୍ତ କରିଥିଲେ । ସଭାପତିଙ୍କ ପରାମର୍ଶ କ୍ରମେ ଏଜୁକେଟିଭ କମିଟି ଗଠନ କରାଗଲା । ଉକ୍ତ କାର୍ଯ୍ୟକାରୀ ସଦସ୍ୟ ମାନଙ୍କ ମଧ୍ୟରେ ଭ୍ରମରବର ସେଠୀ ସଭାପତି, ଜଗନ୍ନାଥ ମହାନ୍ତି ସମ୍ପାଦକ, ବିକ୍ରମ ପରିଡା କୋଷାଧ୍ୟକ୍ଷ, ଭରତ ଚନ୍ଦ୍ର ବିଶ୍ୱାଳ ଉପସଭାପତି, ଉତ୍ତମ ଚରଣ ବେହେରା ସହସଂପାଦକ, ପୁରୁଷୋତ୍ତମ ମହାନ୍ତି ସାଂସ୍କୃତିକ ସମ୍ପାଦକ, ରବିନ୍ଦ୍ର କୁମାର ଦାସ ଗଣମାଧ୍ୟମ ସମ୍ପାଦକ ରୂପେ ମନୋନୀତ କରାଗଲା । ସର୍ବ ଶେଷରେ ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଦିଆଯାଇ ସଭାସାଙ୍ଗ କରାଗଲା ।

## ସ୍ୱପ୍ନ ଦେଖ, ନମ୍ର ରୁହ, ସଫଳତା ପାଅ: ଏସ୍ଏନ୍ ସୁବ୍ରମଣ୍ୟମ୍

**ଭୁବନେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**

ସ୍ୱପ୍ନ ଦେଖ, ନମ୍ର ରୁହ ଓ ନିଜର ୩୫ ବର୍ଷ ବୟସ ହେବା ପୂର୍ବରୁ କିଛି ସଫଳତା ହାସଲ କରି ଦେଖାଅ ବୋଲି ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇ କହିଛନ୍ତି କର୍ପୋରେଟ୍ ଇଣ୍ଡିଆର ଅନ୍ୟତମ ପ୍ରମୁଖ ବ୍ୟକ୍ତି, ଲାର୍ସନ୍ ଆଣ୍ଡ୍ ଟୁବ୍ରୋ (ଏଲଆଣ୍ଡଟି) ଅଧକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଏସ୍. ଏନ୍. ସୁବ୍ରମଣ୍ୟମ୍ । କିଟ୍ ମ୍ୟାନେଜମେଣ୍ଟ ସ୍କୁଲ୍ ଦ୍ୱାରା ଆୟୋଜିତ 'ଶିକ୍ଷ ସିମ୍ପୋଜିମ୍ ୫.୦'ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ସୁବ୍ରମଣ୍ୟମ୍ ସବୁଜ ହାଇଡ୍ରୋଜେନ୍ ବିପ୍ଳବ, କୃତ୍ରିମ ବୁଦ୍ଧିମତ୍ତା ଓ ଇଭି ରୂପାନ୍ତରଣରୁ ସୃଷ୍ଟି ହେଉଥିବା ସୁଯୋଗଗୁଡ଼ିକୁ ହାସଲ କରିବା ଉପରେ ଗୁରୁତ୍ୱ ଦେଇଥିଲେ । ନବୀକରଣ ଯୋଗ୍ୟ ଶକ୍ତି, କୃତ୍ରିମ ବୁଦ୍ଧିମତ୍ତା ଓ ସ୍ଥାୟୀ ପ୍ରଯୁକ୍ତିବିଦ୍ୟା ଦ୍ୱାରା ଆଦୃତ ରୂପାନ୍ତରିତ ଶିଳ୍ପ ଦୃଶ୍ୟପଟ୍ଟ ଉପରେ ସେ ଆଲୋକପାତ କରିଥିଲେ । ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇ ସେ କହିଲେ, ଶିକ୍ଷା ପାଇଁ ତୁମେମାନେ ତୁମ ପିତାମାତା ଏବଂ ଶିକ୍ଷକଙ୍କ ବଳିଦାନକୁ କେବେ ଭୁଲିଯାଅ ନାହିଁ । ନିଜର ଜିଜ୍ଞାସାକୁ ଆହୁରି ବଢ଼ାଇବା ସହ କରିପାରିବି, କରିବି ଓ ଏହାକୁ ସାକାର କରିବି ମନୋଭାବରେ ଅଗ୍ରସର ହେବାକୁ ସେ ଆହ୍ୱାନ କରିଥିଲେ ।

ଭବିଷ୍ୟତକୁ ଆକାର ଦେଉଥିବା ପ୍ରମୁଖ ବିଶ୍ୱ ପରିବର୍ତ୍ତନ ଉପରେ ଆଲୋକପାତ କରି ସେ କହିଲେ, ସୌର ଏବଂ ସବୁଜ ହାଇଡ୍ରୋଜେନ୍ ବିପ୍ଳବରୁ କୃତ୍ରିମ ବୁଦ୍ଧିମତ୍ତା ଏବଂ ଇଭି ରୂପାନ୍ତର ହେଉଛି । ୟୁଏଇ ଭଳି ଦେଶଗୁଡ଼ିକ ପୂର୍ବରୁ ନବୀକରଣ ଯୋଗ୍ୟ ଶକ୍ତି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରୁଛନ୍ତି । ଆବୁଧାବିର ସଂପୂର୍ଣ୍ଣ ଶକ୍ତି ବ୍ୟାଟେରୀ ସିଷ୍ଟମ ଦ୍ୱାରା ପରିଚାଳିତ ବୋଲି ସେ ସୂଚନା ଦେଇଥିଲେ । ସେ ଛାତ୍ରଛାତ୍ରୀମାନଙ୍କୁ ଏଆଇ, ଇଭି ଓ ସବୁଜ ଶକ୍ତିରେ ଦେଖା ଦେଉଥିବା ବିଶାଳ ସୁଯୋଗର ଅନୁସନ୍ଧାନ କରିବାକୁ ଆହ୍ୱାନ କରିଥିଲେ । କର୍ପୋରେଟ୍ ଜ୍ଞାନ ଏବଂ ବ୍ୟକ୍ତିଗତ ପରାମର୍ଶକୁ ମିଶ୍ରଣ କରି ଶ୍ରୀ ସୁବ୍ରମଣ୍ୟମ୍ ଛାତ୍ରଛାତ୍ରୀଙ୍କୁ ଦୃଢ଼ ରହିବା ଏବଂ ସେମାନଙ୍କର ମୂଳକୁ ମୂଲ୍ୟ ଦେବା ପାଇଁ ପରାମର୍ଶ ଦେଇଥିଲେ ।

ଏହି କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ, କିଟ୍ ସ୍କୁଲ୍ ଅଫ୍ ମ୍ୟାନେଜମେଣ୍ଟ ନିର୍ଦ୍ଦେଶକ ଡ କୁମାର ମହାନ୍ତି ଏବଂ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ । ପୂର୍ବାହ୍ନରେ ସେ କିଟ୍ ଓ କିସ୍ କ୍ୟାମ୍ପସ ପରିଦର୍ଶନ କରିବା କିସ୍ ଛାତ୍ରଛାତ୍ରୀଙ୍କ ସହ ଦୀର୍ଘ ସମୟ ଅତିବାହିତ କରିଥିଲେ । କିସ୍ ଜରିଆରେ ହଜାର ହଜାର ଜନଜାତି ଛାତ୍ରଛାତ୍ରୀଙ୍କୁ ସଶକ୍ତ କରିବା ଦିଗରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଉଦ୍ୟମକୁ ସେ ଭୂୟସୀ ପ୍ରଶଂସା କରିଥିଲେ ।



## ପ୍ରଥମାଷ୍ଟମୀରେ ଖୋଜା ପଡେ ହଳଦୀପତ୍ର

**ମାହାଙ୍ଗା: ଏକ୍ସପ୍ରେସ ନ୍ୟୁଜ୍**



ଓଡିଶାରେ ବର୍ଷକରେ ବାର ମାସରେ ତେର ପର୍ବ ପାଳନ କରାଯାଏ । ପ୍ରତ୍ୟେକ ପର୍ବପର୍ବାଣୀକୁ ଓଡିଆମାନେ ଭିନ୍ନ ଭିନ୍ନ ଢଙ୍ଗରେ ଭାବେ ପାଳନ କରିଥାନ୍ତି । ସେଥିମଧ୍ୟରୁ ପ୍ରଥମାଷ୍ଟମୀ ହେଉଛି ଅନ୍ୟତମ । ଚଳିତ ବର୍ଷ ପ୍ରଥମାଷ୍ଟମୀ ବୁଧବାର ପଡୁଥିବାରୁ ଗାଁ ଠୁ ସହର ହାଟ ବଜାରରେ ହଳଦୀପତ୍ର ପାଇଁ ବେଶ ଭିଡ ଲାଗିଥିବା ଦେଖିବାକୁ ମିଳିଛି । ଏହି ପର୍ବରେ ଗଢା ଯାଉଥିବା ଏଣ୍ଡୁରୀ ପିଠା ଏକ ନିଆରା ପିଠା । ଏହି ଏଣ୍ଡୁରୀ ପିଠା ପାଇଁ ଖୋଜା ପଡେ ହଳଦୀପତ୍ର । ବିଶେଷ କରି ହଳଦୀପତ୍ରରେ ଉଆପଖିଆ ଚାଉଳରେ ଏଣ୍ଡୁରୀ ପିଠା ତିଆରି କରାଯାଇଥାଏ । ଯାହାର ବାସ୍ନା ସଂପୁର୍ଣ୍ଣ ଭିନ୍ନ । ପରମ୍ପରା ଅନୁଯାୟୀ ଘରର ଜ୍ୟେଷ୍ଠ ପୁତ୍ର ଓ ଝିଅ ସମ୍ମାନ ଜଣାଇ ପରୁଆଁ କରାଯାଇଥାଏ । ହଳଦୀପତ୍ରରେ ତିଆରି ଏଣ୍ଡୁରୀ ପିଠା ସ୍ୱାସ୍ଥ୍ୟ ପାଇଁ ହିତକର । ବର୍ତ୍ତମାନ ବଜାରରେ ହଳଦୀପତ୍ର ବିଡାକୁ ୧୦ରୁ ୨୦ ଟଙ୍କା ବିକ୍ରି କରାଯାଉଥିବା ଦେଖିବାକୁ ମିଳିଛି ।

## ଜିଲ୍ଲାରେ ବନ୍ଦେ ମାତରମ୍‌ର ଉତ୍ସବ

**ମାଲକାନଗିରି: ଏକ୍ସପ୍ରେସ ନ୍ୟୁଜ୍**

ମାଲକାନାଗିରି ଜିଲ୍ଲାରେ ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ଉତ୍ସବ ପାଳନ କରାଯାଇଛି । ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବରଙ୍କ ଅଧକ୍ଷତାରେ ପୂର୍ବାହ୍ନ ୧୦ଟାରେ ସାମୁହିକ ବନ୍ଦେ ମାତରମ୍ ସଙ୍ଗୀତ ଗାନ କରାଯାଇଛି । ବନ୍ଦେ ମାତରମ୍ କେବଳ ଗୀତ ନୁହେଁ, ଏହା ରାଷ୍ଟ୍ରପ୍ରେମ, ତ୍ୟାଗ ଓ ରାଷ୍ଟ୍ର ପ୍ରତି ସମର୍ପଣ ଭାବର ପ୍ରତୀକ । ଆଜି ଆମେ ସମସ୍ତେ ସାରା ଭାରତର ଲୋକ, କାଶ୍ମୀରରୁ କନ୍ୟା କୁମାରୀ ପର୍ଯ୍ୟନ୍ତ ବନ୍ଦେ ମାତରମ୍‌କୁ ସାମୁହିକ ଭାବେ ଗାନ କରିବାର ପ୍ରଭାବ ଖୁବ୍ ସୁଦୂରପ୍ରସାରୀ ହୋଇପାରିଛି । ବିଶେଷ କରି ଛୋଟ ଛୋଟ ପିଲା, ଛାତ୍ର ଓ ଯୁବକମାନଙ୍କ ଉପରେ ଏହାର ଖୁବ୍ ପ୍ରଭାବ ରହିବ । ଆଗାମୀ ଦିନରେ ଏହା ରାଷ୍ଟ୍ରବାଦକୁ ଏକ ନୂଆ ସଂଜ୍ଞା ଦେବାରେ ସଫଳ ହେବ ବୋଲି ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଶବର ଏହି ଅବସରରେ ମତ ପ୍ରକାଶ କରିଛନ୍ତି । ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଲାଇଭ ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଉଦଘାଟିତ ହୋଇଥିବା ବନ୍ଦେ ମାତରମ୍ କାର୍ଯ୍ୟକ୍ରମର ପ୍ରସାରଣ କରାଯାଇଥିଲା । ସେହିପରି ଜିଲ୍ଲା ଆରକ୍ଷୀ କାର୍ଯ୍ୟାଳୟରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରାଜକିଶୋର ଦାସଙ୍କ ଅଧକ୍ଷତାରେ ସମସ୍ତ ପୋଲିସ୍ କର୍ମଚାରୀଙ୍କ ଉପସ୍ଥିତିରେ ସାମୁହିକ ବନ୍ଦେ ମାତରମ୍ ସଙ୍ଗୀତ ଗାନ କରାଯାଇଛି । ଏହି ସଂଗୀତ ବିଭିନ୍ନ ବର୍ଗର, ବିଭିନ୍ନ ଜାତିର ଏବଂ ବିଭିନ୍ନ ଧର୍ମର ଲୋକଙ୍କୁ ଏକତ୍ରିତ କରାଇ ନିଜ ଭିତରେ ଏକ ଦେଶାତ୍ମକ ବୋଧ ଭାବନାକୁ ଉଦ୍ରେକ କରିବା ପାଇଁ ଉଦ୍ଦିଷ୍ଟ ବୋଲି ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ଦାସ କହିଛନ୍ତି । ସେ ଆହୁରି ମଧ୍ୟ କହିଥିଲେ ଯେ ଆଜିର ଯୁବ ସମାଜଙ୍କ ମନରେ ଏହି ଭାବନା ଆସ୍ତେ ଆସ୍ତେ ଦୂରେଇ ଯାଉଛି । ଏହି ବନ୍ଦେ ମାତରଂ ଜାତୀୟ ବୋଧ ସଙ୍ଗୀତ ଗାନ କରିବା ଦ୍ୱାରା ଯେଉଁ ଲୋମହର୍ଷଣକାରୀ ପଦ ଏଥିରେ ବ୍ୟବହାର ହୋଇଛି ପ୍ରକୃତରେ ତାହା ସେମାନଙ୍କ ମନରେ ଲୁପ୍ତ ପାଇ ଯାଉଥିବା ଜାତୀୟତା ଭାବକୁ ନିଶ୍ଚିତ ଭାବେ ଉଦ୍ରେକ କରିବ । କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ କାର୍ଯ୍ୟାଳୟର କର୍ମଚାରୀ ଓ ଜିଲ୍ଲା ପୋଲିସ କାର୍ଯ୍ୟାଳୟ ଠାରେ ପୋଲିସ୍ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।

### ବାଣିଜ୍ୟ

## ବିଶ୍ୱବ୍ୟାଙ୍କ ରିପୋର୍ଟ: ଭାରତର ଆର୍ଥିକ ବ୍ୟବସ୍ଥା ପୂର୍ବାପେକ୍ଷା ସୁଦୃଢ

**ମୁମ୍ବାଇ: ଏକ୍ସପ୍ରେସ ନ୍ୟୁଜ୍**

ଭାରତର ଆର୍ଥିକ ବ୍ୟବସ୍ଥା ପୂର୍ବାପେକ୍ଷା ଅଧିକ ମଜଭୁତ ହୋଇଛି । କେବଳ ମଜଭୁତ ନୁହେଁ ବ୍ୟାପକ ଏବଂ ସମାବେଶୀ ମଧ୍ୟ ହୋଇଛି । ବିଶ୍ୱ ବ୍ୟାଙ୍କ ଏବଂ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍ଏଫ୍) ପକ୍ଷରୁ ପ୍ରକାଶିତ ଆର୍ଥିକ କ୍ଷେତ୍ର ଆକଳନ କାର୍ଯ୍ୟକ୍ରମ (ଏଫ୍ଏସ୍ଏପି) ରିପୋର୍ଟରେ ଏହା କୁହାଯାଇଛି । ୨୦୧୭ ମସିହାରେ କରାଯାଇଥିବା ଆକଳନ ତୁଳନାରେ ବର୍ତ୍ତମାନ ଆକଳନରେ ଏହି ଉନ୍ନତି ଆସିଛି । ବିଶ୍ୱବ୍ୟାଙ୍କ ପକ୍ଷରୁ ଆର୍ଥିକ କ୍ଷେତ୍ରର ଆକଳନ (ଏଫ୍ଏସ୍ଏ) ରିପୋର୍ଟ ଗତମାସ ୩୦ ତାରିଖରେ ପ୍ରକାଶ କରାଯାଇଥିବାବେଳେ ଆଇଏମ୍ଏଫ୍ ପକ୍ଷରୁ ଚଳିତବର୍ଷ ଫେବ୍ରୁଆରିରେ ରିପୋର୍ଟ ପ୍ରକାଶ କରାଯାଇଥିଲା । ୨୦୨୪ରେ ମିଳିତଭାବେ ସେମାନେ ଏସଂକ୍ରାନ୍ତରେ ଅନୁଧ୍ୟାନ କରିଥିଲେ ।

ଏଫ୍ଏସ୍ଏ ରିପୋର୍ଟରେ କୁହାଯାଇଛି ଯେ ଆର୍ଥିକ କ୍ଷେତ୍ରର ସଂସ୍କାର କାରଣରୁ ଭାରତର ଅର୍ଥନୀତି ଗତ ଦଶନ୍ଧିର ଚାପଗ୍ରସ୍ତ ସମୟ ଏବଂ କରୋନା ମହାମାରୀ କବଳରୁ ମୁକୁଳି ପାରିଛି । ତେବେ ସଂସ୍କାରର ଗତିକୁ ଜାରି ରଖାଗଲେ ହିଁ ୨୦୪୭ ସୁଦ୍ଧା ଭାରତର ଅର୍ଥନୀତିକୁ ୩୦ ଟ୍ରିଲିଅନ ଡଲାର ଅର୍ଥନୀତିରେ ପରିଣତ କରିବା ପାଇଁ ଯେଉଁ ଲକ୍ଷ୍ୟ ରଖାଯାଇଛି ତାହା ହାସଲ ହୋଇପାରିବ । ଆର୍ଥିକ ସଂସ୍କାର ସହିତ ଅଧିକରୁ ଅଧିକ ଘରୋଇ ପୁଞ୍ଜି ଯୋଗାଡକୁ ଏଥିରେ ଗୁରୁତ୍ୱାରୋପ କରାଯାଇଛି ।

ଭାରତ ଏହାର ନିୟାମକ ନିରୀକ୍ଷଣ ବ୍ୟବସ୍ଥାକୁ ସମବାୟ ବ୍ୟାଙ୍କ କ୍ଷେତ୍ରକୁ ସଂପ୍ରସାରିତ କରିଛି । ନିୟମକୁ କଡାକଡି କରିଛି । ଏନ୍‌ବିଏଫ୍‌ସି କ୍ଷେତ୍ର ପାଇଁ ନିଆଯାଇଥିବା ପଦକ୍ଷେପକୁ ମଧ୍ୟ ବିଶ୍ୱବ୍ୟାଙ୍କ ପ୍ରଶଂସା କରିଛି । ତେବେ ଏଗୁଡିକର ଋଣଜନିତ ବିପଦ ପରିଚାଳନାକୁ ଅଧିକ ମଜଭୁତ କରିବା ସହିତ ଉଭୟ ବ୍ୟାଙ୍କ ଏବଂ ଅଣବ୍ୟାଙ୍କଗୁଡିକର ନିରୀକ୍ଷଣ ବ୍ୟବସ୍ଥାରେ ଉନ୍ନତି ଆଣିବାକୁ ମତ ଦେଇଛି ।

ସିକ୍ୟୁରିଟିଜ୍ ବଜାରର ନିରୀକ୍ଷଣ ବ୍ୟବସ୍ଥା ମଧ୍ୟ ଭଲ ରହିଥିବା କୁହାଯାଇଛି । ତେବେ ମ୍ୟୁଚୁଆଲ ଫଣ୍ଡ୍ କ୍ଷେତ୍ରରେ ଅଧିକ ସମନ୍ୱିତ ଆଭିମୁଖ୍ୟର ଆବଶ୍ୟକତା ରହିଥିବା କୁହାଯାଇଛି ।

ବିଶ୍ୱବ୍ୟାଙ୍କ ଏହାର ରିପୋର୍ଟରେ ଭାରତର ବିଶ୍ୱଶ୍ରେଣୀର ଡିଜିଟାଲ ଭିତ୍ତିଭୂମିକୁ ପ୍ରଶଂସା କରିଛି । ସେହିଭଳି ସରକାରୀ କାର୍ଯ୍ୟକ୍ରମଗୁଡିକ ମଧ୍ୟ ଉଭୟ ପୁରୁଷ ଓ ମହିଳାଙ୍କ ପାଇଁ ବିଭିନ୍ନ ପ୍ରକାର ଆର୍ଥିକ ସେବା ପାଇବା କ୍ଷେତ୍ରରେ ସହାୟକ ହୋଇଛି । ତେବେ ଆକାଉଣ୍ଟ ବ୍ୟବହାରକୁ ବଢାଇବା ସହିତ ଲୋକ ଏବଂ ଏମ୍ଏସ୍ଏମ୍ଇଗୁଡିକ ପାଇଁ ବ୍ୟାପକ ବର୍ଗର ଆର୍ଥିକ ସେବା ପହଞ୍ଚାଇବା ଉପରେ ଗୁରୁତ୍ୱାରୋପ କରାଯାଇଛି । ଭାରତର କ୍ୟାପିଟାଲ ମାର୍କେଟ (ଇକ୍ୱିଟି, ସରକାରୀ ବଣ୍ଡ୍ ଏବଂ କର୍ପୋରେଟ୍ ବଣ୍ଡ୍) ୨୦୧୭ ମସିହାର ଏଫ୍ଏସ୍ଏପି ତୁଳନାରେ ୧୪୪ ପ୍ରତିଶତ ବୃଦ୍ଧି ପାଇ ଜିଡିପିର ପ୍ରାୟ ୧୭୫ ପ୍ରତିଶତରେ ପହଞ୍ଚିଛି । ବଳିଷ୍ଠ କ୍ୟାପିଟାଲ ମାର୍କେଟ ଭିତ୍ତିଭୂମି ଏବଂ ନିବେଶକ ସଂଖ୍ୟା ବୃଦ୍ଧି କାରଣରୁ ଏଭଳି ହୋଇଛି । ଆଇଏମ୍ଏଫ୍ ଏବଂ ବିଶ୍ୱବ୍ୟାଙ୍କ ପକ୍ଷରୁ ଭାରତର ଆର୍ଥିକ କ୍ଷେତ୍ରର ଆକଳନ ସଂପର୍କିତ ରିପୋର୍ଟକୁ ଭାରତ ସ୍ୱାଗତ କରିଛି ।




## ପୋଷ୍ୟଗ୍ରାମ ଆଲୋକୀକରଣ ଯୋଜନାକୁ ୯ବର୍ଷ ପୂରିବ

# ଅନ୍ଧାରରେ ଆଲୁଅ ଖୋଜୁଛି ଆଲୋକୀକରଣ ଯୋଜନା

**ଭଦ୍ରକ: ଏକ୍ସପ୍ରେସ ନ୍ୟୁଜ୍**

ମସିହାରେ ଗ୍ରାମାଂଚଳର ବିକାଶ ସକାଶେ ପ୍ରଧାନମନ୍ତ୍ରୀ ଆରମ୍ଭ କରିଥିଲେ ସାଂସଦଙ୍କ ପୋଷ୍ୟଗ୍ରାମ ଗ୍ରହଣ ଯୋଜନା । ଦେଶର ସାଂସଦଙ୍କୁ ପର୍ଯ୍ୟାୟ କ୍ରମେ ନିଜ ଅଂଚଳରେ ଥିବା ଗୋଟିଏ ଗୋଟିଏ ପଂଚାୟତକୁ ପୋଷ୍ୟଗ୍ରାମ ଭାବେ ଗ୍ରହଣ କରି ଏହାର ସାମଗ୍ରୀକ ବିକାଶ ପ୍ରତି ଧ୍ୟାନ ଦେବାକୁ କୁହାଯାଇଥିଲା । ପ୍ରାଧାନମନ୍ତ୍ରୀଙ୍କ ଏହି ଘୋଷଣାକୁ ଆଧାରକରି ତତ୍କାଳୀନ ଭଦ୍ରକ ସାଂସଦ ସ୍ୱର୍ଗତ ଅର୍ଜ୍ଜୁନ ଚରଣ ସେଠୀ ବନ୍ତ ବ୍ଲକ ପୁରୁଷଣ୍ଡ ପଂଚାୟତକୁ ପ୍ରଥମ ପୋଷ୍ୟଗ୍ରାମ ଭାବେ ଗ୍ରହଣ କରିଥିଲେ । ଗ୍ରାମର ବିକାଶ ପାଇଁ ବିଭିନ୍ନ ପ୍ରକାର ଯୋଜନା ପ୍ରସ୍ତୁତ କରି ନିଜ ହାତ ପାଣ୍ଠିରୁ ଅର୍ଥ ମଧ୍ୟ ମଂଜୁର କରିଥିଲେ । ଉକ୍ତ ଯୋଜନା ମଧ୍ୟରୁ ପୋଷ୍ୟଗ୍ରାମ ଆଲୋକୀକରଣ ଯୋଜନା ଅନ୍ୟତମ । ୨୦୧୬ ଡ଼ିସେମ୍ବର ୨୧ ତାରିଖରେ ସାଂସଦଙ୍କ ହାତ ପାଣ୍ଠି ଅର୍ଥରେ ଲୋକାର୍ପିତ ହୋଇଥିଲା ପୋଷ୍ୟଗ୍ରାମ ଆଲୋକୀକରଣ ଯୋଜନା । ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୯୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୫୩ଟି ଆଲୋକ ସ୍ତମ୍ଭ ଲୋକାର୍ପଣ କରାଯାଇଥିଲା । ଇତି ମଧ୍ୟରେ ଉକ୍ତ ଯୋଜନାକୁ ୯ବର୍ଷ ପୂରିବ । ତେବେ ରକ୍ଷଣାବେକ୍ଷଣ ଅଭାବରୁ ଧୀରେ ଧୀରେ କିଛି ସ୍ତମ୍ଭକୁ ଛାଡ଼ି ଦେଲେ ଆଉ ସବୁ ସ୍ତମ୍ଭ ଅକାମି ହୋଇ ପଡ଼ିଥିଲା । ଅନ୍ଧାରରେ ବୁଡ଼ି ରହିଥିବା ସାଂସଦଙ୍କ ପୋଷ୍ୟଗ୍ରାମ ପୁରୁଷଣ୍ଡ ଆଲୋକ ଖୋଜିବାରେ ଲାଗିଥିବାବେଳେ ତତ୍କାଳୀନ ସ୍ଥାନୀୟ ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ପ୍ରଚେଷ୍ଟାରେ ତାଙ୍କ ନିଜସ୍ୱ ପାଣ୍ଠିରୁ ୨୦୨୧-୨୦୨୨ ଆର୍ଥିକ ବର୍ଷରେ ମହତାବ ଛକ ଠାରୁ କୁପାରୀ ରାସ୍ତା ପର୍ଯ୍ୟନ୍ତ ୬ଲକ୍ଷ, ସିଟି ସ୍କୁଲ ଠାରୁ କେସିଭିଏମ ହାଇସ୍କୁଲ ପର୍ଯ୍ୟନ୍ତ ସାଢେ ୬ଲକ୍ଷ ଓ କେସିଭିଏମ ହାଇସ୍କୁଲ ଠାରୁ କୁପାରୀ ଛକ ପର୍ଯ୍ୟନ୍ତ ସାଢେ ୬ ଲକ୍ଷ ଟଙ୍କା ଏହିପରି ୧୯ଲକ୍ଷ ଟଙ୍କା ଖର୍ଚ୍ଚରେ ଆଲୋକୀକରଣର ବ୍ୟବସ୍ଥା କରାଯାଇଥିଲା । ୨୦୨୩ ଜାନୁଆରୀ ୧୭ ତାରିଖରେ ଏହାର ଶୁଭାରମ୍ଭ ବିଧାୟକଙ୍କ ଉପସ୍ଥିତିରେ ହୋଇଥିଲା । ଉକ୍ତ ବ୍ୟବସ୍ଥାକୁ ୩ବର୍ଷ ପୂରିବାକୁ ବସିଥିବା ବେଳେ ବହୁ ସ୍ଥାନରେ ଏହାର ବ୍ୟବସ୍ଥା କରାଯାଇନଥିବା ବେଳେ । ଅନେକ ସ୍ଥାନରେ ଲାଗିଥିବା ଆଲୋକ ସ୍ତମ୍ଭ ଅକାମୀ ହେବାକୁ ବସିଲାଣି । ତେଣୁ ସ୍ୱର୍ଗତ ସାଂସଦଙ୍କ ପାଣ୍ଠିରୁ ୯୦ଲକ୍ଷ ବ୍ୟୟ ଅଟକଳରେ ଲୋକାର୍ପିତ ଆଲୋକ ସ୍ତମ୍ଭ ଓ ପୋଷ୍ୟଗ୍ରାମ ଆଲୋକୀକରଣ ଯୋଜନା ସଂପୂର୍ଣ୍ଣ ରୂପେ ଫେଲ ମାରିଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ଅଣଦେଖାରୁ ତତ୍କାଳୀନ ବିଧାୟକଙ୍କ ପାଣ୍ଠିରୁ ୧୯ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଆଲୋକୀକରଣ ବ୍ୟବସ୍ଥାର ସଫଳ ରୂପାୟନ ମଧ୍ୟ ହୋଇନପାରିବା ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟପନ୍ଥା ଉପରେ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି । ତେଣୁ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ଆଲୋକୀକରଣ ଯୋଜନାକୁ ପ୍ରହସନରେ ପରିଣତ ନକରି ଆଉ ଦିନ କେଇଟାପରେ ୯ବର୍ଷ ପୂରିବାକୁ ଯାଉଥିବା ଉକ୍ତ ଅସଫଳ ଯୋଜନାକୁ ବିଭାଗୀୟ ଅଧିକାରୀ ସଫଳ ରୂପାୟନ କରିବା ପାଇଁ ଚେଷ୍ଟିତ ହେବାକୁ ପଂଚାୟତବାସୀଙ୍କ ସମେତ ବିଭିନ୍ନ ମହଲରୁ ଦାବି ହେଉଛି ।




## ନାବାଳିକା ଅପହରଣ ଅଭିଯୋଗ, ୨୪ଘଣ୍ଟା ପରେବି ପୋଲିସ ହାତଖାଲି

**ହିନ୍ଦୋଳ: ଏକ୍ସପ୍ରେସ ନ୍ୟୁଜ୍**

ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡ ରସୋଳ ଥାନା ଅଞ୍ଚଳରେ ଜୈନିକା ୧୩ବର୍ଷର ଛାତ୍ରୀଙ୍କ ଅପହରଣ ଅଭିଯୋଗର ୨୪ଘଣ୍ଟା ପରେବି ପୋଲିସ ହାତବାନ୍ଧି ବସିରହିବା ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । ଖବରରୁ ପ୍ରକାଶ ରସୋଳ ଥାନା ତେଲିଭୂଇଁ ଅଞ୍ଚଳ ନାଉକିଆରୀ ସ୍କୁଲରେ ୮ମ ଶ୍ରେଣୀରେ ପଢୁଥିବା ୧୩ବର୍ଷୀୟ ଜଣେ ନାବାଳିକା ଛାତ୍ରୀଙ୍କୁ ସ୍ଥାନୀୟ ପାଉଁଶଇଟା ଫ୍ୟାକ୍ଟ୍ରିରେ ଶ୍ରମିକ କାର୍ଯ୍ୟ କରୁଥିବା ଅନୁଗୋଳ ଜିଲ୍ଲା ହଣ୍ଡପା ଥାନା ନାକଚି ଗ୍ରାମର ବିଜୟ ପ୍ରଧାନଙ୍କ ପୁଅ ବିନୟ ପ୍ରଧାନ ଅପହରଣ କରିନେଇଥିବା ନାବାଳିକା ପରିବାର ପକ୍ଷରୁ ଗତକାଲି ରାସୋଳ ଥାନାରେ ଅଭିଯୋଗ ହୋଇଥିଲା ଏବଂ ଏନେଇ ରାସୋଳଥାନା କେଶନଂ ୩୨୭/୨୦୨୫ରେ ମାମଲା ରୁଜୁ ହୋଇଥିଲା । ତେବେ ମାମଲା ରୁଜୁର ୨୪ଘଣ୍ଟା ପରେ ମଧ ନାବାଳିକାଟିର କୌଣସି ଖୋଜଖବର ନଥିବା ବେଳେ ପୋଲିସ ହାତ ବାନ୍ଧି ବସି ରହିଥିବାକୁ ନେଇ ଅଞ୍ଚଳବାସି ଅସନ୍ତୁଷ୍ଟ ପ୍ରକାଶ କରିଛନ୍ତି । ତେବେ ନାବାଳିକାଟିକୁ କେଉଁ ଉଧେଶ୍ୟରେ ସମ୍ପୃକ୍ତ ଯୁବକ ଅପହରଣ କରିନେଇଛି ଝିଅକୁ ହତ୍ୟା କରିଛି କି କେଉଁଠି ବିକ୍ରି କରିଦେଇଛି ଏବଂ ଝିଅଟି ମୃତ ନା ଜୀବିତ ପରିବାର ବର୍ଗ ଆଶା ଆଶଙ୍କାରେ ଥିବାବେଳେ ପୋଲିସ ତଦନ୍ତ ତ୍ୱରାନ୍ୱିତ କରି ନାବାଳିକାକୁ ଠାବ କରିବାକୁ ଅଞ୍ଚଳବାସି ଦାବି କରିଛନ୍ତି ।

## ସିନେମାଫିନେମା ଟିଭିଫିଭି

## ସୋନାକ୍ଷୀ ସିହ୍ନାଙ୍କ ବିବାହକୁ ନେଇ ପୂଜା ରୂପାରେଲ କଲେ ଖୁଲାସା

**ମୁମ୍ବାଇ: ଏକ୍ସପ୍ରେସ ନ୍ୟୁଜ୍**

'ଦିଲୱାଲେ ଦୁଲହନିଆ ଲେ ଜାଏଙ୍ଗେ'ରେ ଚୁଟକି ଭୂମିକାରେ ଅଭିନୟ କରି ଦର୍ଶକଙ୍କ ମନ ଜିତିଥିବା ପୂଜା ରୂପାରେଲ ନିଜ ସଂଘର୍ଷର କାହାଣୀ ବିଷୟରେ କହିଛନ୍ତି । ପୂଜା ଛୋଟ ବୟସରୁ ବାପା ମା'ଙ୍କୁ ହରାଇବା ସହ ନିଜ ଏବଂ ନିଜ ଭଉଣୀମାନଙ୍କର ଯତ୍ନ ନେଇଥିଲେ । ହଠାତ ବାପାଙ୍କ ଦେହାନ୍ତ ହେବା ତାଙ୍କୁ ବହୁତ କଷ୍ଟ ଦେଇଥିଲା । ସେଥିପାଇଁ ସେ ଡିପ୍ରେସନ ଗ୍ରସ୍ତ ହେବା ସହିତ ଆତ୍ମହତ୍ୟା କରିବାକୁ ଚେଷ୍ଟା କରିଥିଲେ । ନିଜ କାହାଣୀ କହିବା ଭିତରେ ସେ ସୋନାକ୍ଷୀଙ୍କ ବାହାଘର ବିଷୟରେ ମଧ୍ୟ କହିଥିଲେ ।

୧୯୯୩ ରେ ଅଙ୍କଲ୍ ଭଳି ଚଳଚ୍ଚିତ୍ରରେ ଶିଶୁ କଳାକାର ଭାବରେ ପୂଜା କ୍ୟାରିଅର୍ ଆରମ୍ଭ କରିଥିଲେ । ପରେ 'ଦିଲୱାଲେ ଦୁଲହନିଆ ଲେ ଜାଏଙ୍ଗେ'ରେ କାଜଲଙ୍କ ଭଉଣୀ ଭୂମିକାରେ ସେ ନଜର ଆସିଥିଲେ । ଚଳଚ୍ଚିତ୍ରରେ ତାଙ୍କର ଏହି ଭୂମିକା ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଥିଲା ।



ସେ ହିନ୍ଦୀ ଚଳଚ୍ଚିତ୍ର ଏକ୍ସ ପାଷ୍ଟ ଇଜ୍ ପ୍ରେଜେଣ୍ଟ ଏବଂ ଗୁଜୁରାଟୀ ଚଳଚ୍ଚିତ୍ର ପେଲା ଅଧି ଅକ୍ଷର ଭଳି ପ୍ରୋଜେକ୍ଟରେ ଅଭିନୟ କରିଥିଲେ । ଅଭିନୟ ବ୍ୟତୀତ, ସେ ଜଣେ ଗାୟିକା ଏବଂ ଜଣେ ଷ୍ଟାଣ୍ଡ-ଅପ୍ କମେଡିଆନ୍ ଭାବରେ ମଧ୍ୟ ପରିଚିତି ହାସଲ କରିଛନ୍ତି । ସବୁକିଛି ଠିକ ଥିଲେ ମଧ୍ୟ ନିଜର ବାପା ଏବଂ ମା'ଙ୍କୁ ହରାଇ ପୂଜା ଭାଙ୍ଗିପଡିଥିଲେ । ସାରା ବିଶ୍ୱରେ ଯେତେବେଳେ କୋଭିଡର କରାଳ ଛାୟା ବିସ୍ତାର କରିଥିଲା ସେତେବେଳେ ପୂଜା ରୂପାରେଲ ମଧ୍ୟ ଏଥିରୁ ବାଦ ପଡି ନଥିଲେ । କୋଭିଡର ସମୟ ତାଙ୍କ ପାଇଁ ଆହୁରି କଠିନ ହୋଇ ପଡିଥିଲା । ଏହି ସମୟରେ ସେ ଆତ୍ମହତ୍ୟା କରିବାକୁ ଚିନ୍ତା କରିଥିଲେ ।

ସେ ସୋନାକ୍ଷୀଙ୍କ ମା' ପୁନମ ସିହ୍ନା ପୂଜାଙ୍କର ଅତି ନିକଟତର ଥିଲେ । ପୂଜାଙ୍କ ମା'ଙ୍କ ମୃତୁ ପରେ ସୋନାକ୍ଷୀଙ୍କ ମା' ତାଙ୍କୁ ନିଜ ଝିଅ ପରି ଭଲ ପାଉଥିଲେ । ଖରାପରୁ ଖରାପ ପରିସ୍ଥିତିରେ ବି ପୁନମ ସିହ୍ନା ତାଙ୍କୁ କେବେ ଏକା ଛାଡି ନଥିଲେ । ପୂଜାଙ୍କୁ ମଟନ ଖାଇବାକୁ ଭଲଲାଗେ ବୋଲି ସୋନାକ୍ଷୀଙ୍କ ମା' ତାଙ୍କ ପାଖକୁ ମଟନ ରାନ୍ଧି ପଠାଉଥିଲେ । ପୂଜା ସୋନାକ୍ଷୀଙ୍କ ସହ ତାଙ୍କ ସମ୍ପର୍କ ବିଷୟରେ ମଧ୍ୟ ପ୍ରକାଶ କରିଥିଲେ । ପୂଜା ସୋନାକ୍ଷୀ ସିହ୍ନାଙ୍କ ସମ୍ପର୍କୀୟ ଭଉଣୀ । ବେଳେବେଳେ ପୂଜା ସୋନାକ୍ଷୀଙ୍କ ସହ କଥା ହୁଅନ୍ତି । ସୋନାକ୍ଷୀଙ୍କ କୌଣସି ଫିଲ୍ମ ରିଲିଜ ହେଲେ ସେ ତାଙ୍କୁ ହ୍ୱାଟସପ୍ ବା ଫୋନ ଜରିଆରେ ଅଭିନନ୍ଦନ ଦିଅନ୍ତି । ଏହାରି ଭିତରେ ପୂଜା ରୂପାରେଲ ସ୍ପଷ୍ଟ କରିଥିଲେ ଯେ, ସେ ସୋନାକ୍ଷୀଙ୍କୁ କେବେ କାମରେ ସାହାଯ୍ୟ ମାଗି ନାହାନ୍ତି ।

ସୋନାକ୍ଷୀ ସିହ୍ନା ୨୩ ଜୁନ୍, ୨୦୨୪ରେ ମୁମ୍ବାଇରେ ଜାହିର ଇକବାଲଙ୍କୁ ବିବାହ କରିଥିଲେ । ଜାହିର ଅଲଗା ଧର୍ମର ହୋଇଥିବାରୁ ତାଙ୍କ ବିବାହରେ ତାଙ୍କ ଦୁଇଭାଇ ଲଭ ଏବଂ କୁଶ ଯୋଗଦେଇ ନଥିଲେ । ଏହି ବିବାହରେ ସେମାନେ ଖୁସି ନଥିଲେ । ପରେ ସମୟ ଅନୁସାରେ ସବୁକିଛି ଠିକ୍ ହୋଇ ଯାଇଥିଲା । ଲଭ ଏବଂ ସୋନାକ୍ଷୀ ଏକ ସମ୍ପୂର୍ଣ୍ଣ ଫିଲ୍ମରେ ଏକାଠି କାମ କରିଥିଲେ । ଏହାର କିଛି ଦିନ ପରେ ପୂରା ପରିବାର 'ଦି ଗ୍ରେଟ୍ ଇଣ୍ଡିଆନ୍ କପିଲ୍ ଶର୍ମା ସୋ'ରେ ଏକାଠି ନଜର ଆସିଥିଲେ ।

# ସମସ୍ୟାରେ ବିଟିପୁର ଉପଡ଼ାକଘର: ପ୍ରିଣ୍ଟର ଅଚଳରୁ ଦେଣନେଣ କାରବାରରେ ବାଧା

ଆଗରପଡ଼ା ସ୍ଥିତ ବିଟିପୁର ଉପଡ଼ାକଘରର ସମସ୍ୟା ସମାଧାନ ହେବାର ନା ଧରୁନି। ଭଡ଼ାଘରେ ଚାଲୁଥିବା ଉପଡ଼ାକଘରେ କେତେବେଳେ କର୍ମଚାରୀ ଅଭାବ ତ କେତେବେଳେ ବିଦ୍ୟୁତ୍ ସମସ୍ୟା ପୁଣି ଆଉ କେତେବେଳେ ଇଣ୍ଟରନେଟ୍ ସମସ୍ୟା । ଏହିପରି ନାନା ସମସ୍ୟା ମଧ୍ୟରେ ଗତି କରି ଆସୁଥିବା ଉପଡ଼ାକଘରେ ବର୍ତ୍ତମାନ ପ୍ରିଣ୍ଟର ସମସ୍ୟା ଦେଖା ଦେଇଛି । ଯଦ୍ୱାରା ଦେଣନେଣ କାରବାରରେ ବାଧା ଉପୁଜିଛି। ସୂଚନା ଅନୁଯାୟୀ, ଉକ୍ତ ଉପଡ଼ାକଘରେ ଉପଲବ୍ଧ ଥିବା ପ୍ରିଣ୍ଟରଟିର ବିଭାଗ ତରଫରୁ ମରାମତି କରାଯାଉନଥିବାରୁ କିମ୍ବା ତା ବଦଳରେ ନୂତନ ପ୍ରିଣ୍ଟର ଯୋଗାଇ ନିଆଯାଉନଥିବାରୁ ତାହା ବର୍ତ୍ତମାନ ଅଚଳ ହୋଇପଡ଼ିଛି । ଯଦ୍ୱାରା ପାଖାପାଖି ୨ମାସ ହେବ ଦେଣନେଣ କାରବାରରେ ବାଧା ଉପୁଜୁଥିବା ଜଣାପଡ଼ିଛି। ପ୍ରିଣ୍ଟର ନଥିବାରୁ ଗ୍ରାହକମାନେ ଘୋର ଅସୁବିଧାର ସମ୍ମୁଖିନ ହେଉଥିବା ଜଣାପଡ଼ିଛି ସେମାନେ ଅର୍ଥ ଦେଣନେଣ କରୁଥିଲେ ସୁଦ୍ଧା ତାହାର କୌଣସି ପ୍ରମାଣପତ୍ର ପାଇପାରୁନାହାନ୍ତି। ଉକ୍ତ ଡ଼ାକଘର ଭଦ୍ରକ, ବାଲେଶ୍ୱର ଓ କେନ୍ଦୁଝର ଏହି ୩ ଜିଲ୍ଲାର ମଧ୍ୟଭାଗରେ ଥିବାରୁ ପ୍ରତିମାସ ଏହି ଡ଼ାକଘରେ ପ୍ରାୟ ଏକ କୋଟି ଟଙ୍କାର ଦେଣନେଣ କାର୍ଯ୍ୟ ଚାଲିଛି ଏବଂ ଏହି ଉପଡ଼ାକଘର ଉପରେ ପ୍ରାୟ ୭ହଜାର ଗ୍ରାହକ ନିର୍ଭର କରିଆସୁଛନ୍ତି । କିନ୍ତୁ ଭଡ଼ା ଗୃହରେ ଏହା ଚାଲିଥିବାରୁ ଗ୍ରାହକମାନେ ଠିକ୍‌ଭାବେ ସେବା ପାଇପାରୁନଥିବାରୁ ଦେଶର ସର୍ବ ବୃହତ୍ତ ଯୋଗାଯୋଗ ବ୍ୟବସ୍ଥା ଭାବେ ପରିଗଣିତ ଡ଼ାକବିଭାଗ ଉପରୁ ଲୋକମାନଙ୍କର କ୍ରମଶଃ ଆସ୍ଥା ହ୍ରାସ ପାଇବାରେ



ଲାଗିଛି। ସମଗ୍ର ବନ୍ତ ବ୍ଲକରେ ବନ୍ତ, ବସନ୍ତିଆ ଓ ଆଗରପଡ଼ାରେ ଉପଡ଼ାକଘର ରହିଛି। କେବଳ ବନ୍ତକୁ ଛାଡ଼ି ଦେଲେ ଅନ୍ୟ ଦୁଇଟି ଉପଡ଼ାକଘର ଭଡ଼ାଘରେ ଚାଲିଛି। ବର୍ତ୍ତମାନ ଆଗରପଡ଼ା ଉପଡ଼ାକଘରେ କୋରବ୍ୟାଙ୍କିଙ୍ଗ ସୁବିଧା ଉପଲବ୍ଧ ହୋଇଥିବାବେଳେ ଏହା ଅଧିନରେ ୮ଟି ଶାଖା ଡ଼ାକଘର ରହିଥିବା ସ୍ଥଳେ ଗୃହ ସମସ୍ୟା ଯୋଗୁ ଦିନକୁ ଦିନ ଗ୍ରାହକମାନଙ୍କ ଅସନ୍ତୋଷ ଭାବ ବଢ଼ିବାରେ ଲାଗିଛି । ଅପରପକ୍ଷରେ ଆଗରପଡ଼ା ସ୍ଥିତ ବିଟିପୁର ଉପଡ଼ାକଘରର ସ୍ଥାୟୀ ଗୃହ ନିର୍ମାଣ ନିମନ୍ତେ ବନ୍ତ ତହସିଲ କାର୍ଯ୍ୟାଳୟ ପକ୍ଷରୁ ଭଦ୍ରକ ପୋଷ୍ଟାଲ ଅଧୀକ୍ଷକଙ୍କୁ ଆବଶ୍ୟକୀୟ କାଗଜପତ୍ର ପ୍ରେରଣ ପାଇଁ ପତ୍ର ଲେଖାଯାଇଥିଲା। ପୋଷ୍ଟାଲ ଅଧୀକ୍ଷକଙ୍କ ତରଫରୁ ବନ୍ତ ତହସିଲ କାର୍ଯ୍ୟାଳୟକୁ ଆବଶ୍ୟକୀୟ କାଗଜପତ୍ର ପ୍ରେରଣକୁ ଇତି ମଧ୍ୟରେ ମାସାଧିକ କାଳ ବିତି ଯାଇଥିଲେ ସୁଦ୍ଧା ତହସିଲ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ ସ୍ଥାୟୀ ଗୃହ ନିର୍ମାଣ ପ୍ରସଙ୍ଗରେ ବିଳମ୍ବ ଘଟୁଥିବା ଜଣାପଡ଼ିଛି । ଏଠାରେ ପ୍ରକାଶ ଥାଉକି, ୨୦୧୮ ମସିହାରେ ବନ୍ତ ତହସିଲ କାର୍ଯ୍ୟାଳୟ ତରଫରୁ ବିଟିପୁର ମୌଜାର ଖତିଆନ ନଂ ୨୬୮/୧ ଯାହାକି ଆବାଦ ଯୋଗ୍ୟ ଅନାବାଦି ଜାଗାର ପ୍ଲଟ ନଂ ୭୦୨/୯୪୨ ଓ ୭୦୪/୯୪୩କୁ ଘରବାରି କରି ବିଟିପୁର ଉପଡ଼ାକଘର ପାଇଁ ସଂରକ୍ଷିତ ବୋଲି ଦର୍ଶାଯାଇ ତହସିଲଦାରଙ୍କ ଅନୁମୋଦନ ସହ ଡ଼ାକବିଭାଗକୁ ହସ୍ତାନ୍ତର କରାଯାଇଥିଲା। ଉକ୍ତ ସ୍ଥାନ ଉପରେ ସ୍ଥାୟୀ ଗୃହ ନିର୍ମାଣ ପାଇଁ ବିଭାଗୀୟ ଅଧିକାରୀ ତହସିଲ ସହ ଯୋଗାଯୋଗ କରିବାରୁ ଉକ୍ତ ସ୍ଥାନ ଉପଡ଼ାକଘର ପାଇଁ ଉଦ୍ଦିଷ୍ଟ ନଥିବା ସେମାନେ ଜାଣିବାକୁ ପାଇଥିଲେ। ଯାହାକି ଏକ ବିଭ୍ରାନ୍ତକର ପରିସ୍ଥିତି ସୃଷ୍ଟି କରିଥିଲା । ପରବର୍ତ୍ତୀ ସମୟରେ ଦୀର୍ଘ ୭ବର୍ଷ ପରେ ତହସିଲ କାର୍ଯ୍ୟାଳୟ ତରଫରୁ ପୂର୍ବରୁ ପ୍ରଦାନ କରାଯାଇଥିବା ସ୍ଥାନ ଡ଼ାକବିଭାଗର ବୋଲି ଦର୍ଶାଯାଇ ଏହା ଉପରେ ସ୍ଥାୟୀ ଗୃହ ନିର୍ମାଣ ପାଇଁ ଆବଶ୍ୟକ କାଗଜପତ୍ର ପ୍ରେରଣ ପାଇଁ ଭଦ୍ରକ ପୋଷ୍ଟାଲ ଅଧୀକ୍ଷକଙ୍କୁ ବନ୍ତ ତହସିଲ କାର୍ଯ୍ୟାଳୟ ପକ୍ଷରୁ ଚିଠି କରାଯାଇଥିଲା । ସୂଚନା ଅନୁଯାୟୀ ପୋଷ୍ଟାଲ ଅଧୀକ୍ଷକ ଆବଶ୍ୟକୀୟ କାଗଜପତ୍ର ତହସିଲକୁ ପ୍ରଦାନ କରିସାରିଥିବା ଜଣାପଡ଼ିଛି। କିନ୍ତୁ ଇତି ମଧ୍ୟରେ ମାସାଧିକ କାଳ ବିତି ଯାଇଥିଲେ ସୁଦ୍ଧା ତହସିଲ ପକ୍ଷରୁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଉନଥିବାରୁ ସ୍ଥାୟୀ ଗୃହ ନିର୍ମାଣ ପ୍ରକ୍ରିୟାରେ ବିଳମ୍ବ ଘଟୁଥିବା ଜଣାପଡ଼ିଛି । ତେଣୁ ଉକ୍ତ ଉପଡ଼ାକଘରର ଲାଗି ରହିଥିବା ସମସ୍ୟା ପ୍ରତି ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀ ଦୃଷ୍ଟି ଦେବା ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି।

## ଆଜିର ରାଶିଫଳ

| ତାରିଖ | ସୋମବାର– ଷଷ୍ଠୀ |
| --- | --- |
| ୧୦.୧୧.୨୦୨୫ | ନକ୍ଷତ୍ର– ପୁନର୍ବସୁ, ମିଥୁନଚନ୍ଦ୍ର |

| | | |
| --- | --- | --- |
| ମେଷ | : | ଧନ ଆଦାୟ ଯୋଗ ରହିଛି । |
| ବୃଷ | : | ମିଥ୍ୟାପବାଦ ହେବ । |
| ମିଥୁନ | : | ବନ୍ଧୁ ମିଳନ ଯୋଗ ରହିଛି । |
| କର୍କଟ | : | ଧନବ୍ୟୟ ସମ୍ମାନିତ ହୋଇପାରେ । |
| ସିଂହ | : | ହସ ଖୁସିରେ ବାଧା ହୋଇପାରେ । |
| କନ୍ୟା | : | କର୍ମେ ଖୁସି ଘଟିବ । |
| ତୁଳା | : | ଅଯଥା ବ୍ୟୟବୃଦ୍ଧି ହୋଇପାରେ । |
| ବିଛା | : | ଆଘାତ ଭୟ ରହିଛି । |
| ଧନୁ | : | ସ୍ତ୍ରୀ ଧନପ୍ରାପ୍ତି ହେବେ । |
| ମକର | : | ସ୍ୱାସ୍ଥ୍ୟରେ ଉନ୍ନତି ଘଟିବ । |
| କୁମ୍ଭ | : | ଶିକ୍ଷା କ୍ଷେତ୍ରରେ ଶୁଭ ଫଳ ମିଳିବ । |
| ମୀନ | : | ସ୍ୱାସ୍ଥ୍ୟହାନି ଘଟିପାରେ । |

# ସିଦ୍ଧ ମହାବୀରଙ୍କ ପୀଠରେ କଳସ ଶୋଭାଯାତ୍ରା



**ସାକ୍ଷୀଗୋପାଳ: ଏକ୍ସପ୍ରେସ ନ୍ୟୁଜ୍**

ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ଅଳଗୁମ ପଞ୍ଚାୟତର ମାଳିସାହି ଗ୍ରାମ ସ୍ଥିତ ସିଦ୍ଧ ମହାବୀରଙ୍କ ପୀଠରେ ୧୫ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଶନିବାର ଠାରୁ ଅନୁଷ୍ଠିତ ହୋଇଯାଇଛି।

ଏହି ଅବସରରେ ମହାଯଜ୍ଞ ପାଇଁ ରବିବାର କଳସ ଯାତ୍ରା ସହ ପୂଜାର୍ଚ୍ଚନା ଆରମ୍ଭ ହୋଇଯାଇଛି। ଗ୍ରାମ ପୋଖରୀରୁ କଳସର ଏକ ବିଶାଳ ଶୋଭାଯାତ୍ରା ଆରମ୍ଭ ହୋଇ ସଙ୍କୀର୍ତ୍ତନ ଦଳ ସହ ସୁବିଜ୍ଞ ପଣ୍ଡିତମାନଙ୍କ ବେଦ ପଠନ ପୂର୍ବକ ହୁଳହୁଳି ହରିବୋଲର ତାଳେ ତାଳେ ନଗର ପରିକ୍ରମା ସହ ପୂର୍ଣ୍ଣ କଳସକୁ ଯଜ୍ଞ ମଣ୍ଡପରେ ସ୍ଥାପନ କରି ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ପ୍ରତ୍ୟେକ ପରିବାରଙ୍କ ବାସଗୃହ ସମ୍ମୁଖରେ କଳସ ସ୍ଥାପନ କରାଯିବା ସହ ଗ୍ରାମରେ ଆମିଷ ନିଷେଧ କରାଯାଇଛି। ଏହି କାର୍ଯ୍ୟକ୍ରମ ୪ ଦିନ ଧରି ଚାଲିବ ବୋଲି ଗ୍ରାମବାସୀଙ୍କ ଠାରୁ କୁହାଯାଇଛି। ଯଜ୍ଞ ପାଇଁ କର୍ତ୍ତା ଆସନରେ ବିଜୟ କୁମାର ପ୍ରଧାନ ଓ ସପତ୍ନିକ ପ୍ରଭାତୀ ପ୍ରଧାନ ଯଜ୍ଞ କାର୍ଯ୍ୟ ତୁଲାଇଥିଲେ। ପ୍ରତ୍ୟହ ଶ୍ରଦ୍ଧାଳୁ ଭକ୍ତମାନଙ୍କ ପାଇଁ ଅନ୍ନ ପ୍ରସାଦର ବ୍ୟବସ୍ଥା ରହିଥିବା ବେଳେ ବିଭିନ୍ନ ପ୍ରକାର ଆକର୍ଷଣୀୟ ମନୋରଂଜନ କାର୍ଯ୍ୟକ୍ରମ ରହିଥିବା କମିଟି ସଭାପତି ହରିବନ୍ଧୁ ପ୍ରଧାନ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଗ୍ରାମର ଯୁବଗୋଷ୍ଠିଙ୍କ ସମେତ ମନ୍ଦିର ପରିଚାଳନା କମିଟିର ସମସ୍ତ ସଭ୍ୟ ତଥା ଗ୍ରାମବାସୀଙ୍କ ସକ୍ରିୟ ସହଯୋଗ ରହିଛି।

# ଜାତୀୟ ଆଇନ୍ ସେବା ଦିବସ

**ଯାଜପୁର: ଏକ୍ସପ୍ରେସ ନ୍ୟୁଜ୍**

ଯାଜପୁର ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ଜିଲ୍ଲା ଦୌରାଜଜ୍ ତଥା ପ୍ରାଧିକରଣ ଅଧ୍ୟକ୍ଷ ଅମୃତ ରଞ୍ଜନ ନନ୍ଦଙ୍କ ନିର୍ଦ୍ଦେଶ କ୍ରମେ ଦଶରଥପୁର ବ୍ଲକ୍ ଅନ୍ତର୍ଗତ ବିରଜାପୁର ଗ୍ରାମପଞ୍ଚାୟତ ସଭାଗୃହରେ ଏକ ଆଇନ୍ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିରିକ୍ତ ବରିଷ୍ଠ ଦେୱାନୀ ବିଚାରପତି ତଥା ଭାରପ୍ରାପ୍ତ ପ୍ରାଧିକରଣ ସଚୀବ ନେହା ଅଗ୍ରୱାଲ୍ ଅଧ୍ୟକ୍ଷତା କରିଥିଲେ। ଅତିଥି ଆଲୋଚକ ଭାବେ ପ୍ରାଧିକରଣ ପ୍ରାକ୍ତନ ସଦସ୍ୟ ତଥା ସାମାଜିକ କାର୍ଯ୍ୟକର୍ତ୍ତା ଡ଼ ରୁଦ୍ରନାରାୟଣ ପୃଷ୍ଟି, ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ତ୍ରିଲୋଚନ ସେଠୀ ଯୋଗଦେଇ ଜାତୀୟ ଆଇନ୍ ସେବା ଦିବସର ତାତ୍ପର୍ଯ୍ୟ, ଆଇନ୍ ସେବା ଯୋଗାଉଥିବା ଅନୁଷ୍ଠାନର କାର୍ଯ୍ୟ ପରିସର, ମଧ୍ୟସ୍ଥତା, ଲୋକଅଦାଲତ ଓ କେଉଁମାନେ ଉପଯୁକ୍ତ ଉପଭୋକ୍ତା ଇତ୍ୟାଦି ବିଷୟରେ ଆଲୋକପାତ କରିଥିଲେ। ସ୍ଥାନୀୟ ସରପଞ୍ଚ ନିରାକର ସାହୁ ସ୍ୱାଗତ ଭାଷଣ ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ପାରାଲିଗାଲ୍ ଭଲ୍ୟୁଟିୟର ଉପସ୍ଥିତ ଥିବା ମହିଳା ପୁରୁଷ ଓ ପଞ୍ଚାୟତ ଜନପ୍ରତିନିଧି ମାନେ ଆଇନ ସେବା ସମ୍ପର୍କିତ ପ୍ଲାକାର୍ଡମାନ ଧରି ଏକ ଶୋଭାଯାତ୍ରାରେ ଭାଗନେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରାଧିକରଣ କର୍ମଚାରୀ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସହଯୋଗ କରିଥିଲେ।

# ୨୪ଘଣ୍ଟାରେ ଯାଞ୍ଚ ରିପୋର୍ଟ ତଲବ କଲେ ଜିଲ୍ଲାପାଳ

**କଟକ: ଏକ୍ସପ୍ରେସ ନ୍ୟୁଜ୍**

ଏକ ଦୁର୍ଭାଗ୍ୟପୂର୍ଣ୍ଣ ଘଟଣାରେ ଶନିବାର ରାତିରେ ବକ୍ସିବଜାର ଅଞ୍ଚଳର ମଣିସାହୁ ଛକ ନିକଟରେ ଏକ ପୁରୁଣା କୋଠାର କିଛି ଅଂଶ ଭୁଶୁଡ଼ି ପଡି ଗୋଟିଏ ପରିବାରର ୩ଜଣଙ୍କର ଶୋଚନୀୟ ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣାରେ ଜଡିତ କୋଠାର ନିର୍ମାଣ ବୈଧତା ତଥା ଆବଶ୍ୟକୀୟ ଅନୁମତି ହାସଲ ବିଷୟରେ ଯାଞ୍ଚ କରିବା ନିମନ୍ତେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ କଟକ ମହାନଗର ନିଗମର ଅତିରିକ୍ତ ଆୟୁକ୍ତଙ୍କ ଅଧ୍ୟକ୍ଷତାରେ ଏକ ଯାଞ୍ଚ କମିଟି ଗଠନ କରିଛନ୍ତି ଯେଉଁଥିରେ ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ, ମହାନଗର ନିଗମର ନଗର ଯନ୍ତ୍ରୀ,



କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ସହକାରୀ ସହର ଯୋଜନାକାରୀ ଆଦି ସଭ୍ୟଭାବେ ରହିଛନ୍ତି। ଏହି କୋଠା ନିର୍ମାଣର ମୂଳ ଅନୁମତି କଟକ ଉନ୍ନୟନ କର୍ତ୍ତୃପକ୍ଷ ଦେଇଥିବାରୁ ଆବଶ୍ୟକୀୟ ଦସ୍ତାବିଜ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟରୁ ହାସଲ କରାଯାଇ ଯାଞ୍ଚ କରାଯିବ। ଏହି ଯାଞ୍ଚ କମିଟି ସଂପୃକ୍ତ କୋଠାର ନିର୍ମାଣ ଜନିତ ଦୃଢତା ଏବଂ ସ୍ଥାୟିତ୍ୱକୁ ପରୀକ୍ଷା ନିରୀକ୍ଷା କରିବେ। ଏହି ଅଟ୍ଟାଳିକା ନିର୍ମାଣ ନିମନ୍ତେ କ୍ଷମତା ସମ୍ପନ୍ନ କର୍ତ୍ତୃପକ୍ଷଙ୍କ ଠାରୁ ଅନୁମତି ହାସଲ କରାଯାଇଛି କି ନାହିଁ ଏବଂ ଅନୁମୋଦିତ ଯୋଜନା ତଥା ନିର୍ମାଣ ନିୟମାବଳୀ ଅନୁଯାୟୀ କରାଯାଇଛି କି ନାହିଁ ତାହା ମଧ୍ୟ କମିଟି ଯାଞ୍ଚ କରିବେ। ଏଥିରେ କୌଣସି ପ୍ରକାର ଅବହେଳା ବା ବିଚ୍ୟୁତି ପରିଲକ୍ଷିତ ହେଲେ ସଂପୃକ୍ତ ଦୋଷୀଙ୍କୁ ଆଇନ ଅନୁଯାୟୀ ଦଣ୍ଡ ବିଧାନ କରାଯିବ। ନିଷ୍କର୍ଷ ଏବଂ ସୁପାରିସ ସହ ଏକ ସଂପୂର୍ଣ୍ଣ ରିପୋର୍ଟ କଟକ ମହାନଗର ନିଗମ ଆୟୁକ୍ତ ଏବଂ କଟକ ଉନ୍ନୟନ କର୍ତ୍ତୃପକ୍ଷ ଉପାଧ୍ୟକ୍ଷଙ୍କ ମାଧ୍ୟମରେ ଆସନ୍ତା ୨୪ଘଣ୍ଟା ମଧ୍ୟରେ ଦାଖଲ କରିବାକୁ ଜିଲ୍ଲାପାଳ ଶ୍ରୀ ଶିନ୍ଦେ ନିର୍ଦ୍ଦେଶ ଦେଇଛନ୍ତି।

# ବିଜୁ ଜନତା ଦଳର ଜନସମ୍ପର୍କ ପଦଯାତ୍ରା ଉଦଯାପିତ



**କେନ୍ଦୁଝର: ଏକ୍ସପ୍ରେସ ନ୍ୟୁଜ୍**

କେନ୍ଦୁଝର ଜିଲ୍ଲା ବିଜୁ ଜନତା ଦଳର ଜନସମ୍ପର୍କ ଅଭିଯାନ ରବିବାର ଉଦଯାପିତ ହୋଇଯାଇଛି। ବିଜେଡି ଜିଲ୍ଲା ସଭାପତି ଆଶିଷ ଚକ୍ରବର୍ତ୍ତୀଙ୍କ ନେତୃତ୍ୱରେ ବିଜୁ ପଟ୍ଟନାୟକ ଛକ ଠାରୁ ପଦଯାତ୍ରା ଆରମ୍ଭ ହୋଇ ନଗରପରିକ୍ରମା କରିଥିଲା। ଏଥିରେ ପୂର୍ବତନ ବିଜେଡି ଜିଲ୍ଲା ସଭାପତି ମାଧବ ସର୍ଦ୍ଦାର, ପୂର୍ବତନ ପାଟଣା ବିଧାୟକ ଜଗନ୍ନାଥ ନାୟକ, ପୂର୍ବତନ ଜିଲ୍ଲାପରିଷଦ ଅଧ୍ୟକ୍ଷା କମଳିନୀ ପାତ୍ର, ନଗର ସଭାପତି ପୂର୍ଣ୍ଣ ଚନ୍ଦ୍ର ସାହୁ, ସଦର ବ୍ଲକ ସଭାପତି ଚକ୍ରଧର ପରିଡା, କେନ୍ଦୁଝରଗଡ ପୌର ଉପାଧ୍ୟକ୍ଷ ବରଦା ପ୍ରସନ୍ନ ଦାସ, ଜିଲ୍ଲାପରିଷଦ ସଦସ୍ୟ ରଥ ମୁଣ୍ଡା, ପୂର୍ବତନ ପୌର ଅଧକ୍ଷା ମୀନା ମାଝୀ, ବରିଷ୍ଠ ଉପସଭାପତି ପ୍ରମୋଦ ପଟ୍ଟନାୟକ, ପୂର୍ବତନ କାଉନସିଲର ପରେଶ ପ୍ରଧାନ, ପରେଶ ସାହୁ, କାଉନସିଲର ଶରତ ସାହୁ, ଭଗବାନ ନାଏକ, ଅଭିଷେକ ମିଶ୍ର, କେକୀକାକଳି କୁମୁରା, ବରିଷ୍ଠ ନେତା କୈଳାସ ନାଏକ, ମନସୁର ଆଲାମ, ପୂର୍ବତନ ମୁନିସିପାଲିଟି ଚେୟାରମ୍ୟାନ ପ୍ରଭଞ୍ଜନ ପଟ୍ଟନାୟକ, ଜ୍ଞାନରଞ୍ଜନ ପତି, ଯୁବନେତା ଜଗଦୀଶ ଆପଟ, ବାବି ପଟ୍ଟନାୟକ, ସଫିକ୍, ଦେବୁ ପଟ୍ଟନାୟକ, ଗଦାଧର ପଟ୍ଟନାୟକ, ଧନୁର୍ଜୟ ମହାନ୍ତ, ସତ୍ୟ ନାୟକ, ବାସୁଦେବ ଜେନା, ପରମେଶ୍ୱର ବାରିକ, କୁଳମଣି ସିଂ, ବସନ୍ତ କୁମାର ସାହୁ, ରୁନୁ ମହାଳିକ, ଝୁନୁ ଦାସ, ରଶ୍ମି ମଲିକ, ଝୁନୁ ଦାସ ଅଜୟ ଘଡେଇ, ଅରୁଣ ମନ୍ତ୍ରୀ, ପ୍ରତାପ ମହାକୁଡ଼, ଟିକିନା ବ୍ରହ୍ମ, ନାରୀ ନେତ୍ରୀ ପୁନମ କୁମାରୀ, ମଞ୍ଜୁଲତା ନାୟକ, ଗୀତାଞ୍ଜଳି ମହାନ୍ତି, ଗୀତାଞ୍ଜଳି ପରିଡା, ଟିକି ମଲିକ ପ୍ରମୁଖ ଯୋଗ ଦେଇଥିବା ବେଳେ ଡବଲ ଇଞ୍ଜିନ ସରକାରରେ ଜନସାଧାରଣ ଡବଲ ଦୁଃଖ ଭୋଗ କରୁଛନ୍ତି ବୋଲି ବିଜେଡି ନେତାମାନେ ପ୍ରକାଶ କରିଥିଲେ। ରାଜ୍ୟରେ ଆଇନଶୃଙ୍ଖଳା ଭୁଶୁଡି ପଡ଼ିଥିବା ବେଳେ ଏହି ସରକାରରେ ବିକାଶମୂଳକ କାର୍ଯ୍ୟ ଏକ ପ୍ରକାର ଠପ ହୋଇଯାଇଛି ବୋଲି ନେତାଗଣ ମତବ୍ୟକ୍ତ କରିଥିଲେ । ଏହି ସ୍ଥାଣୁ ସରକାର ଲୋକଙ୍କୁ ସୁଶାସନ ଦେବାରେ ବିଫଳ ହୋଇଛି ବୋଲି ବିଜେଡି ନେତାମାନେ ନିଜ ବକ୍ତବ୍ୟ ପ୍ରସଙ୍ଗରେ କହିଥିଲେ।

# ବୃଦ୍ଧାଙ୍କୁ ଅସଦାଚରଣ: ଆସାମୀ ଗିରଫ

**କଣାସ: ଏକ୍ସପ୍ରେସ ନ୍ୟୁଜ୍**

କଣାସ ଗ୍ରାମପଞ୍ଚାୟତ ପୋତାଘର ଗ୍ରାମର ଜଣେ ୬୫ ବର୍ଷିୟ ବୃଦ୍ଧା କଣାସ ଥାନାରେ ଅଭିଯୋଗ କରିଛନ୍ତି । ସେହି ଗ୍ରାମର ଜଣେ ଯୁବକ ସନ୍ଧ୍ୟା ୬.୩୦ ମିନିଟ ସମୟରେ ତାଙ୍କ ଘରେ ପଶି ଅସଦାଚରଣ କରିବା ସହିତ ଟଣା ଓଟରା କରିବାରୁ ସେ ଡାକ ପକାଇବାରୁ ହେତୁ ଯୁବକ ଜଣକ ଖସି ପଳାଇଥିଲେ । ବୃଦ୍ଧା ଜଣକ କଣାସ ଥାନାରେ ଏକ ଲିଖିତ ଅଭିଯୋଗ କରିବା ପରେ କଣାସ ଥାନା ଆଇଆଇସି ପ୍ରଶନ୍ନ କୁମାର ନାୟକ କଣାସ ଥାନା କେସ ନଂ ୨୬୩/୨୦୨୫ ତଥା ୩୩୩/୭୬(୨)୭୫/୭୬/୭୯/୨୦୯୬/୧୧୫(୨)/୩୫୧ (୨) ମକଦମା ରୁଜ କରି ତଦନ୍ତ କରିବା ସହିତ ୬ ଘଣ୍ଟା ଭିତରେ ଆସାମୀ ମନୋଜ ମହାନ୍ତି ୪୨ ବର୍ଷଙ୍କୁ ଗିରଫ କରି କୋର୍ଟ ଚାଲଣ କରିଥିବା ଆଇଆଇସି ପ୍ରଶନ୍ନ କୁମା ନାୟକଙ୍କଠାରୁ ପ୍ରକାଶ।

# ବାଇକ ଛଡାଇ ଯୁବକ ଗିରଫ

**କଣାସ: ଏକ୍ସପ୍ରେସ ନ୍ୟୁଜ୍**

କଣାସ ଥାନା ନୂଆ ଜଗନ୍ନାଥ ସଡକ ଜଙ୍କିଆ ଛକରେ ଗତ ଶୁକ୍ରବାରସନ୍ଧ୍ୟା ସମୟରେ ଚିନ୍ତାମଣୀ ରାଉଳ ଜଣେ ବ୍ୟକ୍ତି ନିଜ ମଟର ସାଇକେଲରେ କଣାସ ଠାରୁ ଗଡିଶାଗୋଦା ଯାଉଥିବାବେଳେ ଜଙ୍କିଆ ଛକରେ ଜଙ୍କିଆ ଗ୍ରାମର ସର୍ବେଶ୍ୱର ମଲ୍ଲିକ ଜଣେ ବ୍ୟକ୍ତି ତାଙ୍କୁ ମାଡମାରି ତାଙ୍କ ମଟର ସାଇକେଲଟିକୁ ଛଡାଇ ନେଇଯାଇଥିଲେ। ଏୖତି ନେଇ ଚିନ୍ତାମଣି ରାଉଳ କଣାସ ଥାନାରେ ଅଭିଯୋଗ କରିବା ପରେ କଣାସ ଥାନା ଆଇଆଇସି ପ୍ରଶନ୍ନ କୁମାର ନାୟକ କଣାସ ଥାନା କେସ ନମ୍ବର ୨୬୧/୨୦୨୫ ରେ ଏକ ମକଦମା ରୁଜ କରି ତଦନ୍ତ କରିବା ପରେ ଅଭିଯୁକ୍ତକୁ ଖୋଜାଖୋଜି କରି ସଦର ଥାନା ଅଞ୍ଚଳରେ ବାଇକ ବିକ୍ରି କରିବାକୁ ଉଦ୍ୟମ କରୁଥିବାବେଳେ ବାଇକ ଜବତ କରିବା ସହିତ ସର୍ବେଶ୍ୱରକୁ ଗିରଫ କରି କୋର୍ଟ ଚାଲଣ କରିଛନ୍ତି ।

# ଶିଶୁ ମନ୍ଦିରରେ ଜେଜେବାପା ଜେଜେମା ସମ୍ମିଳନୀ



**ବୁଗୁଡ଼ା: ଏକ୍ସପ୍ରେସ ନ୍ୟୁଜ୍**

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ସ୍ୱପରିସରରେ ଜେଜେବାପା ଜେଜେମା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା ଚାଳନା ସମିତି ସଭାପତି ପ୍ରମୋଦ ଚନ୍ଦ୍ର ସେନାପତିଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଜିଲ୍ଲା ଶିକ୍ଷାଧିକାରୀ ରଘୁନାଥ ସାହୁ ଏବଂ ସମ୍ମାନିତ ଅତିଥି ଭାବେ ଶିଶୁ ମନ୍ଦିର ସମ୍ପାଦକ ବିଶ୍ୱ ମୋହନ ମିଶ୍ର ଯୋଗଦେଇ ନାତିନାତୁଣୀଙ୍କ ଅନୁରୋଧ ରକ୍ଷା କରି ଉପସ୍ଥିତ ଥିବା ଜେଜେ ବାପାମାଆଙ୍କୁ ସାଧୁବାଦ ଜଣାଇ ସେମାନଙ୍କ ଦିଗଦର୍ଶନ ହିଁ ନାତିନାତୁଣୀଙ୍କ ଉତ୍ତମ ଭବିଷ୍ୟତ ନିର୍ମାଣରେ ସହାୟକ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ଉକ୍ତ ସମ୍ମିଳନୀରେ ଶିକ୍ଷା ବିକାଶ ସମିତିର ଆଧାରସ୍ତର ଅନ୍ତର୍ଗତ ଶିଶୁ ବାଟିକାର ଅରୁଣ, ଉଦୟ, ପ୍ରଭାତ ସମେତ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀରେ ଅଧ୍ୟୟନରତ ଶିଶୁଙ୍କ ଶତାଧିକ ଜେଜେ ବାପାମାଆ ଯୋଗ ଦେଇଥିବା ବେଳେ ଏ ଅବସରରେ ନାତିନାତୁଣୀଙ୍କ ଅନାବିଳ ସ୍ନେହ ହିଁ ପୌଢାବସ୍ଥାରେ ଜେଜେ ବାପାମାଙ୍କୁ ଖୁସି ଦେଇଥାଏ ବୋଲି ମତ ପ୍ରକାଶ ପାଇଥିଲା। ଏ ଅବସରରେ ପ୍ରଶ୍ନମଞ୍ଚ କାଳାଂଶ ସାଙ୍ଗକୁ ଜେଜେବାପାମାଆଙ୍କୁ ଉତ୍ସାହିତ କରିବା ପାଇଁ ଶିଶୁଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଗୁରୁମା ସସ୍ମିତା ରାଉତଙ୍କ ସଂଯୋଜନାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଛାତ୍ରୀ ସ୍ନେହାରାଣୀ ପରିଡା ଅମୃତ ବଚନ ପ୍ରଦାନ କରିଥିଲା ବେଳେ ପ୍ରାରମ୍ଭରେ ପ୍ରଧାନାଚାର୍ଯ୍ୟ ଆଟଲ ଲିଙ୍ଗରାଜ ଅତିଥି ପରିଚୟ ପ୍ରଦାନ ଏବଂ ପରିଶେଷରେ ଆଚାର୍ଯ୍ୟ ପ୍ରତିନିଧି ଗୁରୁମା ସୁମତି ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଶିଶୁ ମନ୍ଦିରର ସେବାବ୍ରତୀମାନେ ସକ୍ରିୟ ସହଯୋଗ କରିଥିଲେ।

# ବିଜେଡିର ମିଶ୍ରଣ ପର୍ବ



**ନିଆଳି: ଏକ୍ସପ୍ରେସ ନ୍ୟୁଜ୍**

ଆଗାମୀ ପଂଚାୟତ ନିର୍ବାଚନ ପୂର୍ବରୁ କିଛିଦିନ ତଳେ ବିଜେପିରେ ଯୋଗଦେଇଥିବା ଆଗ ଧାଡ଼ିର ନେତା ଓ କର୍ମୀ ଏବେ ଦଳ ଛାଡିବା ଆରମ୍ଭ କରିବା ସହ କେତେକ ପୁରୁଣା ଘର ବିଜେଡିକୁ ଫେରିଥିବା ବେଳେ ଆଉ କେତେକ ଅନ୍ୟ ଦଳରୁ ଆସି ବିଜେଡିରେ ମିସିଛନ୍ତି । ଶୋଭାନେଶ୍ୱରଙ୍କ ମନ୍ଦିର ପଡିଆରେ ଏକ ସାଧାରଣ ସଭାରେ ମିଶ୍ରଣ ପର୍ବ ହୋଇଥିଲା। ପୂର୍ବତନ ବିଧାୟକ ଡ଼. ପ୍ରମୋଦ କୁମାର ମଲିକ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିରେ ମିସିଛନ୍ତି। ସେମାନେ ହେଲେ ନୂଆ ଗାଁ ପଂଚାୟତ ନୂଆ ପାଟଣା ଗ୍ରାମର ଚକ୍ରଧର ସାହୁ, ଉଚ୍ଛନ ନାଗା, କାହ୍ନା ଡହଳ, ଶେଖ ରେହ୍ ମାନ ଓ ବିଳାଶୁଣୀ ପଂଚାୟତ ବହୁ ପୁରୁଣା ବିଜେପି କର୍ମୀ ଏହି ମିଶ୍ରଣ ପର୍ବରେ ଯୋଗ ଦେଇଥିଲେ। ବିଜେଡି ପକ୍ଷରୁ ଆଗାମୀ ପଂଚାୟତ ନିର୍ବାଚନ ପାଇଁ ପ୍ରଭୁ ଶୋଭାନେଶ୍ୱର ପିଠରୁ ମିଶ୍ରଣ ପର୍ବ ଆରମ୍ଭ ହୋଇଛି ବୋଲି କହିଛନ୍ତି।

# ନିଶୁଳ୍କ ସ୍ୱାସ୍ଥ୍ୟସେବା ଶିବିର

**ଖଣ୍ଡପଡ଼ା: ଏକ୍ସପ୍ରେସ ନ୍ୟୁଜ୍**

ଖଣ୍ଡପଡା ବ୍ଲକର ବେଣାଗାଡିଆ ପଞ୍ଚାୟତ ଅଧିନ କାଦୁଆ ଗ୍ରାମରେ ଏକ ମେଗା ସ୍ୱାସ୍ଥ୍ୟ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। କାଦୁଆ ଗ୍ରାମର ସାମନ୍ତ ଯୁବକ ସଂଘ ଆନୁକୂଲ୍ୟରେ ଏହି ଶିବିରର ଆୟୋଜନ କରାଯାଇଥିଲା। ଭୁବନେଶ୍ୱରସ୍ଥିତ ଏମସର ଅସ୍ଥିଶଲ୍ୟ ବିଭାଗର ବରିଷ୍ଠ ଡାକ୍ତର ସିଦ୍ଧାର୍ଥ ପ୍ରଧାନ ଶିବିରରେ ଉପସ୍ଥିତ ରହି ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଆବଶ୍ୟକ ପରାମର୍ଶ ପ୍ରଦାନ କରିଥିଲେ। କାଦୁଆ, ବେଣାଗାଡିଆ ସମେତ ଆଖପାଖ ଗ୍ରାମରୁ ୨୫୦ ଜଣ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସ୍ୱାସ୍ଥ୍ୟ ଶିବିର ଆୟୋଜକ ସଂଘର ସଭାପତି ଗୋପବନ୍ଧୁ ଦାଶ,ସମ୍ପାଦକ ବିଶ୍ୱରଞ୍ଜନ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସକାଳ ୧୦ଟାରୁ ସ୍ୱାସ୍ଥ୍ୟ ଶିବିର ଆରମ୍ଭ ହୋଇ ଅପରାହ୍ନ ୩ଟାରେ ଶେଷ ହୋଇଥିଲା। ଦୀର୍ଘ ବର୍ଷ ପରେ ଗ୍ରାମରେ ସ୍ୱାସ୍ଥ୍ୟସେବା ଶିବିରର ଆୟୋଜନ କରାଯାଇ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି।

# ସହାୟତାର ହାତ ବଢାଇଲେ ଅହମଦୀୟା ମୁସଲିମ ମହିଳାମାନେ



**କଟକ: ଏକ୍ସପ୍ରେସ ନ୍ୟୁଜ୍**

ମଙ୍ଗଳାବାଗ ସ୍ଥିତ ଅହମଦୀୟା ମୁସଲିମ ମହିଳା ସଂଗଠନ ଲଜନା ଇମାଉଲ୍ଲାଃ ପକ୍ଷରୁ ନରାଜ ସ୍ଥିତ ଶ୍ରଦ୍ଧା ବୃଦ୍ଧାଶ୍ରମକୁ ଯାଇ ସେଠାରେ ରହୁଥିବା ଅନ୍ତେବାସୀମାନଙ୍କ ସହ କେତେକ ମୁହୂର୍ତ୍ତ ବିତାଇବା ସହ ସେମାନଙ୍କ ସହ ମାନବବାଦ ଓ ଭାଇଚାରାର ବାର୍ତ୍ତା ବାଣ୍ଟିଥିଲେ। ମହିଳା ସଂଗଠନ ପକ୍ଷରୁ ଚାଉଳ, ଚୁଡା, ଅଟା, ଡାଲି, ସୁଜି, ଚିନି, ଅମୁଲ, ଚା ପତି, ଶୋରିଷ ତେଲ, ରିଫାଇନ ତେଲ, ଆଳୁ, ପିଆଜ ଏବଂ ବିସ୍କୁଟ ଇତ୍ୟାଦି ସହାୟତା କରାଯାଇଥିଲା ।

ଏହି କାର୍ଯ୍ୟକ୍ରମରେ ଅହମଦୀୟା ମହିଳା ସଂଗଠନର ସଭାନେତ୍ରୀ ଜାହିଦା ଫିରଦୋସ, ସୁଜାତା ସୟଦ, ଅମତୁର ରବ ମଖଦୁମା, ରାଶିଦା ବେଗମ, ଜୁଲଫନ ଆରା, ଶବନମ ବାନୁ ଏବଂ ଆଲିଆ ନୁରେନ ଯୋଗ ଦେଇଥିଲେ। ମୌଲାନା ଫଜଲ ହକ ଖାନ, ସୟଦ ବଶିର ଅହମଦ ଏବଂ ନିଜାମୁଦ୍ଦିନ ଖାଁ ତାଙ୍କ ସହ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଶ୍ରମର ଅନ୍ତେବାସୀଙ୍କ ସହ ମ୍ୟାନେଜର ମହେଶ୍ୱର ସାହୁ ଏବଂ ଚିନ୍ତାମଣୀ ବେହେରା ଉପସ୍ଥିତ ଥିଲେ।

# ଯାତ୍ରୀ ବିଶ୍ରାମାଗାର ନିର୍ମାଣ ଦାବି

**ନିଶ୍ଚିନ୍ତକୋଇଲି: ଏକ୍ସପ୍ରେସ ନ୍ୟୁଜ୍**

କଟକ – ଚାନ୍ଦବାଲି ରାସ୍ତାର ନିଶ୍ଚିନ୍ତକୋଇଲି ତହସିଲ ଛକଠାରେ ଯାତ୍ରୀ ବିଶ୍ରାମାଗାର ନାହିଁ। ତହସିଲକୁ ଦୈନିକ ନିଜ ନିଜର କାମ ପାଇଁ ଆସୁଥିବା ଲୋକେ ଫେରିବା ବେଳକୁ ବସକୁ ଘଣ୍ଟା ଘଣ୍ଟା ଅପେକ୍ଷା କରୁଛନ୍ତି। ଏଠାରେ ଯାତ୍ରୀ ବିଶ୍ରାମାଗାର ନଥିବାରୁ ରାସ୍ତା କଡ଼ରେ ଖରା ବର୍ଷା ଶୀତ କାକର ସମୟରେ ଲୋକମାନଙ୍କୁ ଛିଡ଼ା ହେବାକୁ ପଡୁଛି। ଏ ଦୃଶ୍ୟ ଲୋକଙ୍କୁ ଯେତିକି ବ୍ୟଥିତ କରୁଛି, ତା ଠାରୁ ଲୋକଙ୍କୁ ଅଧିକ ବ୍ୟଥିତ କରୁଛି ଅନେକ ଯାତ୍ରୀବାହୀ ବସ୍ ତହସିଲ ଛକରେ ଷ୍ଟପେଜ୍ କରୁ ନାହାଁନ୍ତି। ତହସିଲ ପରି ଏକ ଗୁରୁତ୍ୱପୂର୍ଣ୍ଣ ସରକାରୀ ଦପ୍ତରରେ ସାଧାରଣ ଲୋକଙ୍କର କାମ ବିଭିନ୍ନ ସମୟରେ ପଡ଼ିଥାଏ। ତେଣୁ ତହସିଲକୁ ଯିବା ଆସିବା କରୁଥିବା ଲୋକ ଯେଉଁମାନେ ବସର ସହାୟତା ଲୋଡୁଛନ୍ତି, ସେମାନେ ଏହିପରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତହସିଲ ଛକରେ ଯାତ୍ରୀ ବିଶ୍ରାମାଗାର ନିର୍ମାଣ ହେବା ସହିତ ଏହି ରାସ୍ତାରେ ଯାତାୟାତ କରୁଥିବା ବସଗୁଡିକ ଲୋକଙ୍କୁ ଉଠାଇବା ଏବଂ ଓହ୍ଲାଇବା କାର୍ଯ୍ୟ ଯେପରି ସୁଚାରୁରୂପେ ସମ୍ପାଦିତ ହୋଇପାରିବ ଏ ଦିଗରେ ପ୍ରଶାସନର ଅଦ୍ୟାବଧି ଦୃଷ୍ଟି ପଡ଼ିନାହିଁ। ରାଜନୀତିକ ବ୍ୟକ୍ତି ଏବଂ ପ୍ରଶାସନର ଦୂରଦୃଷ୍ଟିର ଅଭାବ ଯୋଗୁଁ ସାଧାରଣ ଲୋକଙ୍କର ଏହି ସମସ୍ୟାଟିର ତୁରନ୍ତ ସମାଧାନ ହେବା ଆବଶ୍ୟକ ଥିଲାବେଳେ ତାହା ଏଯାଏଁ ପଡ଼ି ରହିଛି। କଟକ ଜିଲ୍ଲା ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବେ ବୋଲି ଲୋକେ ଆଶା ପ୍ରକଟ କରିଛନ୍ତି।

# ଖୋର୍ଦ୍ଧା ଜିଲ୍ଲା ଆନ୍ତଃସ୍କୁଲ କ୍ରିକେଟ ଗ୍ରୀନ ଏକାଦଶ ବିଜୟୀ

**ଖୋର୍ଦ୍ଧା: ଏକ୍ସପ୍ରେସ ନ୍ୟୁଜ୍**

ଓଡିଶା କ୍ରିକେଟ ଆସୋସିଏସନ୍ ଆନୁକୂଲ୍ୟରେ କ୍ରିକେଟ ଆସୋସିଏସନ୍ ଅଫ୍ ଦି ଡିଷ୍ଟ୍ରିକ୍ ଖୋର୍ଦ୍ଧା ଦ୍ୱାରା ପରିଚାଳିତ ଖୋର୍ଦ୍ଧା ଜିଲ୍ଲା ସ୍କୁଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଉଦଘାଟନୀ ମ୍ୟାଚ୍‌ରେ ଖୋର୍ଦ୍ଧା ସ୍କୁଲ ସମୂହ ଗ୍ରୀନ ଦଳ ବ୍ଲୁ ଦଳକୁ କ୍ରିକେଟରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। ବ୍ଲୁ ଦଳ ପ୍ରଥମେ ବ୍ୟାଟିଂ କରି ଇନ୍ଦୁରୁ ବର୍ଦ୍ଧନଙ୍କ ୫୮ ରନ ଏବଂ କୈଶିକ ମହାନ୍ତିଙ୍କ ୨୨ ରନ ସହାୟତାରେ ୪୦ ଓଭରରେ ସମସ୍ତ ୱିକେଟ ହରାଇ ୧୭୬ ରନ କରିଥିଲେ। ଗ୍ରୀନ ପକ୍ଷରୁ ଜଗନ୍ନାଥ ବେହେରା ହ୍ୟାଟ୍ରିକ ୱିକେଟ ସହିତ ୩୪ ରନର ବିଜୟରେ ସର୍ବାଧିକ ୪ଟି ଏବଂ ଓମ୍ ପ୍ରକାଶ ସାହୁ ୧୪ ରନରେ ୩ଟି ୱିକେଟ ଅକ୍ତିଆର କରିଥିଲେ।



ପ୍ରତ୍ୟୁତ୍ତରରେ ଦେବାଂଶୁ ଜେନାଙ୍କ ୬୨ ରନ ସାଇ ସ୍ମିତିଙ୍କ ୨୯ ରନ ୩୩.୧ ଓଭରରେ ୪ଟି ୱିକେଟ ହରାଇ ସଂଗ୍ରହ କରି ନେଇଥିଲେ। ପ୍ରାରମ୍ଭରେ ଆସୋସିଏସନର ଯୁଗ୍ମ ସମ୍ପାଦକ ସମୀର ବଳିୟାରସିଂହ ଏବଂ କୋଷାଧ୍ୟକ୍ଷ ଚଣ୍ଡୀ ପ୍ରସାଦ ଆଚାର୍ଯ୍ୟ ଟୁର୍ଣ୍ଣାମେଣ୍ଟର ଶୁଭ ଉଦଘାଟନ କରିଥିଲେ। ଖେଳ ଟିକୁ ପରିଚାଳନା କରୁଥିଲେ ଚନ୍ଦ୍ର ମୋହନ ବରାଳ ଏବଂ ଅବଦୁଲ ରହିମ୍ ଖାଁ ସ୍କୋରର ଦାୟିତ୍ୱରେ ସୁଶିଳ ସୁନ୍ଦରାୟ ଏବଂ ମ୍ୟାଚ୍ ରେଫରୀ ଦାୟିତ୍ୱ ସରୋଜ ପାତ୍ର ତୁଲାଇଥିଲେ ।

■ ନିର୍ମାଣର ଗୁଣାତ୍ମକମାନ ସବୁଠୁ ଗୁରୁତ୍ୱପୂର୍ଣ୍ଣ । ଯନ୍ତ୍ରୀଙ୍କ ଅଭାବ ରହିଲେ ଠିକାଦାର ତାର ମନମାନି ନିଶ୍ଚେ ଜାରି ରଖିବ ଏଥିରେ ସନ୍ଦେହ ନାହିଁ । ଜଣେ ଜଣେ ଯନ୍ତ୍ରୀଙ୍କ ଦାୟିତ୍ୱରେ ଏକାଧିକ କାମ ରହିଲେ ଏମାନେ କାମର ତଦାରଖ କେତେ ଭଲଭାବରେ କରିପାରିବେ ସେହିଟା ହିଁ ମୂଳପ୍ରଶ୍ନ । ତାହାଛଡା କାମର ଗୁଣାତ୍ମକମାନ ଯନ୍ତ୍ରୀମାନଙ୍କ ସଚ୍ଚୋଟତା ଉପରେ ହିଁ ନିର୍ଭର କରେ ।

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ   ଭୁବନେଶ୍ୱର   ୧୦ ନଭେମ୍ବର, ୨୦୨୫   ସୋମବାର

ଓଡ଼ିଶା ଏକ୍ସପ୍ରେସ୍

# ମନ୍ଦିରରେ ଆଜିକାଲି ଭାରି ଭିଡ଼ !

> **ମୋ ପିଲାବେଳୁ ଶୁଣିଆସିଛି, ନେତା ଖାଇଗଲେ ! ଦେଶକୁ ଲୁଟିନେଲେ ! ତା'ହେଲେ ଏମାନେ ଭୋଟ ପାଉଛନ୍ତି କେମିତି ? ଲୋକଙ୍କୁ ଭୂତେଇ ଥରେଅଧେ ଖାଇହେବ, ଭୋଟ ପାଇହେବ ! ବାରମ୍ବାର ମନ୍ତ୍ରୀ, ଏମ୍‌ପି, ଏମ୍‌ଏଲ୍‌ଏ ହେବା ସହଜ ନୁହେଁ । ସିନେମାରେ ଦେଖ, ଟିଭିରେ ଦେଖ, ଖବରକାଗଜ ଫିଟାଅ, ପତ୍ରପତ୍ରିକା ପଢ଼, ଭାଷଣ ଶୁଣ, ସବୁଠି ନେତାଙ୍କ ବିରୋଧରେ ଏତେ କଟୁ ସମାଲୋଚନା ଏବଂ ଅଭିଶାପ ଯେ ସେମାନେ ସେଥିରେ ସଫା ହୋଇଯିବା କଥା ! ମାତ୍ର ସେଇ ନିର୍ଦ୍ଦିଷ୍ଟ ଲୋକ ବାରମ୍ବାର ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ, ଏମ୍‌ଏଲ୍‌ଏ, ଏମ୍‌ପି ହେଉଛନ୍ତି କେମିତି ?**

ଆଜିକାଲି ମନ୍ଦିରମାନଙ୍କରେ ଭାରି ଭିଡ଼- ଠେଲାପେଲା ! ଏଇ ଠେଲାପେଲାରେ ଅନେକ ଦର୍ଶନାର୍ଥୀ ଭକ୍ତଙ୍କର ମୃତ୍ୟୁ ହେଉଥିବାର ଖବର ସାମ୍ନାକୁ ଆସୁଛି । ମନ୍ଦିରରେ ପ୍ରଭୁଙ୍କ ଦର୍ଶନ ପୂର୍ବରୁ ସ୍ୱର୍ଗକୁ ଚାଲିଯାଉଛନ୍ତି ଭକ୍ତମାନେ। ଅବଶ୍ୟ ସେଠି ଅନେକ ଦେବତା! ସେ ଯାହା ହେଉ ଭକ୍ତଙ୍କର ଏହି ଅସମ୍ଭାଳ ଭିଡ଼ର କାରଣ କ'ଣ ? ଭକ୍ତିଭାବ ନା ପ୍ରାପ୍ତି ଆଶା, ନା ଭୟ । ମୁଁ କହେ ଭକ୍ତି ହେଉଛି ଭୟ ଓ ପ୍ରାପ୍ତିର ସମିଶ୍ରଣ । ଡରିଲେ ମୁଣ୍ଡ ନଇଁଯାଏ, ମିଳିବାକୁ ଥିଲେ ମୁଣ୍ଡ ନୁଆଁଇବାକୁ ପଡ଼େ । ନା ପୁଣ୍ୟ ଅର୍ଜନ ପାଇଁ ଏ ଭିଡ଼ ? ନା ପାପ ବିସର୍ଜନ ପାଇଁ?

ମନ୍ଦିର ବେଢ଼ା ଭକ୍ତରେ ଭରପୂର ! ପ୍ରତିଦିନ ମନ୍ଦିର ଗଢ଼ା ହେଉଛି, ପୁରାଣ ପଢ଼ା ହେଉଛି, ହେଲେ ମଣିଷପଣିଆ ଖୋଜିଲେ ମିଳୁନି ! ପ୍ରବଚନ ଯେତେ ବଢ଼ୁଛି, ସମାଜ ସେତେ ସଢ଼ୁଛି । ମନ୍ଦିରରେ, ପ୍ରବଚନ ସ୍ଥଳୀରେ, ଝୁଣା-ଧୂପ-ଦୀପର ପବିତ୍ର ବାସ୍ନା । ହେଲେ ମନ ପାପର ପଚା ଗନ୍ଧରେ ପ୍ରଦୂଷିତ ! ସବୁ ଛଳନା !

ଲୋକେ ଯେତେ ହୃଦୟହୀନ ହେଉଛନ୍ତି ହୃଦ୍‌ରୋଗୀଙ୍କ ସଂଖ୍ୟା ସେତେ ବଢ଼ୁଛି । ପ୍ରକୃତି ଯେତେ କର୍କଶ ହେଉଛି ରକ୍ତରେ ମିଠା (ସୁଗର) ସେତେ ବଢ଼ୁଛି । ଡାଇବେଟିସ୍ ! ହାଇପ୍ରେସର୍ ରୋଗୀଙ୍କ ସଂଖ୍ୟା ଯେଉଁଠି ଯେତେ ବେଶୀ ସେଠି ମନ୍ଦିରରେ ସେତେ ଭିଡ଼- ହାଇପ୍ରୋଫାଇଲ ବାବାଙ୍କ ଆତଯାତ । ବାବାମାନେ ଏତେ ତ ବାଣୀ ଶୁଣାଉଛନ୍ତି, ଫଳ କାଇଁ? ଗୁରୁଙ୍କର ୫୫ ବର୍ଷ ବୟସରେ ବି ଗାଲରେ ଧଳା ଦାଢ଼ିଟିଏ ନାହିଁ । ସାମ୍ପୋକରା କଳା ମୁରୁମୁରୁ ସୁଗନ୍ଧିତ କେଶ ପ୍ରବଚନ ଦେଲାବେଳେ ଫୁରୁଫୁରୁ ହୋଇ ଉଡୁଛି । କହୁଛନ୍ତି- ଯୋଗ କଲେ ବାଳ କଳା ରୁହେ । ରୋଗ ଭଲ ହୁଏ । ହେଉ । ହେଲେ ମନ ତ ଯୋଉ କଳାକୁ ସେଇ କଳା । କାଇଁ ପ୍ରକୃତି ତ ବଦଳୁନି ? ରୋଗ ହୁଏତ ଛାଡୁଚି, ଲୋଭ ଛାଡୁଚି କେଉଁଠି ?

ମୋ ପିଲାବେଳୁ ଶୁଣିଆସିଛି, ନେତା ଖାଇଗଲେ ! ଦେଶକୁ ଲୁଟିନେଲେ ! ତା'ହେଲେ ଏମାନେ ଭୋଟ ପାଉଛନ୍ତି କେମିତି ? ଲୋକଙ୍କୁ ଭୂତେଇ ଥରେଅଧେ ଖାଇହେବ, ଭୋଟ ପାଇହେବ ! ବାରମ୍ବାର ମନ୍ତ୍ରୀ, ଏମ୍‌ପି, ଏମ୍‌ଏଲ୍‌ଏ ହେବା ସହଜ ନୁହେଁ । ସିନେମାରେ ଦେଖ, ଟିଭିରେ ଦେଖ, ଖବରକାଗଜ ଫିଟାଅ, ପତ୍ରପତ୍ରିକା ପଢ଼, ଭାଷଣ ଶୁଣ, ସବୁଠି ନେତାଙ୍କ ବିରୋଧରେ ଏତେ କଟୁ ସମାଲୋଚନା ଏବଂ ଅଭିଶାପ ଯେ ସେମାନେ ସେଥିରେ ସଫା ହୋଇଯିବା କଥା ! ମାତ୍ର ସେଇ ନିର୍ଦ୍ଦିଷ୍ଟ ଲୋକ ବାରମ୍ବାର ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ, ଏମ୍‌ଏଲ୍‌ଏ, ଏମ୍‌ପି ହେଉଛନ୍ତି କେମିତି ?

କେତେ କହିବି ? ଏ ତାଲିକା ଅସରନ୍ତି । ଯୁଗ ସରିଯିବ, ଖବରକାଗଜର ପୃଷ୍ଠା ଖତମ୍ ହୋଇଯିବ, ମାତ୍ର ଏ ହିସାବ ସରିବନି । ଛଳନାର ଏ ଧାନ ଅମାରକୁ କଲମର ଟିକି ମୁନରେ ଖାଲି କରିବା ସମ୍ଭବ ନୁହେଁ । ତା' ପରେ କିଏ କହୁଛି, କ'ଣ କହୁଛି ? ଛଳନା ବାବଦରେ ମତଦେବା ତ ଏକ ମସ୍ତବଡ଼ ଛଳନା । ଆମମାନଙ୍କ ପରି ଆତ୍ମଘୋଷିତ ଉପଦେଷ୍ଟାମାନେ, ଯେଉଁମାନଙ୍କର କଥା ଆଉ କାମରେ ଯୋଜନ ଯୋଜନର ତଫାତ୍ ସେମାନଙ୍କ ପରାମର୍ଶକୁ ବସ୍ତୁବାଦୀ ଲୋକେ ଗୁରୁତ୍ୱ ଦେବେ କାହିଁକି ? ଆଜିକାଲି ଗଣମାଧ୍ୟମ ଛଳନାର କଳାପଟା ପାଲଟିଛି । ସୁବିଧା ଦେଖି ସେଥିରେ ଲେଖ, ସୁଯୋଗ ଉଣ୍ଡି ତାକୁ ଲିଭାଇ ପୁଣି ନୂଆ ବାର୍ତ୍ତା ଦିଅ । କେହି ତୁମକୁ ଚାଲେଞ୍ଜ କରିବେନି । କିଏ କରିବ ? ସମସ୍ତେ ମୁଖା ପିନ୍ଧି ବୁଲୁଛନ୍ତି । ଅସଲ ମୁହଁ କାହାର ଦିଶୁନାହିଁ !

## ଛଳନାର କଳାପଟା

ଅନେକ ରାଷ୍ଟ୍ରାୟତ୍ତ ବ୍ୟାଙ୍କର ହଜାର ହଜାର କୋଟି ଟଙ୍କା ଚଳୁ କରି ବିଦେଶ ଯିବାରେ ସକ୍ଷମ ହୋଇଥିବା ଯୁବତୀ ରସିଆ ବିଜୟ ମାଲ୍ୟା ସାମ୍ବାଦିକଙ୍କ ବାବଦରେ ଯାହା କହିଥିଲେ ତାହା ଗଣମାଧ୍ୟମର ସ୍ୱଚ୍ଛତାକୁ ନେଇ ମଣିଷକୁ ଚିନ୍ତାରେ ପକାଏ । ଏବେ ତ ଅନେକେ କିଛି ନିର୍ଦ୍ଦିଷ୍ଟ ଗଣମାଧ୍ୟମକୁ ସରକାରଙ୍କ ଗେହ୍ଲାପୁଅ ବୋଲି କହୁଛନ୍ତି ।

**ସାମ୍ବାଦିକମାନଙ୍କୁ ନାମୀଦାମୀ ଲୋକେ ଉପକୃତ କରନ୍ତି କାହିଁକି?**

ଏହା ଏକ ନିୟୁତ ଡଲାର୍‌ର ପ୍ରଶ୍ନ । ତେବେ ଅତି ସରଳ ଭାବେ ବୁଝେଇ କହିଲେ- ସାମ୍ବାଦିକମାନେ ଏକପ୍ରକାର ପୂଜକ, ଯେଉଁମାନଙ୍କ ମାଧ୍ୟମରେ ଦେବତାଙ୍କର ଆଶୀର୍ବାଦ ପାଇହୁଏ-ନିଜର ମନୋବାଞ୍ଛା ପୂରଣ କରିହୁଏ- ଈପ୍‌ସିତ ବସ୍ତୁ ମିଳେ । ଏମାନେ ଏଇସବୁ ପ୍ରାପ୍ତିର ବିଧିବିଧାନ ଜାଣନ୍ତି । ଅର୍ଥାତ୍ କ'ଣ କଲେ, କେଉଁବାଟେ ଗଲେ, କାହାକୁ ଧରିଲେ ଜଣେ କୃତକାର୍ଯ୍ୟ ହୋଇପାରିବ ସେ କୌଶଳ ଏମାନଙ୍କୁ ଭଲଭାବେ ଜଣା । ମନ୍ଦିରର ଭାଇନାମାନଙ୍କ ଭୂମିକା ଯାହା ସାମ୍ବାଦିକଙ୍କ ଭୂମିକା ପ୍ରାୟ ସେଇଆ । ଆପଣଙ୍କ ଘରେ ଠାକୁରଙ୍କ ଫଟୋ ଅନେକ ଥିବ, ମୂର୍ତ୍ତି ବି ଥିବ । ଆପଣ ସିଧାସଳଖ ସେଇସବୁ ଠାକୁରଙ୍କ ପୂଜା କରିପାରୁଥିବେ । କିନ୍ତୁ ଦେଉଳରେ ଥିବା ଦିଅଁଙ୍କୁ ଆପଣ ସିଧାସଳଖ ପୂଜା କରିପାରିବେ ନାହିଁ । ଏଥିପାଇଁ ପଇତାପକା ଭାଇନା ଦରକାର ।

ଗଣତନ୍ତ୍ରର ପବିତ୍ର ମନ୍ଦିରରେ ରୁହନ୍ତି ସଂସଦୀୟ ଦେବଗଣ । ଭିନ୍ନ ଭିନ୍ନ ରାଜ୍ୟର ଲୋକସଂଖ୍ୟାକୁ ନେଇ ଏହି ମନ୍ଦିରରେ ମୁଖ୍ୟଦେବତା ଏବଂ ପାର୍ଶ୍ୱଦେବତାଙ୍କର ସଂଖ୍ୟା ସ୍ଥିର ହୋଇଛି । ଏହି ଦେବଗଣଙ୍କ ବଡ଼ଦେଉଳ ଦିଲ୍ଲୀରେ । ଗଣତନ୍ତ୍ରର ତିନି ଦେବତା- ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଏବଂ ଲୋକସଭାର ବାଚସ୍ପତି ୫୩୯ଜଣ ପାର୍ଶ୍ୱଦେବତାଙ୍କୁ ସାଥିରେ ଧରି ଗଣତନ୍ତ୍ରର ଏହି ପବିତ୍ର ମନ୍ଦିରରେ ବିରାଜମାନ । ଏମାନଙ୍କ ପୂଜା ଦାୟିତ୍ୱରେ ଅଛନ୍ତି, ଆମ ବଡ଼ଦେଉଳରେ ଥିବା ଭିନ୍ନ ଭିନ୍ନ ଧରଣର ସେବାୟତଗଣଙ୍କ ପରି କଲମଧାରୀ ପୂଜକଗଣ । ଏଇମାନେ ହିଁ ମନ୍ଦିର ଭିତରକୁ ଯିବା ଆସିବା ପାଇଁ ଅନୁମତିପ୍ରାପ୍ତ । ଏମାନଙ୍କର ଗଣଦେବତାଙ୍କ ସହିତ ସିଧାସଳଖ ସମ୍ପର୍କ । ଏମାନେ ଏହି ଦେବଗଣଙ୍କ କାନରେ ମନ୍ତ୍ର ଫୁଙ୍କିପାରିବେ, ନୀତି କରିପାରିବେ, ଭୋଗ ଲଗାଇ ପାରିବେ, ଠାକୁରଙ୍କ ମୁଣ୍ଡରୁ, ବେକରୁ ଫୁଲ-ବେଲପତ୍ର ଆଣି ଯଜମାନଙ୍କୁ ଦେଇପାରିବେ । ସାଧାରଣ ଜନତାଙ୍କର କିନ୍ତୁ ଏଇ ପବିତ୍ର ମନ୍ଦିରକୁ ହଠାତ୍ ପ୍ରବେଶାଧିକାର ନାହିଁ । ଏହି ମନ୍ଦିରକୁ ପ୍ରବେଶ କରିବାକୁ ହେଲେ ପାର୍ଶ୍ୱଦେବତାଙ୍କ ଠାରୁ ପାସ୍ ଦରକାର । ସେଇ ପାସ୍ ନେଇ ସେମାନେ ଗ୍ୟାଲେରିରେ ବସିବେ । ପୂଜକମାନଙ୍କ ପାଇଁ ୩୬୫ଦିନ ଆତଯାତ ବ୍ୟବସ୍ଥା । ତେଣୁ ଗଣଦେବତାଙ୍କର ନାଡ଼ିନକ୍ଷତ୍ର ଏହି ପୂଜକଗଣଙ୍କୁ ଜଣା । ଏମାନେ ଯଦି କହିବେ- ଏ ଠାକୁରଙ୍କ ମାହାତ୍ମ୍ୟ ନାହିଁ ତା'ହେଲେ କଥା ସରିଲା । ସେ ଦେବତାଙ୍କ କାଟ୍‌ତି କମିଲା । ଭକ୍ତଗଣ ସେ ଠାକୁରଙ୍କ ପାଖକୁ ଯିବେନାହିଁ । ଏହି ପୂଜକଗଣଙ୍କର ଡବଲ୍ ଫାଇଦା । ଭକ୍ତ ଦେଉଥିବା ଦକ୍ଷିଣା (ବିଜୟ ମାଲ୍ୟାଙ୍କ କହିବା ମୁତାବକ) ପ୍ଲସ୍ ସ୍ୱାଭାବିକ ଭାବେ ଭୋଗର ଗୋଟିଏ ଭାଗ (ଚଣ୍ଡ) ଏମାନଙ୍କର ।

ଆଉ କିଛି ପୌରାଣିକ ଚରିତ୍ର ମନ୍ଦିରଗାତ୍ରରେ ଶୋଭା ପାଉଛନ୍ତି । ଏମାନେ ହେଲେ ସରକାରୀ ବାବୁ । ଏମାନେ ଦେଉଳର ଶୋଭା ବଢ଼ାନ୍ତି । ଏମାନଙ୍କର ମଧ୍ୟ ସ୍ଥଳବିଶେଷରେ ପୂଜାର୍ଚ୍ଚନା କରାଯାଏ । ଏଠି ମଧ୍ୟ ଭାଇନାଙ୍କର ଆବଶ୍ୟକତା ରହିଛି ।

ବିଜୟ ମାଲ୍ୟାଙ୍କ ପରି ବ୍ୟବସାୟୀମାନେ ହେଲେ ମନ୍ଦିରବେଢ଼ାର ଭୋଗ ଦୋକାନୀ । ଏଇମାନଙ୍କ ଦୋକାନରୁ ଭୋଗ ନେଇ ସଂସଦୀୟ ଦେବଗଣଙ୍କ ଠାରେ ଲାଗି କରାଯାଏ । ଗଣଦେବତାଙ୍କ ଅନୁରୂପ ଭୋଗ ଦୋକାନୀଙ୍କ ପ୍ରଭାବ ନ ଥିଲେ ହେଁ ଏମାନେ ଠାକୁରଙ୍କ ଜିନିଷ ବିକି ବିକି ଏପରି ଅବସ୍ଥାକୁ ଆସି ଯାଇଥାନ୍ତି, ଏମାନଙ୍କୁ ଦେଖିଲେ ଲୋକଙ୍କର ଭକ୍ତିଭାବ ଜାଗେ । ପାର୍ଶ୍ୱଦେବତାଙ୍କ କଥା ମୁଁ ଆଗରୁ କହିଛି । ପାର୍ଶ୍ୱଦେବତାମାନଙ୍କ ପାଖରେ ମଧ୍ୟ ଲୋକେ ଦୀପ ଜଳାନ୍ତି ଏବଂ ଭୋଗ ଲଗାନ୍ତି । ଏଠି ମଧ୍ୟ ମାନସିକ କଲେ ସୁଫଳ ମିଳେ । ଏଠି ମଧ୍ୟ ପୂଜକମାନଙ୍କର ଆବଶ୍ୟକତା ରହିଛି ।

ତେଣୁ ସାଧାରଣରେ ଏକ ଧାରଣା ଯେ, ସାମ୍ବାଦିକଙ୍କୁ ଧରିଲେ ସବୁ କରିହେବ । କଥାଟା କିନ୍ତୁ ଭୁଲ୍ ନୁହେଁ । ଏଇମାନେ ହିଁ ଅନେକ ଅପକର୍ମର ସାକ୍ଷୀ ଏବଂ ସାଥୀ । ନହେଲେ ବିଜୟ ମାଲ୍ୟା କ'ଣ ଏଡ଼େବଡ଼ କଥାଟେ କହିବାକୁ ସାହସ କରିଥାନ୍ତେ ଯେ, ମୋ ପଇସାରେ ସାମ୍ବାଦିକମାନେ ମଉଜ୍‌ମସ୍ତି କରିଛନ୍ତି !

ସାମ୍ବାଦିକମାନେ ସତରେ ଆଉ ସାମ୍ବାଦିକ ହୋଇ ନାହାନ୍ତି । ଏମାନଙ୍କ ମଧ୍ୟରୁ ଅନେକେ ଏବେ ମଧ୍ୟସ୍ଥି ଭୂମିକାରେ ! ସାମ୍ବାଦିକମାନେ ପାରମ୍ପରିକ ଭାବେ ବିଭିନ୍ନ ସାମ୍ବାଦିକ ସଂଘର ସଦସ୍ୟ ! କିନ୍ତୁ କିଛି ସାମ୍ବାଦିକ ବଡ଼ ବଡ଼ ଅଭିଜାତ କ୍ଲବ୍‌ର ସଦସ୍ୟତା ନେଇଛନ୍ତି ! ଏଠି ବଦଳି-ପୋଷ୍ଟିଂ ଠାରୁ ନେଇ ଟେଣ୍ଡର ଯାଏଁ ସବୁକିଛିର ନିଷ୍ପତ୍ତି ହୁଏ ବୋଲି ସାଧାରଣରେ ଆଲୋଚନା !

ଏବେ ରାସ୍ତାଘାଟରେ ଅନେକ ଦାମୀ ଗାଡ଼ି ବୁଲୁଛି । ଦେଖିବେ ବଡ଼ ବଡ଼ ଅକ୍ଷରରେ ସେଥିରେ ପ୍ରେସ୍ ଲେଖା ହୋଇଥିବ । ପ୍ରେସ୍‌ର ଅର୍ଥ ଛାପାଖାନା । ଖବରକାଗଜକୁ ତେଣୁ 'ପ୍ରେସ୍' କୁହାଯାଏ । ଅବଶ୍ୟ 'ପ୍ରେସ୍' ନଥାଇ ବି ଟିଭି ଚାନେଲ୍‌ବାଲାଙ୍କୁ 'ପ୍ରେସ୍' କହୁଛନ୍ତି । 'ପ୍ରେସ୍'ର ଆଉଗୋଟେ ଅର୍ଥ ହେଲା- ଚାପ । ଚାପ ସୃଷ୍ଟିକରି କେତେ ଭାବରେ ଲୋକଙ୍କୁ ବ୍ଲାକ୍‌ମେଲ୍ କରିହୁଏ, ତା'ର ଏତେ ନଜିର ଏ ଦେଶରେ ଅଛି ଯେ ସେ ଖବର ଛାପିବା ସମ୍ଭବ ନୁହେଁ ।

ଏ ଦେଶରେ ସମସ୍ତେ ଅଳ୍ପବହୁତେ ବେଆଇନ କାର୍ଯ୍ୟରେ ଲିପ୍ତ । ଏପରି କୌଣସି ବ୍ୟକ୍ତି ନାହାନ୍ତି ଯିଏ ଛାତିରେ ହାତଦେଇ କହିପାରିବେ- ମୁଁ ମୋ ଜୀବନରେ କୌଣସି ଅପକର୍ମ କରିନାହିଁ । ପଦ-ପଦବୀ ଏବଂ ନାମ-ଯଶ ଲୋଭରେ ଅନେକ ନାମୀଦାମୀ ବ୍ୟକ୍ତିଙ୍କର ଗୋଡ଼ ଖସିଗଲେ ସେମାନେ ଅପକର୍ମର ଅଡୁଆ ଜାଲରେ ଛନ୍ଦି ହୋଇପଡ଼ନ୍ତି । ବାସ୍ ! ଏହା ହିଁ ସାମ୍ବାଦିକଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ ! ''କାଳେ ଫିଟେଇଦେବେ'' ଏଇ ଭୟ ସମସ୍ତଙ୍କର ରହିଛି । ଯେଉଁଥିପାଇଁ ଅନେକ ଫାଇଦା ଅନେକ ପ୍ରାପ୍ତି ! ବିଜୟ ମାଲ୍ୟା ବୋଧେ ଏଇ ମର୍ମରେ କହିଛନ୍ତି । ରାଜନୈତିକ ନେତାଙ୍କର ଦୁଇଜଣଙ୍କୁ ଭୟ । ସାମ୍ବାଦିକଙ୍କୁ ଭୟ, ସମର୍ଥକ ଅର୍ଥାତ୍ ଭୋଟର୍‌ଙ୍କୁ ବି ଭୟ । ତେଣୁ ଏମାନଙ୍କ ପାଖରୁ ଯେଉଁ କୃପା ମିଳେ ତାହା ଅନ୍ୟମାନଙ୍କ ଠାରୁ ମିଳିପାରିବ ନାହିଁ ।

ଏବେ ଆପଣମାନେ ବୁଝି ପାରୁଥିବେ, ଏ ଦେଶରେ ଗଣମାଧ୍ୟମ ଏତେ ସକ୍ରିୟ ଏବଂ ଜାଗ୍ରତ ଥିବାସତ୍ତ୍ୱେ ଦୁର୍ନୀତି-ଭ୍ରଷ୍ଟାଚାରର ଏତେ ଲମ୍ବା ତାଲିକା କାହିଁକି ? ଗଣମାଧ୍ୟମ ପ୍ରକୃତରେ ଗଣଙ୍କ ଭାର ବହନ କରୁନି, ଇଏ ଗଣଦେବତା ଏବଂ ଭୋଗ ଦୋକାନୀଙ୍କ ଭାରରେ ଭାରାକ୍ରାନ୍ତ । ଏହି କାରଣରୁ ମୁଁ ଚାରିଦଶନ୍ଧି ହେବ ଗଣମାଧ୍ୟମ ସହ ସମ୍ପୃକ୍ତ ଥିଲେ ହେଁ ଏହି ଗଣଦେବତା ଏବଂ ମନ୍ଦିର ବେଢ଼ାର ଭୋଗ ଦୋକାନୀଙ୍କ ଠାରୁ ନିରାପଦ ଦୂରତ୍ୱରେ ଅଛି । ତଥାପି ବୃତ୍ତି ଦୃଷ୍ଟିରୁ ମୋତେ ଯେ କିଏ ମନ୍ଦିରର ଭାଇନା କହୁନଥିବେ ଏ ଗ୍ୟାରେଣ୍ଟି ଦେବା କଷ୍ଟ ।

## ନିର୍ମାଣର ମାନ ପରଖୁଛି କିଏ ?

ସରକାରୀ କୋଠାବାଡି ଠାରୁ ଆରମ୍ଭ କରି ରାସ୍ତାଘାଟ ଏବଂ ବିଭିନ୍ନ ନିର୍ମାଣର ଦାୟିତ୍ୱ ଠିକାଦାରଙ୍କ ହାତରେ ଥାଏ । ଏ କାମର ଗୁଣାତ୍ମକମାନ ପରୀକ୍ଷା କରିବାର ଦାୟିତ୍ୱ ଥାଏ ଯନ୍ତ୍ରୀମାନଙ୍କ ହାତରେ କିନ୍ତୁ ଦେଖାଯାଏ ଅଧିକାଂଶ କ୍ଷେତ୍ରରେ ଯନ୍ତ୍ରୀମାନେ କାମ ଉପରକୁ ଖୁବ୍ କ୍ୱଚିତ ଯାଆନ୍ତି । କାମ ଶେଷ ହେବା ପରେ କେବଳ ମାପଚୁପ ବେଳେ ଏମାନଙ୍କୁ କାମ ଉପରେ ଦେଖିବାକୁ ମିଳେ, ବାକିତକ ସମୟ ଶୀତତାପ ନିୟନ୍ତ୍ରିତ କୋଠରିରେ ଏମାନେ ଥାଆନ୍ତି । କାମ ଶେଷ ହେବା ପରେ ଯଦି କିଛି ତ୍ରୁଟି ରହିଯାଏ ତାକୁ କ'ଣ ଆଉ ସଜାଡାଯାଇପାରେ ? ନିମ୍ନମାନର କାମ ଉପରେ ମଧ୍ୟ ଯନ୍ତ୍ରୀମାନେ ସରସା କାମର ମୋହର ଲଗାଇ ପାରନ୍ତି, ଏଥିପାଇଁ କ'ଣ ସବୁ ବ୍ୟବସ୍ଥା ରହିଛି ଏକଥା କାହାରିକୁ ଅଛପା ନାହିଁ । ନିର୍ମାଣର ଗୁଣାତ୍ମକମାନ, କଂକ୍ରିଟର ଭାଙ୍ଗମାପ ଯନ୍ତ୍ରୀମାନେ କାମ ଉପରକୁ ଯାଇ ଦେଖନ୍ତିନି । ମନ୍ତ୍ରୀ-ଯନ୍ତ୍ରୀ-ଠିକାଦାର ଏମାନଙ୍କ ଭିତରେ ଏକ ସୁନ୍ଦର ସମ୍ପର୍କ ରହିଥାଏ ସବୁବେଳେ । ଏହି କାରଣରୁ ହିଁ ନିର୍ମାଣର ଅଳ୍ପ କେଇଦିନ ଭିତରେ କେଉଁଠି ରାସ୍ତାରୁ ପିଚୁ ଉଠିଯାଏ ତ ପୁଣି କେଉଁଠି ନବନିର୍ମିତ କୋଠରୁ ପାଣି ଗଳେ କିମ୍ବା ସିମେଣ୍ଟ ଚକଡା ଗଳିପରେ ପିଲାଙ୍କ ଉପରେ ।

ଏକ ସରକାରୀ ତଥ୍ୟରୁ ଜଣାଯାଇଛି, ପୂର୍ତ୍ତ ବିଭାଗରେ ୪ ହଜାରରୁ ଅଧିକ ପଦବୀ ଖାଲି ପଡିଛି । ଏଥିମଧ୍ୟରୁ ଯନ୍ତ୍ରୀ ପଦବୀ ସଂଖ୍ୟା ୨ ହଜାରରୁ ଅଧିକ । ବିଭିନ୍ନ କାରଣରୁ ବର୍ଷ ବର୍ଷ ଧରି ପଦନ୍ନୋତି ଏବଂ ନିଯୁକ୍ତି ଭିତ୍ତିରେ ଖାଲି ପଡିଥିବା ପଦବୀ ଗୁଡିକ ପୂରଣ ହୋଇନାହିଁ ।

ନିର୍ମାଣର ଗୁଣାତ୍ମକମାନ ବଜାୟ ନରହିଲେ ଏହା କେବେବି ଦୀର୍ଘସ୍ଥାୟୀ ହୁଏନାହିଁ । ଲୋକଙ୍କ ପାଇଁ ସରକାର ଯେଉଁ ସବୁ ଯୋଜନା କରନ୍ତି ତାହା ଫିତାକଟାର ଅଳ୍ପ କେହିଦିନ ଭିତରେ ବ୍ୟବହାର ଉପଯୋଗୀ ହୋଇ ଆଉ ରହେନାହିଁ । ସାରା ରାଜ୍ୟରେ ଗ୍ରାମାଞ୍ଚଳମାନଙ୍କରେ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ଉଦ୍ଦେଶ୍ୟରେ ବିଭିନ୍ନ ପାନୀୟ ଜଳ ପ୍ରକଳ୍ପ ପୂର୍ବ ସରକାର ଅମଳରେ କରାଯାଇଥିଲା । ସେଗୁଡିକ ମଧ୍ୟରୁ ଅଧିକାଂଶ ଏବେ ଅଚଳ । କିଛିବର୍ଷ ତଳେ ନିର୍ମାଣ କରାଯାଇଥିବା ଅତ୍ୟାଧୁନିକ ସ୍କୁଲଗୃହର ଗୁଡିକର ଅବସ୍ଥା ଖୁବ୍ ଦୟନୀୟ ।

ନିର୍ମାଣର ଗୁଣାତ୍ମକମାନ ସବୁଠୁ ଗୁରୁତ୍ୱପୂର୍ଣ୍ଣ । ଯନ୍ତ୍ରୀଙ୍କ ଅଭାବ ରହିଲେ ଠିକାଦାର ତାର ମନମାନି ନିଶ୍ଚେ ଜାରି ରଖିବ ଏଥିରେ ସନ୍ଦେହ ନାହିଁ । ଜଣେ ଜଣେ ଯନ୍ତ୍ରୀଙ୍କ ଦାୟିତ୍ୱରେ ଏକାଧିକ କାମ ରହିଲେ ଏମାନେ କାମର ତଦାରଖ କେତେ ଭଲଭାବରେ କରିପାରିବେ ସେହିଟା ହିଁ ମୂଳପ୍ରଶ୍ନ । ତାହାଛଡା କାମର ଗୁଣାତ୍ମକମାନ ଯନ୍ତ୍ରୀମାନଙ୍କ ସଚ୍ଚୋଟତା ଉପରେ ହିଁ ନିର୍ଭର କରେ । ଯଦି ଖାଉଯନ୍ତ୍ରୀଙ୍କ ହାତରେ ଏହି ଦାୟିତ୍ୱ ରହିଲା କାମର ଗୁଣାତ୍ମକମାନ କେତ ସରସା ହେବ ଏକଥା ନକହିବା ଭଲ । ପ୍ରତିଦିନତ ଖାଉଯନ୍ତ୍ରୀ ଏବଂ ଅଧିକାରୀ ଭିଜିଲାନ୍ସ ଜାଲରେ ପଡୁଥିବା ଖବର ପ୍ରକାଶ ପାଉଛି, ତେଣୁ ଏହି ଭଳି ଯନ୍ତ୍ରୀଙ୍କ ତଦାରଖରେ ନିର୍ମାଣ ହୋଇଥିବା ରାସ୍ତାଘାଟ, ବ୍ରିଜ୍ ଏବଂ ଅଟ୍ଟାଳିକ ଗୁଡିକ କେତେ ସୁରକ୍ଷିତ ତାହା ମଧ୍ୟ ଏକ ବଡପ୍ରଶ୍ନ ।

ନିକଟରେ କଟକ ମଣିସାହୁ ଛକ ପାଖରେ ଥିବା ଏକ ପୁରୁଣା ଆପାର୍ଟମେଣ୍ଟର ବାଲକୋନି ହଟାତ୍ ଭୁଷୁଡି ପଡିବା କାରଣରୁ ୩ ଜଣଙ୍କ ମୃତ୍ୟୁ ଘଟିଛି । ଏହିଭଳି ବିପଦସଂକୁଳ ଅଟ୍ଟାଳିକା ଗୁଡିକର ଚିହ୍ନଟ ନହେଲେ ଆଗକୁ ଏଭଳି ଅଘଟଣ ସଂଖ୍ୟା ବଢିପାରେ । ଘରୋଇ ବିଲ୍ଡରମାନେ ମଧ୍ୟ ନିର୍ମାଣର ମାନ ଉପରେ ଗୁରୁତ୍ୱ ଦେବା ଦରକାର । ସରକାରୀ ନିର୍ମାଣ ହୋଇଥିଲେ ଏଥିପାଇଁ କିଏ ଦାୟୀ ତାଙ୍କୁ ଠାବ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ମଧ୍ୟ ଦରକାର । ଉତ୍ତରଦାୟିତ୍ୱ ନରହିବା କାରଣରୁ ହିଁ କାମର ଗୁଣାତ୍ମକମାନ ବଜାୟ ରହେନି ।

### ଷଡ଼ଯନ୍ତ୍ରର ଅନ୍ୟନାମ ବୁମେରାଂ !



ମହାଶୟ,

ମହତ ଉଦ୍ଦେଶ୍ୟ ରଖି କରାଯାଉଥିବା ପ୍ରତିଟି ସେବା ଧର୍ମକୁ କୌଣସି ପ୍ରକାର ତନ୍ତ୍ର, ମନ୍ତ୍ର, ଯନ୍ତ୍ର ବା ଷଡ଼ଯନ୍ତ୍ର ପଣ୍ଡ କରିପାରେନାହିଁ । କାରଣ ସେବା ଧର୍ମର ଶକ୍ତି ଏତେ ଅଧିକ ଯେ, ତାହା ସମସ୍ତ ପ୍ରକାର ପ୍ରତିକୂଳ ଶକ୍ତିକୁ ଖଣ୍ଡନ କରିବାର ସାମର୍ଥ୍ୟ ରଖିଥାଏ । ଏହା ବିଧିର ବିଧାନ । ନିଃସ୍ୱାର୍ଥପର ଭାବେ କରାଯାଉଥିବା ଯେ କୌଣସି ସେବା କାର୍ଯ୍ୟ ବଳବାନ ବୋଲି ତ ଆଜିଯାଏଁ ଜଗତରେ ସତ୍ୟ, ଧର୍ମ ଓ ନ୍ୟାୟ ତିଷ୍ଠି ରହିଛ । ମହର୍ଷି ବେଦବ୍ୟାସ ଧର୍ମର ସାରକଥା ସଂକ୍ଷେପରେ ଲେଖି ଯାଇଛନ୍ତି । ତାହା ହେଲା, ପରୋପକାରାୟ ପୁଣ୍ୟାୟ, ପାପାୟ ପରପୀଡନମ୍ । ସାମାନ୍ୟ ବିଳମ୍ବ ହେଲେ ବି, ଯୁଗେ ଯୁଗେ ପାପ ଉପରେ ପୁଣ୍ୟ ସର୍ବଦା ଜୟଯୁକ୍ତ ହୋଇ ଆସିଛି ।

**କୈଳାସ ଚନ୍ଦ୍ର ସାମନ୍ତରାୟ,**
ଅନ୍ତେଇ, ପାଟକୁରା

ମହାଶୟ,

ଲେଖାଟି ସୁନ୍ଦର ହୋଇଛି । ଷଡଯନ୍ତ୍ର ପ୍ରାୟତଃ ବିଫଳ ହୁଏ । ଈଶ୍ୱରଙ୍କ ସଂହିତା ସହାୟକ ହୋଇଥାଏ । ଷଡଯନ୍ତ୍ର କରିଥିବା ବ୍ୟକ୍ତି କେବେବି ଶାନ୍ତି ରେ ରହିବା ଦେଖାଯାଏ ନାହିଁ । ରାତ୍ରିରେ ଶୋଇପାରନ୍ତି ନାହିଁ ।

**କୃପାସିନ୍ଧୁ ବିଶ୍ୱାଳ,** ପଟିଆ, ଭୁବନେଶ୍ୱର

# ଦିନେ ଖୋର୍ଦ୍ଧା ଲୁଙ୍ଗି, ଗାମୁଛା ଯାଉଥିଲା ଜାଭା, ସୁମାତ୍ରା, ବୋର୍ଣ୍ଣିଓ



**ଢିଙ୍କି ମହାକାଳି ଚକୁଳି**

**ସମରେନ୍ଦ୍ର ବଳିଆରସିଂହ**

ସେ ଗୋଟେ ସଭ୍ୟତାର ଗାଥା। ଲଜ୍ଜା, ସଂଭ୍ରମତା, ସ୍ୱାଭିମାନର ଗୋଟେ ସୁନ୍ଦର ପରିଭାଷା । ଖ୍ରୀଷ୍ଟପୂର୍ବ ପଞ୍ଚମ ଶତାବ୍ଦୀରୁ ଆରମ୍ଭ ତା'ର ଜୟଯାତ୍ରା, ଏଇ ଭାରତବର୍ଷରେ, ଏଇ ଆର୍ଯ୍ୟାବର୍ତ୍ତରେ । କପାରେ ପ୍ରସ୍ତୁତ ହୋଇଥିଲା ସୂତାର ଲୁଗା, ଯାହା ଶାଢ଼ି ନାମରେ ପରିଚିତ । କପା ଚାଷ କରି ସେଇ କପାରୁ ନିଜ ହାତରେ ଶାଢି ପ୍ରସ୍ତୁତ କରୁଥିଲା ଏଇ ମଣିଷ । ଇଏ ଆମ ସ୍ୱଦେଶୀ ବସ୍ତ୍ର, ଆମ ଅସ୍ମିତାର ଇତିହାସ ଓ ଶାସ୍ତ୍ର। ଶାଢ଼ି ହେଉଛି ପ୍ରଥମ ଭାରତୀୟ ବସ୍ତ୍ର, ଯାହାକି ଅନ୍ତର୍ଜାତୀୟ ସ୍ତରରେ ମାନ୍ୟତା ପାଇଥିଲା (first Indian international garment)। ଏହା ମଧ୍ୟ ଭାରତୀୟ ନାରୀତ୍ୱର ପ୍ରତୀକ। ସମୟ ସିନା ବଦଳିଛି । ରୁଚି ବଦଳିଛି । କିନ୍ତୁ ବଦଳିନି ଆମ ପରିଚୟ ।

ଲାଲମାଟି ଖୋର୍ଦ୍ଧା । ବୀର ପାଇକମାନଙ୍କ ମାଟି । ଏ ମାଟିକୁ ଚପୁଡ଼ିଦେଲେ ରକ୍ତ ନିଗିଡ଼ିପଡ଼େ। ଏଠିକାର ବୀରାଙ୍ଗନା ପାଇକ ରମଣୀ ପିନ୍ଧୁଥିଲେ ଶାଢି । ଶାଢି ପିନ୍ଧି ଯୁଦ୍ଧ କରୁଥବାର ଇତିହାସ ସାକ୍ଷୀ । ପାଇକ ରମଣୀ କଳାବତୀ ହୁଅନ୍ତୁ କି ହାରାବତୀ, ଶାଢି ପିନ୍ଧି ବୀରଦର୍ପରେ ଇଂରେଜମାନଙ୍କ ମୁକାବିଲା କରୁଥିଲେ। ସେଇ ଗୌରବଶାଳୀ ଇତିହାସ ପରା ଏ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଭାବେ ଖ୍ୟାତ । ଖୋର୍ଦ୍ଧା ରାଜ୍ୟର ଯୁଦ୍ଧଦେବୀ ମା' ବରୁଣେଇ ଓ କରୁଣେଇ ଶାଢି ପିନ୍ଧି, ହାତରେ ଖଣ୍ଡା ଧରି ଘୋଡ଼ା ଚଢି ଲଢୁଥିଲେ ଇଂରେଜ ସେନା ସାଙ୍ଗରେ, ସୁରକ୍ଷା ଦେଉଥିଲେ ରାଜ୍ୟକୁ, ଇଂରେଜ ସୈନିକଙ୍କୁ ଗଡ଼ଖୋର୍ଦ୍ଧା ମଧ୍ୟରେ ପ୍ରବେଶ କରାଇଦେଉନଥିଲେ। ଖୋର୍ଦ୍ଧା ଲୁଙ୍ଗି, ଗାମୁଛା ଥିଲା ପାଇକମାନଙ୍କର ପରିଧାନ ।

ଜାତିର ପିତା ମହାତ୍ମା ଗାନ୍ଧୀ 'କୁଟି ଖାଅ, କାଟି ପିନ୍ଧ'ର ସ୍ଲୋଗାନ୍ ଦଉଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 'ଆତ୍ମନିର୍ଭର ଭାରତ'ର ସ୍ଲୋଗାନ୍ ଦେଉଛନ୍ତି । ସେଇ ଆତ୍ମନିର୍ଭରଶୀଳତାର ପ୍ରତୀକ ଥିଲା ଆମ ଶାଢି । ଖୋର୍ଦ୍ଧା ଲୁଙ୍ଗି, ଗାମୁଛା ଓ ଶାଢିର ଏକ ଅଲଗା ପରିଚୟ ଥିଲା, ବାଣିଜ୍ୟ ଭାଷାରେ ଯାହାକୁ ଆମେ କହୁଛୁ 'ବ୍ରାଣ୍ଡ' । ଏସବୁ ପରିଧାନ ପିନ୍ଧିବା ପାଇଁ ଭାରି କୋମଳ, ହାଲକା ଏବଂ ଚର୍ମ ପାଇଁ ଭଲ। ଖୋର୍ଦ୍ଧା, ଲୁଙ୍ଗି, ଗାମୁଛା ଓ ଶାଢ଼ିର ପ୍ରଚଳନ ୮୦-୧୮ବର୍ଷ ତଳୁ ହୋଇଥିଲା ବୋଲି ପୁରୁଣା ବୁଣାକାରମାନେ କୁହନ୍ତି। ଜଣେ ମାରୱାଡ଼ି ବ୍ୟବସାୟୀ ଗଣପତି ଲାଲଙ୍କ ଉଦ୍ୟମକ୍ରମେ ନୀଳ ଲୁଙ୍ଗି ଓ ଲାଲ ଗାମୁଛା ବୁଣା ଆରମ୍ଭ ହୋଇଥିଲା। ତାଙ୍କ ନାମରେ ଏହି ଗାମୁଛା ଗଣପତି ଗାମୁଛା ଭାବେ ପରିଚିତ ହେଲା। ପରେ ଶାଢ଼ି ମଧ୍ୟ ପ୍ରସ୍ତୁତ ହେଲା। ଦୀର୍ଘସ୍ଥାୟୀ ସୂତାରେ ଭଲ ରଙ୍ଗର ପ୍ରୟୋଗ କରାଯାଉଥିଲା, ତେଣୁ ଦିନକୁ ଦିନ ଏସବୁର ଚାହିଦା ଆକାଶଛୁଆଁ ହେଲା। ୧୯୭୫ ମସିହା ବେଳକୁ ଖୋର୍ଦ୍ଧା ବ୍ରାଣ୍ଡ ସାରା ଓଡ଼ିଶାରେ ଛାଇଗଲା। କେବଳ ଓଡ଼ିଶା ନୁହେଁ, ସାରା ଭାରତବର୍ଷରେ ଲୋକପ୍ରିୟ ହେଲା ଖୋର୍ଦ୍ଧା ଲୁଙ୍ଗି, ଗାମୁଛା ଓ ଶାଢ଼ି ବ୍ରାଣ୍ଡ । ତଥ୍ୟ କୁହେ, ୧୯୮୫ ମସିହାରେ କୃଷ୍ଣ ମୁରାରୀ ଶାହା କଳତନ୍ତ ବସାଇ ଅଧିକ ଉତ୍ପାଦନ ଆରମ୍ଭ କଲେ । ପରବର୍ତ୍ତୀ ସମୟରେ ଖୋର୍ଦ୍ଧା ବ୍ରାଣ୍ଡ ଜାତୀୟ ହସ୍ତଶିଳ୍ପ ମାନ୍ୟତା ପାଇଲା। ଏହି ବ୍ରାଣ୍ଡର ପାଇକପୁଅ ଛାପ ଲୁଙ୍ଗି ପ୍ରଥମ ସ୍ୱାଧୀନତା ସଂଗ୍ରାମର ପ୍ରଚାର ପ୍ରସାର କରାଇବାରେ ସହାୟକ ହେଲା। କେବଳ ହିନ୍ଦୁ ନୁହଁନ୍ତି, ମୁସଲମାନମାନେ ମଧ୍ୟ ଖୋର୍ଦ୍ଧା ଲୁଙ୍ଗି, ଗାମୁଛାକୁ ପସନ୍ଦ କରୁଥିଲେ। ତେଣୁ ହିନ୍ଦୁ-ମୁସଲିମ ସଂପ୍ରୀତି ପାଇଁ ଏସବୁ ପରିଧାନର ବଡ଼ ଭୂମିକା ରହିଥିଲା ।

ଗରିବଙ୍କ ଠାରୁ ଆରମ୍ଭ କରି ଧନୀ, ଗାଁରୁ ସହର ପର୍ଯ୍ୟନ୍ତ ଏହି ସ୍ୱଦେଶୀ ପରିଧାନ ଥିଲା ସମସ୍ତଙ୍କର ପ୍ରିୟ । ଖରା, ବର୍ଷା, ଶୀତ, କାକରରେ ଏହା ମଣିଷର ପରିଧାନ ଆବଶ୍ୟକତାକୁ ପୂରଣ କରୁଥିଲା । ଗାମୁଛା ଥିଲା ଲୋକଙ୍କର 'ଷ୍ଟାଇଲ୍ ଷ୍ଟେଟମେଣ୍ଟ'। ଜମିଦାର ହୁଅନ୍ତୁ କି ହଳିଆ, ବେକରେ ପଡ଼ିଥିବ ନାଲି ଗାମୁଛା । ଗାମୁଛା ଅଛି ତ ସବୁ କିଛି ଅଛି । ଗାମୁଛା ପିନ୍ଧିବା ପାଇଁ, ଘୋଡେଇହବା ପାଇଁ କାମରେ ଲାଗୁଥିଲା । ପୁଣି ଗାମୁଛା ସ୍ନାନ, ଶୌଚ ପାଇଁ ଅପରିହାର୍ଯ୍ୟ ଥିଲା । ଗାମୁଛାର କାନି ବାନ୍ଧି ସେଥିରେ ମୁଢ଼ି, ଚୂଡ଼ା, ଭାତ ବି ଖାଇବାର ଦେଖିବାକୁ ମିଳୁଥିଲା । ଖୋର୍ଦ୍ଧା ସହର ସମେତ ଡାଳତୋଳା, ଧଳାପଥର, ସଁପୁର, ବାଜପୁର, ଦେଉଳି, ଆମ୍ବଝର ଆଦି ଗାଁଗୁଡ଼ିକ ଖୋର୍ଦ୍ଧା ଗାମୁଛା ପାଇଁ ପ୍ରସିଦ୍ଧ ଥିଲେ। କୋଡ଼ିଆ ସୂତାରେ ଏହା ତିଆରି ହେଉଥିଲା, ରଙ୍ଗ ଛାଡୁନଥିଲା । ତେଣୁ ଏହାର ଚାହିଦା ଜବରଦସ୍ତ ରହିଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଏହି ଖୋର୍ଦ୍ଧା ଗାମୁଛାକୁ ବେଶ୍ ପସନ୍ଦ କରିଥିଲେ । ୨୦୧୮ ମସିହାରେ ମୋଦୀଙ୍କ ଖୋର୍ଦ୍ଧା ଗସ୍ତ ବେଳେ ତାଂକ ବେକରେ ପଡ଼ିଥିଲା ଖୋର୍ଦ୍ଧା ଗାମୁଛା। ଏହାପରେ ଖୋର୍ଦ୍ଧା ଗାମୁଛା ହାସ୍ ଟ୍ୟାଗ୍ ଟୁଇଟରରେ ଟ୍ରେଣ୍ଡ କରିଥିଲା। ଗୁଗଲ ସର୍ଚରେ ଦେଶ ବିଦେଶର ଲୋକେ ଖୋଜିଥିଲେ ଏହି ଗାମୁଛାକୁ ।

ଖୋର୍ଦ୍ଧା ସମେତ ବେଗୁନିଆ, ବୋଲଗଡ଼ ବ୍ଲକ୍‌ରେ ବହୁ ବୁଣାକାର ପରିବାର ଉତ୍କୃଷ୍ଟମାନର ପରିଧାନ ପ୍ରସ୍ତୁତ କରୁଥିଲେ। ରେଖା ଶାଢ଼ି ଓ ଟସର ଶାଢ଼ି ସେତେବେଳେ ବେଶ୍ ଲୋକପ୍ରିୟ ହୋଇଥିଲା । ଖୋର୍ଦ୍ଧା ନିକଟସ୍ଥ ରାଉତପଡ଼ା ଗ୍ରାମର ବୁଣାକାରମାନେ ଗୀତଗୋବିନ୍ଦ ପାଟ ପ୍ରସ୍ତୁତ କରୁଥିଲେ। ଏହା ଶ୍ରୀଜଗନ୍ନାଥଙ୍କ ଅଙ୍ଗଲାଗି ପାଟବସ୍ତ୍ରର ପରିଚୟ ଲାଭ କରିଥିଲା ।

ସେହିପରି ଧଳାପଥର ଗ୍ରାମର ବୁଣାକାରଙ୍କ ପରଦା ଶିଳ୍ପ ରାଜ୍ୟ ତଥା ଦେଶ ବାହାରେ ସୁନାମ ଅର୍ଜନ କରିଥିଲା। କୁଶଳୀ ବୁଣାକାର ଉଦୟନାଥ ସାହୁଙ୍କ କୁଶଳୀ ହାତର କାରିଗରି ତଥା ଅକ୍ଳାନ୍ତ ପରିଶ୍ରମ ଯୋଗୁଁ ଏଠିକାର ପରଦା କଳା ସମସ୍ତଙ୍କୁ ଆକୃଷ୍ଟ କରିଥିଲା । ସେ ପରଦାରେ ଶ୍ରୀମନ୍ଦିର, କୋଣାର୍କ, ଖଣ୍ଡଗିରି, ଉଦୟଗିରି, ଧଉଳି ଶାନ୍ତିସ୍ତୂପ, ଅଶୋକଚକ୍ର, ଓଡ଼ିଶାର ମାନଚିତ୍ର, ମହାପ୍ରଭୁଙ୍କ ବିଭିନ୍ନ ବେଶ, ନବଗୁଂଜର ବେଶ, କଳସ, ଦେବାଦେବୀ, ପଶୁପକ୍ଷୀ, ଗଛଲତା ଆଦି ଆଙ୍କୁଥିଲେ। ଏହା ଅନସ୍ୱୀକାର୍ଯ୍ୟ ଯେ, ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ସହ ଆଧ୍ୟାତ୍ମିକତା କ୍ଷେତ୍ରରେ ଧଳାପଥର ପର୍ଦ୍ଦାକଳାର ବଡ଼ ଭୂମିକା ଥିଲା। ଧଳାପଥର ପର୍ଦ୍ଦାକଳା ଭାରତ ସରକାରଙ୍କର ଜିଆଇ ଟ୍ୟାଗ୍‌ରେ ମଧ୍ୟ ପଂଜିକୃତ ହୋଇଥିଲା।

ବୁଣାକାର ଉଦୟନାଥଙ୍କ ଜାମୁ, ସୁନାରୀ, ପିଛଳ, ହରିଡ଼ା, ଆଚ୍ଛୁ ବିଭିନ୍ନ ଗଛର ଛେଲି, ପତ୍ର, ଫଳ ଆଦିରୁ ରଙ୍ଗ ପ୍ରସ୍ତୁତ କରିବାର ନିଆରା କଳା ଜଣାଥିଲା। ସେ ଧଳାପଥର ହସ୍ତତନ୍ତ ବୁଣାକାର ସମବାୟ ସମିତି ଗଠନ କରି ସ୍ଥାନୀୟ ଅଞ୍ଚଳର ବୁଣାକାରମାନଙ୍କୁ ସ୍ୱାବଲମ୍ବୀ କରାଇଥିଲେ। ରାଜ୍ୟ ସମବାୟ ନିଗମ ଓ ଖଦୀ ଗ୍ରାମୋଦ୍ୟୋଗ ବିଭାଗ ସାହାଯ୍ୟରେ ମାଡ୍ରାସ, ଦିଲ୍ଲୀରେ ସାମଗ୍ରୀଗୁଡ଼ିକର ପ୍ରଦର୍ଶନୀ ମଧ୍ୟ କରିଥିଲେ। ୧୯୪୬ ମସିହାରେ ଓଡ଼ିଶା ଦାୟିତ୍ୱରେ ଥିବା ବ୍ରିଟିଶ୍ ଗଭର୍ଣ୍ଣର ହଥନ୍ ଲୁଇସ୍‌ଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଥିଲେ କୁଶଳୀ ବୁଣାକାର ଉଦୟନାଥ ସାହୁ। ପରବର୍ତ୍ତୀ ସମୟରେ ୧୯୫୫ ମସିହାରେ ସୌରାଷ୍ଟ୍ର ଖଦି ବୋର୍ଡ ଓ ୧୯୫୬ରେ ବନାରସ ଖଦୀ ବୋର୍ଡ ପକ୍ଷରୁ ତାଙ୍କୁ ପୁରସ୍କୃତ କରାଯାଇଥିଲା। କୁସୁମୀ କସ୍ତା, ନାହାଟି, ଅକଟା, କଂକଣ ପେଡ଼ି, ମୁକ୍ତାପୁଞ୍ଜି ଆଦି ବିଭିନ୍ନ ଶାଢ଼ି ତାଙ୍କ ଉଦ୍ୟମରେ ବଜାରକୁ ଆସିଥିଲା। ସେତେବେଳ ସମୟରେ ଶାଢ଼ିର ବେଶ୍ ଚାହିଦା ଥିଲା। ଏପରିକି ବ୍ରିଟିଶ୍ ଅଧିକାରୀମାନେ ଲଣ୍ଡନ ଗଲାବେଳେ ଏଠାରୁ ଶାଢ଼ି ନେଇ ଯାଉଥିଲେ ଏବଂ ନିଜ ପ୍ରିୟ ପରିଜନଙ୍କୁ ଉପହାର ଦେଉଥିଲେ। ଧଳାପଥରର ବୁଣାକାରମାନଙ୍କୁ ରଙ୍ଗଣୀ କୁହାଯାଏ। ରଙ୍ଗଣୀ ଶବ୍ଦ ରଙ୍ଗ ଓ ଆଣିରୁ ହୋଇଛି। ଲୁଗାରେ ରଙ୍ଗ ଦେବାର କଳା ଯେଉଁମାନେ ଜାଣିଛନ୍ତି, ସେମାନେ ହେଲେ ରଙ୍ଗଣୀ । ଗୋଟେ ଶତାବ୍ଦୀରୁ ଊର୍ଦ୍ଧ୍ୱ ସମୟ ଧରି ଏମାନେ ବୁଣାକାର ବୃତିକୁ ଆପଣାଇଛନ୍ତି । ଶାଢ଼ି, ଲୁଙ୍ଗି, ଗାମୁଛା ଓ ପର୍ଦ୍ଦାର ଚମତ୍କାର କାରିଗରୀ ମିଳେ ଧଳାପଥରର ବୁଣାକାରମାନଙ୍କ ଠାରୁ। ଧଳାପଥର ଗ୍ରାମର ପ୍ରାୟ ୪୦ଟି ପରିବାର ଏହି ହସ୍ତଶିଳ୍ପ କରି ନିଜର ଗୁଜୁରାଣ ମେଣ୍ଟାଉଥିଲେ ।




ସାମଗ୍ରିକ ଭାବେ ଦେଖିବାକୁ ଗଲେ ସ୍ୱଦେଶୀ ବସ୍ତ୍ରର ପ୍ରଚାର, ପ୍ରସାର ପାଇଁ ଖୋର୍ଦ୍ଧା ଅଞ୍ଚଳର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ତେବେ ସମୟସ୍ରୋତରେ ଏସବୁ ହଜିଯିବାକୁ ବସିଛି। ଲୋକଙ୍କ ରୁଚି ବଦଳିଛି। ତେଣୁ ସ୍ୱଦେଶୀ ପରିଧାନର ଚାହିଦା କମିଛି। ଯେଉଁ ପରିଧାନ ଆମ ପରମ୍ପରା ଓ ସଂସ୍କୃତି ସହ ଯୋଡ଼ିହୋଇ ରହିଥିଲା, ତାହା ଆଉ ପୂର୍ବବତ୍ ନାହିଁ। ସଂପ୍ରତି ତନ୍ତୁବାୟ ସମବାୟ ସହଯୋଗ ସମିତିଗୁଡ଼ିକ ରୁଗ୍‌ଣ ହୋଇପଡ଼ିଛି। ହାତ ତିଆରି ଲୁଙ୍ଗି, ଗାମୁଛା, ଶାଢ଼ିର ମୂଲ୍ୟ କଳି ତିଆରି ଉତ୍ପାଦ ଠାରୁ ଅଧିକ ହେଉଯାଉଛି । ତେଣୁ ପୂର୍ବାପେକ୍ଷା ବିକ୍ରି ଯଥେଷ୍ଟ କମିଛି। ଅପରପକ୍ଷେ ତାମିଲନାଡୁ, ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶରୁ ରପ୍ତାନୀ ମଧ୍ୟ କମିଛି । କାରଣ ସେଠିକାର ସରକାର ନିଜ ରାଜ୍ୟର ହସ୍ତତନ୍ତ କାରିଗରମାନଙ୍କୁ ରିହାତି ମୂଲ୍ୟରେ ସୂତା, ରଙ୍ଗ ଓ ଅନ୍ୟାନ୍ୟ ଆନୁଷଙ୍ଗିକ କଞ୍ଚାମାଲ ଯୋଗାଇ ଦେଉଛନ୍ତି । ତେଣୁ ସେଠିକାର ବୁଣାକାରମାନଙ୍କ ଉତ୍ପାଦ ଆମ ରାଜ୍ୟର ରପ୍ତାନୀ ମୂଲ୍ୟ ତୁଳନାରେ ଶସ୍ତା ହେଉଛି। ଦିନେ ଦେଶ ବିଦେଶରେ ପରିଚୟ ସୃଷ୍ଟି କରିଥିଲା ଲାଲମାଟି ଖୋର୍ଦ୍ଧା। ଲାଲମାଟିର ସ୍ୱଦେଶୀ ବସ୍ତ୍ର ଉତ୍ପାଦନ ପ୍ରାଚୀନ ନୌବାଣିଜ୍ୟ ସହ ଜଡ଼ିତ ବୋଲି କେତେକ ମତ ଦିଅନ୍ତି। ସେତେବେଳେ ଆମର ଲୁଙ୍ଗି, ଗାମୁଛା ଓ ଶାଢ଼ି ସୁଦୂର ଜାଭା, ସୁମାତ୍ରା, ବୋର୍ଣ୍ଣିଓକୁ ରପ୍ତାନୀ ହେଉଥିଲା । ଏଭଳି ସ୍ୱର୍ଣ୍ଣିମ ଅତୀତର ସାକ୍ଷୀ ହେଉଛି ଲାଲମାଟିର ସ୍ୱଦେଶୀ ବସ୍ତ୍ର । ବର୍ତ୍ତମାନ ଏହି ବସ୍ତ୍ର ଉତ୍ପାଦନ କ୍ଷେତ୍ରରେ ଯଦି ସରକାର କିଛି ପଦକ୍ଷେପ ନ ନିଅନ୍ତି, ବୁଣାକାରମାନଙ୍କୁ ଉତ୍ସାହିତ କରିବା ପାଇଁ ସ୍ୱତନ୍ତ୍ର ପ୍ୟାକେଜ୍ ବ୍ୟବସ୍ଥା ନ କରନ୍ତି, ତେବେ କାଳଗର୍ଭରେ ଏହି କଳା ଲୀନ ହେଇଯିବ!

ବିଶ୍ୱାତ୍ମା, ଏମ୍-୨୩,
ବକ୍ସି ଜଗବନ୍ଧୁ ନଗର, ଖୋର୍ଦ୍ଧା
ମୋ. ୮୨୪୯୬୭୯୦୯୯

ଓଡ଼ିଶା ଏକ୍ସପ୍ରେସ୍
ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର ୧୦ ନଭେମ୍ବର ୨୦୨୫ ସୋମବାର ପୃଷ୍ଠା ୫

# ମୃତ୍ୟୁରୁ ଜୀବନ ଜୀବିକା



ଗଙ୍ଗାନଦୀ ତଟରେ ଅଛି ଭାରତୀୟ ସଭ୍ୟତାର ସର୍ବପୁରାତନ ନଗରୀ ବାରଣାସୀ । ହିନ୍ଦୁମାନଙ୍କର ପବିତ୍ରତମ ନଗରୀ । ସାରା ବିଶ୍ୱରୁ ପର୍ଯ୍ୟଟକ ଆସନ୍ତି ଏଠାକୁ ପୁରାତନ ଭାରତୀୟ ସଭ୍ୟତା ଓ ସଂସ୍କୃତିର ଅନୁଭୂତି ପାଇଁ । ଏଠି ସାରା ନଗରୀ ଆଳତୀ କର୍ପୂରର ସୁଗନ୍ଧରେ ମହମହ, ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତର ହାଲ୍କା ଶବ୍ଦର ଅନୁଭବ ସବୁ ସ୍ଥାନରେ । ଶାସ୍ତ୍ରବିଶ୍ୱାସୀମାନଙ୍କ ମତ ବାରାଣାସୀରେ ଦାହ ସଂସ୍କାର ଲାଭ କରୁଥିବା ଯେକୌଣସି ବ୍ୟକ୍ତି ଜନ୍ମ-ମୃତ୍ୟୁର ଚକ୍ରରୁ ମୁକ୍ତି ପାଇ ମୋକ୍ଷ ଲାଭ କରନ୍ତି । ତେଣୁ ଅନେକଙ୍କର ଇଚ୍ଛା ଥାଏ ବାରାଣାସୀରେ ଶେଷନିଶ୍ୱାସ ତ୍ୟାଗ କରିବାକୁ । ଖାସ୍ ଏଥିପାଇଁ ଅନେକ ଧର୍ମଶାଳା ଅଛି ଯେଉଁଠି



ମୃତ୍ୟୁକାମୀମାନେ ଅପେକ୍ଷା କରିଥାଆନ୍ତି ସେମାନଙ୍କ ଜୀବନର ବହୁ ପ୍ରତ୍ୟାଶିତ ସେହି ଶୁଭଦିନକୁ । ମୁକ୍ତିକାମୀ ଏମିତି ଅନେକ ମୃତ୍ୟୁକାରୀ ବର୍ଷ ବର୍ଷ ନୁହେଁ ଦଶକ ଦଶକ ଧରି ମଧ ଏଠାରେ ଅପେକ୍ଷା କରିଥିବାର ନଜିର ଅଛି । ଆଉ କେତେକଙ୍କର ଇଚ୍ଛାଥାଏ ଏଇଠି ଗଙ୍ଗାନଦୀ କୂଳରେ ବାରାଣାସୀରେ ସେମାନଙ୍କର ଅନ୍ତିମ ସଂସ୍କାର ହେବ, ଗଙ୍ଗାଜଳରେ ତାଙ୍କ ପାର୍ଥିକ ଶରୀର ଶେଷସ୍ନାନ କରିବ, ଚିତାଭସ୍ମ ସବୁ ଗଙ୍ଗାରେ ମିଶିବ, ଆତ୍ମା ତୃପ୍ତ ହେବ ସେମାନଙ୍କର ଠିକ୍ ଯେମିତି ଆତ୍ମା ମୁକ୍ତି ପାଇଥିଲା ଭଗୀରଥଙ୍କ ପୂର୍ବପୁରୁଷଙ୍କର । ହଁ ବିଶ୍ୱାସ କରାଯାଏ ଏଠାରେ ମୃତ୍ୟୁବରଣ କରୁଥିବା ବା ଦାହ ହେଉଥିବା ପ୍ରତ୍ୟେକ ବ୍ୟକ୍ତିର କାନରେ ଶିବ ନିଜେ ରାମତାରକ ମନ୍ତ୍ର ପଢ଼ନ୍ତି । ଯାହାକି ଜନ୍ମମୃତ୍ୟୁର ଚକ୍ର ସମାପ୍ତି କରିଦିଏ ଯେ କୌଣସି ଆତ୍ମାର । ଏଠାରେ ଦାହ ହେଉଥିବା ବ୍ୟକ୍ତିକୁ ମୋକ୍ଷ ମିଳେ, ଏଥିରୁ ଲୋକମାନେ ଜୀବନ ଜୀବିକା ପାଇଁ ବ୍ୟବସାୟର ମାର୍ଗ ପାଆନ୍ତି । ମୃତ୍ୟୁ ହିଁ ବଞ୍ଚିବାର ରାଜା ଦିଏ ବାରାଣାସୀ ନଗରୀର ବାସିନ୍ଦାଙ୍କୁ । ଫୁଲବାଲାଙ୍କ ଠାରୁ ଆରମ୍ଭ କରି କାଠବାଲା, ଲୁଗାବାଲା, ବାରିକ, ଡମ, ଫଟୋଗ୍ରାଫର ଆଦି ଅନେକ ଦାହସଂସ୍କାରରୁ ହିଁ ରୋଜଗାର କରନ୍ତି । ଖୁବ୍ ସ୍ୱାଭାବିକ ଏଠି ଶବକୁ ନେଇ ବ୍ୟବସାୟ, ଠିକ୍ ଅନ୍ୟସବୁ ବ୍ୟବସାୟ ପରି । ତେବେ ଏଠି ଡମଙ୍କ କଥା ନିଆରା । ଶ୍ମଶାନ ଘାଟରେ ଡମ ବ୍ରାହ୍ମଣଠାରୁ ବି ଦାମୀ, ଦାହ ସଂସ୍କାରରେ ସେମାନେ ମୁଖ୍ୟ ପୁରୋଧର । ଶ୍ମଶାସନର ସଦା ଜ୍ୱଳନ୍ତ ପବିତ୍ର ଅଗ୍ନିର ଜଗୁଆଳ ସେମାନେ । ସବୁଠାରୁ ବଡ଼ କଥା ଶବ ସତ୍କାର ସମୟରେ ହିଁ ସେମାନେ ସମ୍ମାନନୀୟ, ଅନ୍ୟଥା ଅନ୍ୟ ସବୁବେଳେ ସେମାନେ ଅଛୁଆଁ ଜାତି ବା ଦଳିତଙ୍କ ମଧ୍ୟରେ ସବୁଠାରୁ ତଳେ ବା ମହାଦଳିତ ।



ଡମମାନେ ଶ୍ମଶାନର ଜଗୁଆଳ । ଶ୍ମଶାନରେ ଥିବା ମନ୍ଦିରର ଚୁଲ୍ଲାରେ ଥିବା ପବିତ୍ର ଅଗ୍ନିର ରଖୁଆଳ ସେମାନେ । ଏହି ଅଗ୍ନି ଯେମିତି ଲିଭି ନଯାଏ ସେ ଦାୟିତ୍ୱ ଡମମାନଙ୍କର । ବାରାଣାସୀରେ ଗଙ୍ଗାତଟରେ ୮୪ଟି ଶ୍ମଶାନ ଅଛି, ସେ ମଧ୍ୟରୁ ସବୁଠାରୁ ପ୍ରସିଦ୍ଧ ହରିଶ୍ଚନ୍ଦ୍ର ଘାଟ ଓ ମଣିକର୍ଣ୍ଣିକା ଘାଟ । ସେ ମଧ୍ୟରୁ ହରିଶ୍ଚନ୍ଦ୍ର ଘାଟର ଅନ୍ୟତମ ଜଗୁଆଳ ବିଧବା ଡମ ମହିଳା ଯମୁନା ଦେବୀ । ପ୍ରତିଥର 'ରାମନାମ ସତ୍ୟ ହେ' ଶବ୍ଦ ଶୁଣିବା ମାତ୍ରେ ସେ ତତ୍ପର ହୋଇଯାଆନ୍ତି, ନିଆଁଚୁଲିକୁ ଆଉଟିକେ ପବନ ଦିଅନ୍ତି । କାରଣ ଏବେ ଶବକୁ ସ୍ନାନ କରାଇ ଜୁଇ ସଜାଡିବା ପରେ ତ ଅଗ୍ନି ଦରକାର ହେବ । ଅନେକ ସମୟରେ ଜଣେ ବିଧବା ମହିଳା ଶ୍ମଶାନ ରକ୍ଷକ ଭାବରେ ସେ ଅପମାନର ଶିକାର ହୁଅନ୍ତି । କିନ୍ତୁ କୁହନ୍ତି- ଶ୍ମଶାନ ଜାତି, ଧର୍ମ, ଲିଙ୍ଗ, ବୟସ ବା ଦାମ୍ପତ୍ୟର ସ୍ଥିତି କିଛି ଦେଖେନି । ଏହି କାମ ମତେ ସଶକ୍ତ କରିଛି । କାରଣ ଅନ୍ୟଠାରେ ଆମେ ଦଳିତ ଅପମାନିତ, କିନ୍ତୁ ଏଇଠାରେ ସମ୍ମାନ ଓ ଟାଣପଣରେ ଅଭାବ ହୁଏନି । ଯଦି ଏଠି ସମ୍ମାନ ଅଛି, ଅର୍ଥ ଅଛି ତା'ହେଲେ ମୃତକମାନଙ୍କ ପାଇଁ ବଞ୍ଚିବିନି କାହିଁକି?

ଶାସ୍ତ୍ରର ବର୍ଣ୍ଣନା ଅନୁଯାୟୀ- ଡମମାନେ ଶ୍ମଶାନର ରକ୍ଷକ, ଚିତାଗ୍ନିର ରକ୍ଷକ । ଡମଙ୍କ ଅନୁପସ୍ଥିତିରେ ଦାହ ସଂସ୍କାର ହେଲେ ଆତ୍ମା ସ୍ୱର୍ଗର ଦ୍ୱାର ଅତିକ୍ରମ କରିପାରେ ନାହିଁ । ଡମ ଜାତି ଅଭିଶପ୍ତ । ଏକଦା ଡମ ସମ୍ପ୍ରଦାୟର କାଲୁ ଡମ ନାମକ ଜଣେ ବ୍ୟକ୍ତି ଦେବୀ ପାର୍ବତୀଙ୍କର କାନଫୁଲ ଚୋରାଇ ନେବାରୁ ଶିବ ସେହି ସମୁଦାୟ ଜାତିକୁ ଅଭିଶାପ ଦେଇଥିଲେ । ଅଭିଶାପରୁ ମୁକ୍ତି ପାଇଁ ସେମାନେ ଶ୍ମଶାନ ଓ ଚିତାଗ୍ନିର ରକ୍ଷକ ହେବା ସ୍ୱୀକାର କରିଥିଲେ । ଏବେ ବାରାଣାସୀର ଅନେକ ଡମ କୃଷି, ଲୁଗାବୁଣା ଆଦିକୁ ଆପଣାଇଲେଣି, କିନ୍ତୁ ଅଧିକାଂଶ ମୃତ୍ୟୁକୁ ହିଁ ଜୀବିକା କରିଛନ୍ତି । ବର୍ତ୍ତମାନ ମଣିକର୍ଣ୍ଣିକା ଘାଟ ଓ ହରିଶ୍ଚନ୍ଦ୍ର ଘାଟର ଜଗୁଆଳ ଭାବରେ ୩୫ରୁ ଅଧିକ ଡମ ପରିବାର ନିୟୋଜିତ ଅଛନ୍ତି । ଉଭୟ ଘାଟର ଆୟତନ ପ୍ରାୟ ୩ବର୍ଗ କିଲୋମିଟର ଲେଖାଏଁ । ଗଙ୍ଗାନଦୀର ତଟରେ ବିସ୍ତାରିତ ହୋଇଛି ଏହି ଦୁଇ ଘାଟ । ମୃତଦେହ ପୋଡାର ଗନ୍ଧ, ଚିତାର ଧୂଆଁ ଓ ପାଉଁଶ ଏହି ଶ୍ମଶାନର ବାୟୁମଣ୍ଡଳରେ ଦିନରାତି ୨୪ଘଣ୍ଟା ଥାଏ । ଦାହ ସଂସ୍କାର ଓ ଧର୍ମୀୟ ବିଶ୍ୱାସରେ ଗଙ୍ଗାର ଗୁରୁତ୍ୱକୁ ନେଇ ଏହି ଘାଟ ସବୁଠାରୁ ମହତ୍ୱପୂର୍ଣ୍ଣ ବାରାଣାସୀରେ । ମୃତଦେହ ଏଠାରେ ପହଞ୍ଚିବା ପରେ ଏହାପକୁ ଗଙ୍ଗାଜଳରେ ସ୍ନାନ କରାଇ ଧଳାବସ୍ତ୍ର ପିନ୍ଧାଇ ମଥାରେ ବିଭୂତି ଲଗାଇ ଦିଆଯାଏ । ଦେହରେ ଫୁଲମାଳ ପକାଇ ଦିଆଯାଏ । ପ୍ରତି ଡମ ଦିନକୁ ପ୍ରାୟ ୨୦-୨୫ଟି ଶବ ଯାଆନ୍ତି ଦାହସଂସ୍କାର ପାଇଁ । ମୃତଦେହ ସମ୍ପୂର୍ଣ୍ଣ ଜଳିଯିବା ପରେ ଡମ ପରିବାରର ପିଲାମାନେ ପୋଷାକ ଓ ଯଦି କିଛି ଗହଣା ଥାଏ ତାକୁ ନେଇ ଆସନ୍ତି । ପୋଷାକ ଦୋକାନରେ ବିକ୍ରି ହୋଇଯାଏ କିମ୍ବା ସେମାନଙ୍କ ଘରେ ବ୍ୟବହୃତ ହୁଏ । ଶବସତ୍କାର ପରେ ସେଠି ଯାହାକିଛି ବଳିଥାଏ ଏପରିକି ଦରପୋଡ଼ା କାଠ ମଧ ଡମମାନଙ୍କ ଘରେ ବ୍ୟବହୃତ ହୁଏ । ୧୯୯୮ ମସିହାରେ ବାରାଣାସୀ ମ୍ୟୁନିସିପାଲଟି ପ୍ରତି ମୃତଦେହ ପାଇଁ ଡମମାନେ ୧୦୦ ଟଙ୍କା ଅସୁଲ କରିବାକୁ ଧାର୍ଯ୍ୟ କରିଥିଲେ । କିନ୍ତୁ ଅଧିକାଂଶ କ୍ଷେତ୍ରରେ ସେମାନେ ବ୍ୟକ୍ତିର ଆର୍ଥିକ ସ୍ଥିତିକୁ ଦେଖି କମ୍ ବା ଅଧିକ ଅର୍ଥ ଦାବି କରନ୍ତି ।








ମୃତକମାନଙ୍କ ପାଇଁ ସର୍ବଶ୍ରେଷ୍ଠ ସ୍ଥାନ ବିବେଚିତ ହେଉଥିବା ବାରାଣାସୀର ଶ୍ମଶାନ ଘାଟଗୁଡ଼ିକରେ କିନ୍ତୁ ସବୁଆଡେ ଜୀବନର ସତ୍ତା, ଦାହ ସଂସ୍କାର ପୂର୍ବରୁ କଢ଼ାଯାଉଥିବା ଫୁଲ ଖାଇବା ପାଇଁ ଗାଈ, ଛେଳି ଆଦିଙ୍କର ଭିଡ଼ଥାଏ ଏଠି ସବୁବେଳେ । ସାଧୁ ସନ୍ନ୍ୟାସୀ ଓ ଭିକାରୀମାନେ ଭିକ୍ଷା ପାଇଁ ଥାଆନ୍ତି ପୁଣି ପର୍ଯ୍ୟଟକମାନେ ମଧ ମୃତ୍ୟୁପରର କାର୍ଯ୍ୟକୁ ଭଲ ଭାବରେ ଦେଖିବା ପାଇଁ ଏଠାରେ ଭିଡ଼ ଜମାଇ ଥା'ନ୍ତି । ମୃତ୍ୟୁ ଏଠାରେ ସବୁଠାରୁ ବଡ଼ ଆକର୍ଷଣ ।

ହରିଶ୍ଚନ୍ଦ୍ର ଘାଟର ଅନ୍ୟତମ ମୁଖ୍ୟ ରକ୍ଷକ ଯମୁନା ଦେବୀ କେଇ ଦଶକ ଧରି ଡମ କାର୍ଯ୍ୟ କରୁଛନ୍ତି । ହାତ ଗୋଡ଼ ଚଳୁଥିବା କାର୍ଯ୍ୟନ୍ତ ମଧ କରିବେ ବୋଲି କୁହନ୍ତି । ଯେତେବେଳେ ମୃତଦେହକୁ ସ୍ନାନ କରାଇ ଚାରିଫୁଟ ଉଚ୍ଚ ଚିତା ଉପରେ ଶୁଆଇ ଦିଆଯାଏ ସେତେବେଳେ ଜଳୁଥିବା ମଶାଲଟିଏ ଧରି ଯମୁନା ଦେବୀ ପହଞ୍ଚନ୍ତି ସେଠାରେ ଓ ମୁଖାଗ୍ନି ଦେଉଥିବା ବ୍ୟକ୍ତି ହାତକୁ ବଢ଼ାଇ ଦିଅନ୍ତି ଏହା । ଚିତା ଜଳିଯିବା ପରେ ଭସ୍ମ ସଂଗ୍ରହ କରିବାର ଦାୟିତ୍ୱ ତାଙ୍କ ସହଯୋଗୀମାନଙ୍କର । ମୃତଦେହ ପିଛା ସେ ୩୦୦ ଟଙ୍କା ଲେଖାଏଁ ନିଅନ୍ତି । ସାରା ସପ୍ତାହ ଦିନରେ ୮-୧୦ ଘଣ୍ଟା ଲେଖାଏଁ ଶ୍ମଶାନର ଦାୟିତ୍ୱ ତାଙ୍କର ।

ତାଙ୍କ କହିବା ଅନୁଯାୟୀ ପୂର୍ବେ କାଠ ଯୋଗାଡ଼ କରିବା ଓ ସତ୍କାର ପାଇଁ ସବୁ କିଛି ଯୋଗାଡ଼ କରିବାର ଦାୟିତ୍ୱ ମଧ ଥିଲା ତାଙ୍କ ଉପରେ । ଏବେ ଲୋକମାନେ ଶ୍ମଶାନ ଘାଟ ପାଖରେ ଥିବା ଦୋକାନୀମାନଙ୍କଠାରୁ ନିଜେ ଏସବୁ କିଣି ଆଣୁଛନ୍ତି । ଏବେ ଡମମାନେ କେବଳ ଅଗ୍ନି ଯୋଗାଉଛନ୍ତି ଚିତା ପାଇଁ ହଁ ପରିବାର ଲୋକେ ନିଜ ସାମର୍ଥ୍ୟ ଅନୁଯାୟୀ ଚିତା ପାଇଁ କାଠ ବାଛନ୍ତି । ଧନୀଲୋକେ ଚନ୍ଦନ କାଠ କିଣୁଥିବା ବେଳେ ଗରିବ ଲୋକ ଯେକୌଣସି କାଠ ବାଛନ୍ତି ।





ଏ ସମ୍ପର୍କରେ 'ବାରାଣାସୀ ଆଣ୍ଡ ଲାଇଫ୍ ଅନ୍ କ୍ରିମେସନ୍ ଗ୍ରାଉଣ୍ଡ' ନାମକ ପୁସ୍ତକ ଲେଖିଥିବା ଡଃ. କେ.କେ. ଶର୍ମା କୁହନ୍ତି- ବାରାଣାସୀର ଶ୍ମଶାନ ଘାଟରେ ମୃତଦେହଟିଏ ପହଞ୍ଚିଗଲେ ୫ରୁ ୧୦ଜଣ ଘେରେଇ ଯାଆନ୍ତି ପରିଜନଙ୍କୁ । ଜଣେ କାଠ ବିକିବାର ଚେଷ୍ଟା କଲାବେଳେ, ଅନ୍ୟ କେହି ଘିଅ, ଫୁଲ, ଧୂପକାଠି, ଧଳାଲୁଗା ବା ସଂସ୍କାର ପାଇଁ ଆବଶ୍ୟକ ଅନ୍ୟ ସାମଗ୍ରୀ ବିକିବାକୁ ମୂଲଚାଲ ଆରମ୍ଭ କରିଦିଅନ୍ତି । ବେଳେବେଳେ ଡମମାନେ ମଧ ପରିଜନଙ୍କୁ ଶୋଷଣ କରନ୍ତି । ଚିତାରେ ଅଗ୍ନି ଦେବା ପାଇଁ ଖୁବ୍ ଉଚ୍ଚ ଦାମ୍ ନିମନ୍ତେ ଅଡି ବସନ୍ତି । ନିକଟସ୍ଥ ଗ୍ରାମର ରାମ ଯାଦବ ନାମକ ଜଣେ କୃଷକ ପିତାଙ୍କ ମୃତଦେହ ସତ୍କାର ପାଇଁ ଆସିବା ବେଳେ ଡମଙ୍କ ଶୋଷଣର ଶୀକାର ହୋଇଥିଲେ ବୋଲି ଅଭିଯୋଗ ବାଢ଼ିଥିଲେ । ଶ୍ରୀ ଯାଦବଙ୍କ ଅନୁଯାୟୀ ସେ ସମୟରେ ଶ୍ମଶାନରେ ଥିବା ଡମଙ୍କୁ ମୁଁ ୬୦୦ ଟଙ୍କା ଦେବା ପାଇଁ ରାଜି ଥିଲି ମାତ୍ର ସେ ଏଥିରେ ରାଜି ନହେବାରୁ ମୋକ୍ଷଦାୟୀ ପବିତ୍ର ଅଗ୍ନି ନିମନ୍ତେ ମୁଁ ସ୍ତ୍ରୀର ସୁନାଗୁଡ଼ି ବନ୍ଧା ପକାଇଲି । ତେବେ ଏଠାରେ ଥିବା ଡମରାଜା ଜଗଦୀଶ ଚୌଧୁରୀ କୁହନ୍ତି- ଆମେ ସୁବିଧାବାଦୀ କେମିତି ହୋଇପାରିବୁ ଯେତେବେଳେ ଆମେ ନିଜେ ଶୋଷିତ ଓ ଦଳିତ । ଯିଏ ଯାହା ଦିଏ ଆମେ ଗ୍ରହଣ କରୁ ସମସ୍ତଙ୍କୁ ସମ୍ମାନର ସହ ଦାହ କରୁ । ୩୦ବର୍ଷ ବୟସର ଶ୍ୟାମ ଚୌଧୁରୀ ବାଇକ୍ ମେକାନିକ୍ ହେବାକୁ ଚାହୁଁଥିଲେ । କିନ୍ତୁ ଡମ ହୋଇଥିବାରୁ ଏହା ସମ୍ଭବ ହେଲାନି । କେହି ତାଙ୍କୁ କାମ ଶିଖାଇଲେ ନାହିଁ । ଛୋଟ ଜାତି ଯୋଗୁଁ ପାଠ ପଢ଼ିବାର ସୁଯୋଗ ମଧ ମିଳିଲାନି, ତେଣୁ ବାପାଙ୍କ ବୃତ୍ତି ହିଁ ତାଙ୍କର ଏକମାତ୍ର ବିକଳ୍ପ ଥିଲା । ଏବେ ସେ ଏଥିରୁ ଢେର ରୋଜଗାର କରୁଛନ୍ତି ସତ ହେଲେ ନିଜ ପିଲାଙ୍କ ପାଇଁ ଏହି ଜୀବନ ଚାହାନ୍ତିନି । ସେ କୁହନ୍ତି- ଶବ ପୋଡାର ସେ କଦର୍ଯ୍ୟ ଗନ୍ଧରେ ମୋ ପିଲାଙ୍କୁ ରଖିବାକୁ ଚାହେଁନି । ଏବେ ସମୟ ବଦଳିଲାଣି । ସ୍କୁଲରେ ପାଠପଢ଼ିବାରେ ସମସ୍ୟା ନାହିଁ । ପାଠପଢ଼ି ସେମାନେ ଅନ୍ୟ ବୃତ୍ତି ବାଛିବେ ।

ଯମୁନା ଦେବୀ କୁହନ୍ତି- ଡମ ପିଲାମାନଙ୍କ ମଧ୍ୟରୁ କିଛି ଏ ବୃତ୍ତି ଛାଡ଼ିଲେ ବି ଏ ବ୍ୟବସାୟ କେବେ ବନ୍ଦ ହେବନି । ଯେ ପର୍ଯ୍ୟନ୍ତ ଲୋକେ ବାରାଣାସୀର ଘାଟରେ ଦାହ ସଂସ୍କାର କରୁଥିବେ ସେ ପର୍ଯ୍ୟନ୍ତ ଡମମାନେ ଖୋଜା ପଡୁଥିବେ ।

ସ୍ଥାନୀୟ ଚା' ଦୋକାନୀ ରାଜୁ କୁମାର କୁହନ୍ତି- ଡମମାନେ ଏଠାରେ କାମ କରି ମୋଟା ଅଙ୍କ ରୋଜଗାର କରୁଛନ୍ତି ସତ ହେଲେ ଏ ଜୀବନ ଖୁବ୍ କଷ୍ଟକର । ଶବ ପୋଡ଼ା କାମର ଯନ୍ତ୍ରଣା ଭୁଲିବା ପାଇଁ ସେମାନଙ୍କ ମଧ୍ୟରୁ ଅନେକେ ମଦ୍ୟପାନ କରନ୍ତି । ଚିତାର ଧୂଆଁ ଓ ପାଉଁଶ ଯୋଗୁଁ ଅନେକ ଡମ ଶ୍ୱାସଜନିତ ବିଭିନ୍ନ ରୋଗରେ ପୀଡ଼ିତ । ତେବେ ଏସବୁ ପରିବେଶରୁ ଡମମାନଙ୍କୁ ରକ୍ଷା କରିବା ପାଇଁ 'ଇକୋ ଫ୍ରେଣ୍ଡଲି ଲିଭିଙ୍ଗ୍ ଫାଉଣ୍ଡେସନ୍'ର ସଦସ୍ୟ ବିଜୟ ଲିଶାୟେ ଉଦ୍ୟମ ଚଳାଇଛନ୍ତି । ବାରାଣାସୀରେ ସୁସ୍ଥ ପରିବେଶରେ ଦାହ କରାଇବାର ରାସ୍ତା ଖୋଲିବାକୁ ସେ ଚେଷ୍ଟା କରୁଛନ୍ତି ଯାହା ବାରାଣାସୀର ପରିବେଶ ସହ ଡମମାନଙ୍କ ସ୍ୱାସ୍ଥ୍ୟକୁ ମଧ ସୁଧାରିବ । ଗୋବର ଓ କୃଷି ବର୍ଜ୍ୟ ଦ୍ୱାରା ମୃତଦେହ ସଂସ୍କାରର ପଦ୍ଧତି ଆପଣାଇବା ପାଇଁ ସେ ସଚେତନତା ସୃଷ୍ଟି କରୁଛନ୍ତି । କିନ୍ତୁ ଏଥିରେ କାଠ ବ୍ୟବସାୟୀମାନେ କ୍ଷୁବ୍ଧ । ବାରାଣାସୀରେ ଡମମାନେ କେବଳ ନିଜ ଜୀବିକା ଅର୍ଜନ କରନ୍ତିନି, ବ୍ରାହ୍ମଣ, ନାଉରିଆ, ଚା' ଦୋକାନୀ, ଜଳଖିଆ ଦୋକାନୀ, ଲସିବାଲା ଏପରିକି ଫଟୋଗ୍ରାଫରମାନେ ମଧ ଖୁବ୍ ରୋଜଗାର କରନ୍ତି ଏଠାରେ । ଅଘୋରୀ ସନ୍ନ୍ୟାସୀମାନେ ଶ୍ମଶାନ ଘାଟରେ ବସି ଧାନ କରିବା ବା ଚିଲମ ଟାଣିବାର ଦୃଶ୍ୟ ଖୁବ୍ ସାଧାରଣ ଏଠାରେ ।










ଯେତେ ଦୁଃଖରେ ଥିଲେ, ପ୍ରିୟଜନର ମୃତ୍ୟୁରେ ଭାଙ୍ଗିପଡ଼ିଥିଲେ ବି ମଣିଷ ଭୋକର ନିଦାନ ଖୋଜିବ ନିଶ୍ଚୟ । ଭାତରୁଟି ନହେଲେ ବି ଜଳଖିଆ ଖାଇବ ନିଶ୍ଚୟ । ଆଉ ତା' ସହ ଚା' ଓ ଲସି ତ ନିହାତି ଦରକାର । ତେଣୁ ଏସବୁ ଘାଟଗୁଡ଼ିକର ପ୍ରବେଶ ଦ୍ୱାରରେ ଚା', ଲସି ଓ ଜଳଖିଆ ଦୋକାନ ଅଛି । ମଣିକର୍ଣ୍ଣିକା ଘାଟର ପ୍ରବେଶ ପଥ ନିକଟରେ ୭୦ବର୍ଷ ହେଲାଣି ଦୁଃଖି ପରିଜନ ଓ ଅନ୍ୟମାନଙ୍କର ତୃଷ୍ଣା ନିବାରଣ କରୁଛି 'ବ୍ଲୁ ଲସି ଦୋକାନ' । ୮୩ ପ୍ରକାରର ଲସି ମିଳେ ଏଠାରେ । ତେଣୁ ଏହା ଅନ୍ୟତମ ପ୍ରମୁଖ ସ୍ଥଳ ଏ ଘାଟ ଅଞ୍ଚଳରେ । ଏଠାରେ ଅଧଘଣ୍ଟାଏ ବସିଗଲେ ଅତିକମ୍‌ରେ ୭-୮ଟି ମୃତଦେହ ଯାଉଥିବା ଦେଖିବାକୁ ମିଳିଯିବ ।

ହଁ ମୃତ୍ୟୁରୁ ବ୍ୟବସାୟ ଏଇଠି ସରେନି । ସବୁଠାରୁ କଷ୍ଟକର ତଥା ଅନନ୍ୟ ବ୍ୟବସାୟ ଏଠି ଫଟୋଗ୍ରାଫି । ମୃତକର





ଶେଷ ଥର । ପଡ଼ିଯାଇଥିବା ଚେହେରା ଓ ମଳିନ ପଡ଼ିଯାଇଥିବା ପରିଜନଙ୍କ ଚେହେରାରୁ ଶ୍ରେଷ୍ଠ ଫଟୋ ତୋଳିବା ଏଠାରେ ଏକ ଭଲ କିନ୍ତୁ କଷ୍ଟକର ବ୍ୟବସାୟ । ଦାହ ସଂସ୍କାରର ଫଟୋରେ ସେମାନେ ବଲିଉଡ୍ ହିରୋଇନ୍‌ଙ୍କ ପିକ୍ଚର ପରଫେକ୍ସନ ଖୋଜନ୍ତି । ମଡେଲ୍ ଫଟୋଗ୍ରାଫି ପରି ନାନା ଆଙ୍ଗେଲ୍ ଖୋଜନ୍ତି । ନିଜ ନିଜ ଦୋକାନ ଆଗରେ ସବୁଠାରୁ ଶ୍ରେଷ୍ଠ ଫଟୋ ମଧ ଲଗାନ୍ତି ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ।

ମୃତକଙ୍କ ପାଇଁ ଏହା ମୋକ୍ଷସ୍ଥଳି, ପର୍ଯ୍ୟଟକଙ୍କ ପାଇଁ ଅନନ୍ୟ ଅନୁଭବର ସ୍ଥଳି ଆଉ ବାରାଣାସୀ ବାସିନ୍ଦାଙ୍କ ପାଇଁ ଏହା ନିତିଦିନିଆ ଜୀବନ ଠିକ୍ ସେମିତି ଫଟୋଗ୍ରାଫି । ଫଟୋ ଉଠାଇବାକୁ ସମସ୍ତେ ଭଲ ପାଆନ୍ତି । ସୁନ୍ଦର ସ୍ମୃତି ସବୁକୁ ସ୍ମରଣୀୟ କରି ରଖିବା ପାଇଁ ପ୍ରତି ଉତ୍ସବ ଅନୁଷ୍ଠାନରେ ଫଟୋଗ୍ରାଫର ଖୋଜା ହୁଅନ୍ତି । କିନ୍ତୁ ଜୀବନର ସବୁଠାରୁ ଉଲ୍ଲେଖନୀୟ ଘଟଣାର ଫଟୋ ଦସ୍ତାବିଜ ରଖିବା ବିଷୟରେ କେହି କେବେ ଚିନ୍ତା କରନ୍ତି କି? ନିଜ ପ୍ରିୟଜନର ମୃତ୍ୟୁ ପରି କଷ୍ଟକର ସମୟରେ ଫଟୋ ଉଠାଇବା ବିଷୟରେ ଭାବିବା ବି କଷ୍ଟକର ଯେ କୌଣସି ମଣିଷ ପାଇଁ । କିନ୍ତୁ ବାରାଣାସୀରେ ଏହା ଜୀବିକାର ଆଉ ଏକ ରାସ୍ତା ।

୨୫ବର୍ଷ ବୟସ୍କ ରାମ ନରେନ୍ଦ୍ର ୫ବର୍ଷ ହେବ ମଣିକର୍ଣ୍ଣିକା ଘାଟ ପାଖରେ ଫଟୋ ଷ୍ଟୁଡିଓ କରିଛନ୍ତି । ଏହି ଶ୍ମଶାନରେ ଦୈନିକ ପ୍ରାୟ ୨୦୦-୩୦୦ ଶବଦାହ ହୁଏ । ନିଜେ ନିଜେ ଫଟୋଗ୍ରାଫି ଶିଖିଥିବା ରାମ ନରେନ୍ଦ୍ର ସବୁବେଳେ ଫଟୋ ଉଠାଇବାର ସୌଖୀନ ଥିଲେ । ହେଲେ ଦିନେ 'ଡେଥ୍ ସାର୍ଟିଫିକେଟ୍' ପାଇଁ ଜଣେ ମୃତବ୍ୟକ୍ତିଙ୍କ ପରିଜନ ଫଟୋଟିଏ ଉଠାଇବାକୁ ତାଙ୍କୁ ଅନୁରୋଧ କଲେ । ସେ ପାଲଟି ଗଲେ ଡେଥ୍ ଫଟୋଗ୍ରାଫର । ପ୍ରଥମେ ପ୍ରଥମେ ଭାରତରେ ମୃତ ଲୋକଙ୍କ ଫଟୋ ଉଠାଇବାକୁ ଅଶୁଭ ମନେ କରାଯାଉଥିଲା । କିନ୍ତୁ ଧୀରେ ଧୀରେ ଲୋକମାନେ ଏହାକୁ ସ୍ୱାଭାବିକ ଭାବରେ ଗ୍ରହଣ କଲେ । ଡେଥ୍ ସାର୍ଟିଫିକେଟ୍ ଓ ରୁଚି ପାଇଁ ମଧ ଏବେ ଫଟୋ ଦରକାର ହେଉଛି । ଦାହସଂସ୍କାରରେ ନିଜେ ଉପସ୍ଥିତ ଥିବାର ପ୍ରମାଣ ସ୍ୱରୂପ ମଧ କିଛି ଲୋକ ଏପରି ଫଟୋ ଉଠାଉଛନ୍ତି । ତଥାପି ଏପର୍ଯ୍ୟନ୍ତ ମୃତ ଶିଶୁ, ଛୋଟପିଲା ଓ ଯୁବତୀମାନଙ୍କର ଫଟୋ ଉଠା ଆଦିକୁ ଏହି ଫଟୋଗ୍ରାଫରମାନେ ମଧ ଗ୍ରହଣ କରିପାରିନାହାନ୍ତି । ତେବେ ଭାରତରେ ଦକ୍ଷିଣ ଭାରତକୁ ଛାଡ଼ିଦେଲେ ଅନ୍ୟ ସବୁ ସ୍ଥାନରେ ଡେଥ୍ ଫଟୋଗ୍ରାଫି ଅଶୁଭ ମନେ କରାଯାଏ ।

ଊନବିଂଶ ଶତାବ୍ଦୀରେ ଯେତେବେଳେ କ୍ୟାମେରା ସାଧାରଣ ଲୋକଙ୍କ ପାଇଁ ଉପଲବ୍ଧ ହେଲା ସେତେବେଳେ ମୃତ ଶିଶୁକୁ ଧରିଥିବା ମା', ମୃତ ପିତାଙ୍କୁ ଶେଷ ଚୁମା ଦେଉଥିବା ସନ୍ତାନ ବା ମୃତ ସ୍ୱାମୀକୁ ଶେଷଥର ପାଇଁ ଜଡେଇ ଧରିଥିବା ପତ୍ନୀ ଅନେକ ଅମର ଫଟୋ ପାଲଟିଥିଲା । ଏବେ ବାରାଣାସୀରେ ମୃତକଙ୍କ ଫଟୋ ଉଠାଇବାକୁ ସେମିତି କିଛି ବିଶେଷ କାମ ମନେ କରାଯାଏନି । କାରଣ ବାରାଣାସୀ ଜୀବିତଙ୍କ ପାଇଁ ନୁହେଁ ବରଂ ମୃତକଙ୍କ ପାଇଁ ଶ୍ରେଷ୍ଠ ନଗରୀ । ଏଠାରେ ଦାହ ହେବା, ମୃତ୍ୟୁ ଲଭିବା ଜୀବନଠାରୁ ଆହୁରି ଅଧିକ ମୂଲ୍ୟବାନ । ତେଣୁ ମୃତ୍ୟୁର ଏହି ମୂଲ୍ୟବାନ ଉପଲବ୍ଧିକୁ ଫଟୋରେ ରଖିଦେବାରେ କ୍ଷତି କ'ଣ ବୋଲି କୁହନ୍ତି ଅନ୍ୟ ଜଣେ ଫଟୋଗ୍ରାଫର ଶିବପାଲ୍ ।



# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୧୦ ନଭେମ୍ବର ୨୦୨୫ । ସୋମବାର


## ପଛରେ ପଡ଼ିଥିବା କେନ୍ଦ୍ରାପଡ଼ା ଜିଲ୍ଲାରେ ଅଧିକ ସଚେତନତା ଲୋଡ଼ା

**କେନ୍ଦ୍ରାପଡା,୯।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଯେକୌଣସି ଅଂଚଳର ବିକାଶ ଉନ୍ନତ ଶିକ୍ଷାବ୍ୟବସ୍ଥା, ସ୍ୱାସ୍ଥ୍ୟସେବା, ନିଯୁକ୍ତି ଓ କର୍ମ ନିଯୁକ୍ତି ଉପରେ ନିର୍ଭରଶୀଳ । ହେଲେ ସ୍ୱାଧୀନତାର ୭୮ ବର୍ଷ ପରେ ବି ସାଂପ୍ରତିକ କେନ୍ଦ୍ରାପଡ଼ା ଜିଲ୍ଲା ଏସବୁ କ୍ଷେତ୍ରରେ ପଛରେ ପଡ଼ିବା ସହିତ ରାଜ୍ୟର ବିକାଶ ସୂଚାଙ୍କରେ ୨୯ନମ୍ବର ଜିଲ୍ଲା ହୋଇ ରହିଛି । ଏଦିଗରେ କେନ୍ଦ୍ରାପଡ଼ା ଜିଲ୍ଲାବାସୀ ସଚେତନ ନହେଲେ ଉତ୍ତରପୀଢ଼ି କେବେ କ୍ଷମା ଦେବେ ନାହିଁ ବୋଲି ମତପ୍ରକାଶ ପାଇଛି । କେନ୍ଦ୍ରାପଡା ବାଲିଯାତ୍ରା ମହୋତ୍ସବର ତୃତୀୟ ସଂଧ୍ୟାରେ ମୋ ସ୍ୱପ୍ନର କେନ୍ଦ୍ରାପଡା ସଂପର୍କୀତ ଆଲୋଚନା ଚକ୍ରରେ ମତରଖି ବିଭିନ୍ନ ଦଳର ନେତା ଓ ବୁଦ୍ଧିଜୀବି ଏହା କହିଛନ୍ତି । କେନ୍ଦ୍ରାପଡା ବାଲିଯାତ୍ରା ମହୋତ୍ସବ କମିଟିର ସଭାପତି ପ୍ରଦୀପ କୁମାର ଦାଶଙ୍କ ପୌରାହିତ୍ୟରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ ସମାଜସେବୀ ରଞ୍ଜନ ବେହେରା, ବିଜେପି ରାଜ୍ୟ କାର୍ଯ୍ୟକାରି ସଦସ୍ୟ ସୁନାକର ବେହେରା, ଜିଲ୍ଲା ଯୁବ ବିଜୁ ଜନତା ଦଳର ସଭାପତି ରାଜେଶ ଦାସ, ଓଡିଶା ରାଜ୍ୟ କଂଗ୍ରେସ କମିଟିର ପ୍ରବକ୍ତା ଅମୀୟ କୁମାର ପାଣ୍ଡବ, ବରିଷ୍ଠ ଆଇନଜୀବି ବିଚିତ୍ରା ନନ୍ଦ ମହାନ୍ତି, ଜିଲ୍ଲା ବିକାଶ ସାମୁଖ୍ୟର ସଭାପତି ଅଜୟ କୁମାର ସାମଲ, ନିଶା ନିବାରଣ ସମିତିର ଜିଲ୍ଲା ସଂପାଦକ ଆଦିକନ୍ଦ ରାଉଳ, କୁରୁକ୍ଷେତ୍ର ବିଶ୍ୱ ବିଦ୍ୟାଳୟର ପ୍ରଫେସର ସୁରେନ୍ଦ୍ର କୁମାର ମିଶ୍ର ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ସଂପାଦକ ସଂଜୟ କୁମାର ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ଅଲୋଚନା ଚକ୍ରକୁ ବାଲିଯାତ୍ରା କମିଟିର ଉପସଭାପତି ଅଭିମନ୍ୟୁ ଗୋଛାୟତଙ୍କ ସଂଯୋଜନା କରିଥିଲେ। ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ ମହେନ୍ଦ୍ର କୁମାର ଆଚାର୍ଯ୍ୟ ଓ ଧନ୍ୟବାଦ ଦେଇଥିଲେ ପିତବାସ ବେହେରା । ଅନ୍ୟମାନଙ୍କ ମଧ୍ୟରେ ରାଜୁ କୁବେର,ମୃତ୍ୟୁଞ୍ଜୟ ସାହୁ, ସତ୍ୟବ୍ରତ ସିଂହ, ଧିରେନ୍ଦ୍ର ଦାସ, ଟୁଟୁ ଗେରୁ, ମନୋରଞ୍ଜନ ତ୍ରିପାଠୀ, ପିତବାସ ଦାସ, ପଞ୍ଚାନନ ଗେରୁ, ଗୋଲକ ପରିଡା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ସାଇବର ସୁରକ୍ଷା ସଚେତନତା

**କେନ୍ଦ୍ରାପଡା,୯।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡାରେ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଜିଲ୍ଲା ପୋଲିସ ପକ୍ଷରୁ ନୂଆବସଷ୍ଟାଣ୍ଡ ପରିସରରେ ଜୟଶ୍ରୀ ପତି ସଂଚାଳନରେ ମୁଖ୍ୟଅତିଥି ଭାବେ ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ ଯୋଗଦେଇଥିବା ବେଳେ ବିଶିଷ୍ଟ ଅତିଥି ଭାବେ ଏସବିଆଇ ପାରାଦ୍ୱିପ ସର୍କଲର ରିଜିଓନାଲ ମ୍ୟାନ୍ୟେଜର ବିଜୟ କୁମାର ବେହେରା ଓ କେନ୍ଦ୍ରାପଡାର ମୁଖ୍ୟ ଶାଖାର ମୁଖ୍ୟ ମ୍ୟାନେଜର କଣ୍ଠଜ୍ୟୋତି ଭଟାଚାର୍ଯ୍ୟ, ସମ୍ମାନୀତ ଅତିଥି ଭାବେ ଡିଏସପି ସରୋଜ କୁମାର ସାହୁ, କେନ୍ଦ୍ରାପଡା ଏସଡିପିଓ ଜ୍ୟୋତିରଞ୍ଜନ ଗୌଡ, ପଟ୍ଟାମୁଣ୍ଡାଇ ଏସଡିପିଓ କ୍ଷମାସାଗର ପଣ୍ଡା ଯୋଗଦେଇଥିଲେ । ମୁଖ୍ୟଅତିଥି ଶ୍ରୀ କାଟାରିଆ ନିଜେ କିଭଳି ସାଇବର ଠକାମିର ଶିକାର ହୋଇଥିଲେ ତାହା ବର୍ଣ୍ଣନା କରି ଉପସ୍ଥିତ ଜନସାଧାରଣଙ୍କୁ ଏଥିପ୍ରତି ସଚେତନ ରହିବାକୁ ପରାମର୍ଶ ଦେଇଥିଲେ । ଇଣ୍ଟରନେଟ ପ୍ରୋଭାଇଡର ଗୁଡିକ ୫ଜି ସେବା ଆରମ୍ଭ କରିବା ପରେ ଫୋନପେ, ଗୁଗୁଲପେ, ୟୁପିଆଇ ଭଳି ଅର୍ଥ ଉଠାଣର ସୁବିଧା ସ୍ମାର୍ଟ ଫୋନ ଗୁଡିକରେ ବହୁଳମାତ୍ରାରେ ଚାଲିଲା। ଲୋକମାନେ ସାଇବର ଅପରାଧର ଶୀକାର ହୋଇ ଲକ୍ଷ ଲକ୍ଷ ଟଙ୍କା ହରାଇ ସର୍ବଶାନ୍ତ ହେଲେ। ଆଜିର ଦିନରେ କମ୍ପ୍ୟୁଟର, ଲାପଟପ ଓ ମୋବାଇଲର ବ୍ୟବହାର ଅତ୍ୟନ୍ତ ଆବଶ୍ୟକ ହୋଇପଡିଥିବା ବେଳେ ଆମକୁ ଅତ୍ୟନ୍ତ ସତର୍କତାର ସହ ଏସବୁର ବ୍ୟବହାର କରିବାକୁ ପଡିବ। ଏହା ସହିତ ସାଇବର ଅପରାଧୀମାନେ କଲ କଲେ ଆମକୁ ସାବଧାନ ହେବାକୁ ପଡିବ। ଏଥିସହିତ ସାଇବର ଅପରାଧର ଶୀକାର ହେଲେ ତୁରନ୍ତ ହେଲ୍ପଲାଇନ ନମ୍ବର-୧୯୩୦କୁ ଯୋଗାଯୋଗ କରିବା ସହିତ ସ୍ଥାନୀୟ ଥାନାରେ ସଙ୍ଗେ ସଙ୍ଗେ ଅଭିଯୋଗ କରିବାକୁ ଏସପି ଶ୍ରୀ କଟାରିଆ ପରାମର୍ଶ ଦେଇଥିଲେ। ଏହି ଅବସରରେ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟରୁ ଏକ ସାଇବର ସଚେତନତା ରାଲି ବାହାରି ସହର ପରିକ୍ରମା କରି ନୂଆବସଷ୍ଟାଣ୍ଡକୁ ଆସିଥିଲେ। ଏହି ରାଲିରେ କେନ୍ଦ୍ରାପଡାର ମହାବିଦ୍ୟାଳୟ, ସ୍କୁଲମାନଙ୍କରୁ ଛାତ୍ରଛାତ୍ରୀ ଓ ଘୋଡାନାଚ କଳାକାରମାନେ ଯୋଗଦେଇଥିଲେ । ଶେଷରେ ସାଇବର ସଚେତନତା ପାଇଁ ଓଡିଶାର ବିଶିଷ୍ଟ ହାସ୍ୟ କଳାକାର ପ୍ରଜ୍ଞା ଓ ଶଙ୍କରା ଯୋଗଦେଇ ହାସ୍ୟ ମାଧ୍ୟମରେ ଲୋକାମନଙ୍କୁ ସଚେତନ କରାଇଥିଲେ । କେନ୍ଦ୍ରାପଡା ଟାଉନ ଥାନା ଅଧିକାରୀ ଦିଲ୍ଲିପ କୁମାର ସାହୁ, ରିଜର୍ଭ ଇନସପେକ୍ଟର ପ୍ରଶାନ୍ତ କୁମାର ରଣସିଂହ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ଜିଲ୍ଲାସ୍ତରୀୟ ବିଜ୍ଞାନ ମେଳା

**କେନ୍ଦ୍ରାପଡା,୯।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭାଗବତପୁର ପଞ୍ଚାୟତର ବାଲିଆ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ, ଓଡିଶା, ଭୁବନେଶ୍ୱର ଆନୁକୂଲ୍ୟରେ ଏକ ଜିଲ୍ଲାସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ପରିଚାଳନା ସମିତି ସଭାପତି ପ୍ରମୋଦ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସଂସ୍ଥାନର ଜିଲ୍ଲା ପ୍ରଭାରୀ ସତ୍ୟବ୍ରତ ରଥ ପ୍ରତିଯୋଗିତାର ନିୟମାବଳୀ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ରତ୍ନାକର କ୍ଲଷ୍ଟରର ସିଆରସିସି ପ୍ରସନ୍ନ କୁମାର ନାୟକ, ହାଟବାଣପୁର କ୍ଲଷ୍ଟରର ସିଆରସିସି ନିର୍ମଳ କୁମାର ଜେନା, ରାଧାମୋହନଜୀଉ ବୈଷୟିକ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ସେକ ମୋହିଉଦ୍ଦିନ ଖାନ ପ୍ରମୁଖ ବିଚାରକ ଭାବେ ଯୋଗଦେଇ ପ୍ରକଳ୍ପ ଗୁଡିକର ନିରୀକ୍ଷଣ କରି ମୂଲ୍ୟାୟନ କରିଥିଲେ। ବିଦ୍ୟାଳୟର ସମ୍ପାଦକ ରାଜଗୋପାଳ ମହାନ୍ତି, ସଦସ୍ୟ ନାରାୟଣ ସ୍ୱାଇଁ ଓ ମୁରଲୀଧର ରଥ ଯୋଗଦେଇ ପ୍ରମାଣପତ୍ର ଓ ମେଡାଲ ପ୍ରଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ବିଭୂତିରଞ୍ଜନ ରାଉତଙ୍କ ସମେତ ସମସ୍ତ ଗୁରୁଜୀ ଓ ଗୁରୁମାମାନଙ୍କ ସହଯୋଗରେ ଅନୁଷ୍ଠିତ ଏହି ବିଜ୍ଞାନମେଳାରେ ଜିଲ୍ଲାର ୮ଟି ବିଦ୍ୟାଳୟର ୬୦ରୁ ଉର୍ଦ୍ଧ୍ୱ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା।

## କଟକ ବାଲିଯାତ୍ରାରେ ଆକର୍ଷଣ ସାଜିଛି ବାଙ୍କୀର ମାଟିତିଆରି ସାମଗ୍ରୀ

**ବାଙ୍କୀ,୯।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଐତିହାସିକ କଟକ ବାଲିଯାତ୍ରାରେ ଆକର୍ଷଣ ସାଜିଛି ବାଙ୍କୀ ତାଳବସ୍ତ ଗ୍ରାମର ଲକ୍ଷ୍ମୀଧର ମୁଦୁଲିଙ୍କ ମାଟି ତିଆରି ସାମଗ୍ରୀ। ଏହି ସାମଗ୍ରୀ ଗୁଡିକ କିଣିବା ଓ ଦେଖିବା ପାଇଁ ଗ୍ରାହକଙ୍କ ମଧ୍ୟରେ ଉତ୍କଣ୍ଠା ଭରି ରହିଛି। ଏହି ପରିପ୍ରେକ୍ଷୀରେ ବାଙ୍କୀ ଶ୍ରୀରାମ କମିଟି ତରଫରୁ ଶ୍ରୀ ମୁଦୁଲି ଓ ତାଙ୍କ ଧର୍ମପତ୍ନୀଙ୍କୁ ବାଲିଯାତ୍ରା ପଡିଆରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଅକ୍ଷୟ କୁମାର ସାମଲଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦାନ କରି ମୁଦୁଲି ଦମ୍ପତ୍ତିଙ୍କୁ ଉପଢ଼ୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ରୀ ମୁଦୁଲି ନିଜର କୌଳିକ ବୃତିକୁ ବହୁଦିନରୁ ବଜାୟ ରଖି ମାଟି ତିଆରି ବିଭିନ୍ନ ସାମଗ୍ରୀ ନିଜେ ଓ ତାଙ୍କ ପରିବାର ବର୍ଗଙ୍କ ସହାୟତାରେ ତିଆରି କରି ସାରା ଓଡ଼ିଶାର ବିଭିନ୍ନ ଯାତ୍ରା ମହୋତ୍ସବରେ ତାଙ୍କର ସାମଗ୍ରୀକୁ ନେଇ ପ୍ରଦର୍ଶିତ କରିବା ସହ ବିକ୍ରିବଟା କରୁଛନ୍ତି ବୋଲି ପ୍ରାଧ୍ୟାପକ ମହାପାତ୍ର ଉଲ୍ଲେଖ କରିଥିଲେ। କାର୍ଯ୍ୟକ୍ରମରେ ଶ୍ରୀରାମ କମିଟି ସଭାପତି ବିଶ୍ୱରଞ୍ଜନ ସ୍ୱାଇଁ, କଂଗ୍ରେସ ରଣା, ଲଲାଟେନ୍ଦୁ ପଣ୍ଡା ଓ ଶଶିଭୂଷଣ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ମହୋତ୍ସବ ପାଇଁ ଉନ୍ନତିକରଣ ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ

**ବଲାଙ୍ଗିର,୯।୧୧ ଏକ୍ସପ୍ରେସ୍ ନ୍ୟୁଜ୍**



ପାଟଣା ରାଜ୍ୟର ଇଷ୍ଟଦେବୀ ମାଁ ପାଟଣେଶ୍ୱରୀ ମନ୍ଦିର ପୀଠକୁ ୧୮୭୨ ମସିହାରୁ ୨୦୨୫କୁ ୧୫୦ ବର୍ଷ ପୂର୍ତ୍ତି ହୋଇଯାଇଛି। ଏହି ଅବସରରେ ବଲାଙ୍ଗିର ଜିଲ୍ଲାର ଦେବାଳୟ ଐତିହ୍ୟ ସୁରକ୍ଷା ଟ୍ରଷ୍ଟ ପକ୍ଷରୁ ଆଗାମୀ ଜାନୁୟାରୀ ମାସ ପହିଲା ସପ୍ତାହରେ ପାଟଣେଶ୍ୱରୀ ମହୋତ୍ସବ ଆୟୋଜନ ପାଇଁ ଉପ-ଜିଲ୍ଲାପାଳ ତଥା ଦୋବୋତ୍ତର ବିଭାଗକୁ ସୂଚନା ପ୍ରଦାନ କରିଛି। ଗତ ୨୦୨୩ ମସିହାରେ ଉନ୍ନତିକରଣ ପାଇଁ ୧କୋଟି ୧୨ଲକ୍ଷ ଟଙ୍କା ସୌନ୍ଦର୍ଯ୍ୟକରଣ ପାଇଁ ମାଁ ପାଟଣେଶ୍ୱରୀ ମନ୍ଦିର କାର୍ଯ୍ୟ ଆରମ୍ଭ ହୋଇଥିଲା। ୩ବର୍ଷରୁ ଉର୍ଦ୍ଧ୍ୱ ହୋଇଗଲାଣି ଏ ଯାଏଁ ସମ୍ପୂର୍ଣ୍ଣ ହୋଇନାହିଁ। ଏହି ଅବସରରେ ବଲାଙ୍ଗିର ଉପ-ଜିଲ୍ଲାପାଳ ଆଲୋକ କୁମାର ପଟେଲଙ୍କୁ ଦେବାଳୟ ସୁରକ୍ଷା କମିଟି ୪ଟି ଦାବି ପ୍ରଦାନ କରିଛି। ଜାନୁୟାରୀ ମାସରେ ମହୋତ୍ସବ ଆୟୋଜନ ହେବା ହେତୁ ମନ୍ଦିର ଉନ୍ନତିକରଣ ତ୍ୱରାନ୍ୱିତ କରିବା ପାଇଁ ଏବଂ ମାଁ ପାଟଣେଶ୍ୱରୀ ମନ୍ଦିରର ଗମ୍ଭିରାଘର, ପରଭା ରୂପା କିମ୍ବା ପିତଳ ଛାଉଣି ଲଗାଇବା ପାଇଁ ଦାବି। ୧୫୦ ବର୍ଷ ପୂର୍ତ୍ତି ଅବସରରେ ପାଟଣା ରାଜ୍ୟର ଇଷ୍ଟଦେବୀ ମାଁ ପାଟଣେଶ୍ୱରୀ ମନ୍ଦିରକୁ ପର୍ଯ୍ୟଟନ ମାନ୍ୟତା ଦାବି, ପାଟଣେଶ୍ୱରୀ ମହୋତ୍ସବ ପାଇଁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ପଠାଇବା ପାଇଁ ଦାବି ଜଣାଇଥିଲେ। କମିଟିର ସଭାପତି ଜୟକୃଷ୍ଣ ମିଶ୍ର, ପ୍ରଶାନ୍ତ ମହାକୁର ଆଗାମୀ ଦିନରେ ମହୋତ୍ସବ ପାଇଁ ବିଭିନ୍ନ ଯୋଜନା ଓ ବଲାଙ୍ଗିରର ବୁଦ୍ଧିଜିବିଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ହେବ। ରାଜ୍ୟର ମହାମହିମ ରାଜ୍ୟପାଳ ଏବଂ ରାଜ୍ୟର ବିଭିନ୍ନ ନେତା ମନ୍ତ୍ରୀଗଣ ଉତ୍ସବରେ ନିମନ୍ତ୍ରିତ କରାଯିବ ବୋଲି ଏହି ଅବସରରେ କମିଟି ନିଷ୍ପତ୍ତି ଅନୁଯାୟୀ ଏକ ପ୍ରେସ ବିବୃତ୍ତିରେ ସୂଚନା ଦେଇଛନ୍ତି ।

## ସିଆଇଟିୟୁର ୭ମ ଭଦ୍ରକ ଜିଲ୍ଲା ସମ୍ମିଳନୀ

**ଭଦ୍ରକ,୯।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଭାରତର ସମ୍ବିଧାନ, ଧର୍ମ ନିରପେକ୍ଷ ଗଣତନ୍ତ୍ର ଓ ଭାରତର ସାର୍ବଭୌମତ୍ୱର ସୁରକ୍ଷା ସମେତ ଶ୍ରମିକ ସପକ୍ଷବାଦୀ ସମସ୍ତ ଶ୍ରମ ଆଇନର ସୁରକ୍ଷା, ସମସ୍ତ ସ୍କିମ ଶ୍ରମିକମାନଙ୍କୁ ସ୍ଥାୟୀ ଶ୍ରମିକର ମାନ୍ୟତା ଦେବା ଆଦି ଦାବି କରି ସିଆଇଟିୟୁର ୭ମ ଭଦ୍ରକ ଜିଲ୍ଲା ସମ୍ମିଳନୀ ଭଦ୍ରକ ଜିଲ୍ଲା ସଂସ୍କୃତି ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀର ଖୋଲା ଅଧିବେସନ ଭଦ୍ରକ କଚେରୀ ବଜାର ସ୍ଥିତ ଷ୍ଟେଟ ବ୍ୟାଙ୍କ ଛକଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ସାଧାରଣ ସଭାରେ ସିଆଇଟିୟୁ ରାଜ୍ୟ ସଭାପତି ଜନାର୍ଦ୍ଦନ ପତି ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶ୍ରମିକ ମାରଣ ନୀତି ବିରୁଦ୍ଧରେ ଲଢେଇ କରିବାକୁ ଆହ୍ୱାନ ଜଣାଇଥିଲେ। ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଘରୋଇକରଣ ମାଧ୍ୟମରେ ମୋଦି ସରକାର ଶ୍ରମିକ ଛଟେଇ କରୁଥିବାରୁ ଶ୍ରୀଯୁକ୍ତ ପତି ଗଭୀର ଉଦବେଗ ପ୍ରକାଶ କରିଥିଲେ। ଅନ୍ୟତମ ବକ୍ତା ଭାବେ ବରିଷ୍ଠ ବାମପନ୍ଥୀ ନେତା ସନ୍ତୋଷ ଦାସ ଯୋଗଦେଇ ଶ୍ରମିକ- ଚାଷୀ- କୃଷି ଶ୍ରମିକମାନେ ଏକଜୁଟ ହୋଇ ସାଂପ୍ରଦାୟିକ- କର୍ପୋରେଟ କୁଚକ୍ର ବିରୁଦ୍ଧରେ ଲଢେଇ କରିବାକୁ ଆହ୍ୱାନ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଆଇଟିୟୁ ରାଜ୍ୟ ସଂପାଦକ ରମେଶ ଜେନା, ସିଆଇଟିୟୁ ଜିଲ୍ଲା ସଭାପତି ଦିବ୍ୟସିଂହ ନାୟକ, ସିଆଇଟିୟୁ ଜିଲ୍ଲା ସଂପାଦକ କାଳନ୍ଦୀ ପାତ୍ର, ଜିଲ୍ଲା ଉପସଭାପତି ରାଧାନାଥ ଦାସ, ଅନ୍ୟତମ ଉପସଭାପତି ବିଷ୍ଣୁ ଦାଶ, ମଳୟ ଭୋଇ, ଯୁବନେତା ବିକାଶ ନାଥ ପ୍ରମୁଖ ଏହି ଖୋଲା ସଭାରେ ଉଦବୋଧନ ଦେଇଥିଲେ। ପ୍ରଥମେ ଜିଲ୍ଲା ସଭାପତି ଦିବ୍ୟସିଂହ ନାୟକ ସଂଗଠନର ପତାକା ଉତ୍ତୋଳନ କରିଥିବା ବେଳେ ସଂସ୍କୃତି ଭବନ ଠାରେ ଏହି ସମ୍ମିଳନୀକୁ ରାଜ୍ୟ ସଂପାଦକ ରମେଶ ଜେନା ସମ୍ମିଳନୀକୁ ଉଦଘାଟନ କରିଥିଲେ। ଏହି ସମ୍ମିଳନୀରେ ଶ୍ରମିକ ନେତା ଦିବ୍ୟସିଂହ ନାୟକ ଜିଲ୍ଲା ସଭାପତି ଭାବେ ପୁନଃ ନିର୍ବାଚିତ ହୋଇଥିବା ବେଳେ ଶ୍ରମିକ ନେତା କାଳନ୍ଦୀ ପାତ୍ର ଜିଲ୍ଲା ସଂପାଦକ ଭାବେ ପୁନଃ ନିର୍ବାଚିତ ହୋଇଥିଲେ। ଶ୍ରମିକ ନେତା ରାଧାନାଥ ଦାସ, ମଳୟ ଭୋଇ, ବିଷ୍ଣୁ ଦାଶ, ସୀତା ଦାଶ ପ୍ରମୁଖ ଜିଲ୍ଲା ଉପସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ସେକ୍ ସତ୍ତାରୁଦ୍ଦିନ୍, ମମତା ଜେନା ସହ ସଂପାଦକ ଭାବେ ନିର୍ବାଚିତ ହୋଇଥିଲେ। ଶ୍ରମିକ ନେତା ବିଷ୍ଣୁ ଦାଶ ଜିଲ୍ଲା କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲେ। ଏହି ସମ୍ମିଳନୀକୁ ଓଡିଶା କୃଷକ ସଭା ଜିଲ୍ଲା ସଭାପତି ଚନ୍ଦ୍ରଶେଖର ନାୟକ, ଓଡିଶା କ୍ଷେତମଜଦୂର ୟୁନିୟନ ଜିଲ୍ଲା ସଂପାଦକ ଗିରିଧାରୀ ନାଥ, ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ରାଜ୍ୟ ସଂପାଦିକା ସୁରଜିତା ନାୟକ, ବରିଷ୍ଠ ଶ୍ରମିକ ନେତା ଅଭିନ୍ନ ଚନ୍ଦ୍ର ରାୟ, ଚାଷୀ ନେତା ନିରଞ୍ଜନ ପାଣି ପ୍ରମୁଖ ଶୁଭେଚ୍ଛା ଜଣାଇ ବକ୍ତବ୍ୟ ରଖିଥିଲେ। ଏହି ସମ୍ମିଳନୀରେ ଶତାଧିକ ଆଶାକର୍ମୀ, ପାଚିକା- ସହାୟିକା, ନିର୍ମାଣ ଶ୍ରମିକ, ଅଙ୍ଗନୱାଡି କର୍ମୀ, କ୍ଷୁଦ୍ର ବ୍ୟବସାୟୀ, ଟ୍ରଲି ଚାଳକ, ରିକ୍ସା ଚାଳକ, ଟାକ୍ସି ଚାଳକ, ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅଧିନରେ କାର୍ଯ୍ୟରତ କର୍ମଚାରୀମାନଙ୍କ ସହ ଶତାଧିକ ସାଧାରଣ ଜନତା ଉପସ୍ଥିତ ଥିଲେ।

## ହାଇସ୍କୁଲରେ ପରିବେଶ ସଚେତନତା

**ବାଙ୍କୀ,୯।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ବାଙ୍କୀ ବ୍ଲକ ଅନ୍ତର୍ଗତ ନୂଆଗାଁ କେଦାରନାଥ ହାଇସ୍କୁଲରେ ପରିବେଶ ସଚେତନତା ଓ ବୃକ୍ଷବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଜୟ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରକୃତିବନ୍ଧୁ ପ୍ରସନ୍ନ କୁମାର ସାହୁ ଯୋଗଦାନ କରି ପରିବେଶ ସରସସୁନ୍ଦର ରଖିବା ଦିଗରେ ବୃକ୍ଷରୋପଣର ଆବଶ୍ୟକତା ଓ ପୃଥିବୀରେ ଆସନ୍ନ ପ୍ରଳୟରୁ ରକ୍ଷା କରିବା ନିମନ୍ତେ ପରିବେଶକୁ ସୁନ୍ଦର ସରସ କରିବା ଦିଗରେ ସମସ୍ତେ ଚେଷ୍ଟା କରିବା ଆବଶ୍ୟକ ବୋଲି କହିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ପ୍ରକାର ଫୁଲଗଛ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷକ ରେଣୁବାଳା ଦାସ ଓ ସୁଶାନ୍ତ କୁମାର ରାଉତ ପରିଚାଳନା କରିଥିଲେ।

## ବିଜେଡିର ବ୍ଲକ୍‌ସ୍ତରୀୟ ପଦଯାତ୍ରା ଉଦ୍‌ଯାପନ ସମାରୋହ

**ନିଆଳି,୯।୧୧ ଏକ୍ସପ୍ରେସ୍ ନ୍ୟୁଜ୍**



ନିଆଳି ବ୍ଲକ୍‌ରେ ବିଭିନ୍ନ ପଂଚାୟତରେ ଅକ୍ଟୋବର ୯ ତାରିଖରୁ ପଦଯାତ୍ରା ଆରମ୍ଭ ହୋଇଥିଲା। ନଭେମ୍ବର ୯ ତାରିଖ ଦିନ ନିଆଳି ବଜାର ଅଚିହ୍ନା ପଡିଆରେ ଥିବା ବିଜୁ ପଟନାୟକଙ୍କ ପ୍ରତିମୂର୍ତ୍ତି ଠାରୁ ଏକ ବିଶାଳ ପଦଯାତ୍ରା ବିଜୁ ଜନତା ଦଳ କର୍ମୀମାନଙ୍କ ଦ୍ୱାରା କରାଯାଇ ନିଆଳି ବଜାର, ନୂଆ ଗାଁ ବଜାର ଦେଇ ପ୍ରଭୁ ଶ୍ରୀ ଶ୍ରୀ ଶୋଭାନେଶ୍ୱରଙ୍କ ମନ୍ଦିର ସମ୍ମୁଖରେ ଥିବା ପଡିଆରେ ଏକ ସାଧାରଣ ସଭା ଆୟୋଜନ କରାଯାଇଥିଲା। ଏହି ସଭାରେ ବ୍ଲକ୍ ବିଜେଡି ସଭାପତି ଅତୁଲ୍ୟ ଜେନା ସଭାପତିତ୍ୱ କରିଥିବା ବେଳେ ଜିଲ୍ଲାପରିଷଦ ଦେବାଶିଷ ଷଡଙ୍ଗୀ ଅତିଥି ପରିଚୟ ପ୍ରଦାନ କରିବା ସହ ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟ ଅତିଥିଭାବେ ଡ଼. ପ୍ରମୋଦ କୁମାର ମଲିକ୍ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ନିଆଳି ବ୍ଲକ୍ ଅଧ୍ୟକ୍ଷ ଉମେଶ ଚନ୍ଦ୍ର ବେହେରା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୀପ୍ତି ପ୍ରତିହାରୀ, ଜିଲ୍ଲାପରିଷଦ ସଭ୍ୟ ସୌଦାମିନୀ ମହାପାତ୍ର, ପ୍ରକାଶ ମହାନ୍ତି, କବିତା ରାଉତ, ବିଜେଡି ନେତା ଅଭିମନ୍ୟୁ ମଲିକ୍, ଶେଖ ହୁମ୍ୟୁନ, ଶେଖ ହସନ, ପ୍ରଦୀପ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଏହି ବୈଠକରେ ମୁଖ୍ୟ ଅତିଥି ଡ଼. ପ୍ରମୋଦ କୁମାର ମଲିକ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କାର୍ଯ୍ୟଶୈଳୀକୁ ସମାଲୋଚନା କରିବା ସହ ମିଛୁଆ ଲୋକଙ୍କ ସରକାର ଓ ରଙ୍ଗ ମରା ସରକାର କହିଥିଲେ। ହାଇମେକ୍ସ ଲାଇଟିରେ ବ୍ୟାପକ ଦୁର୍ନୀତି ହୋଇଥିବା କହିଥିଲେ। କାର୍ଯ୍ୟକାରୀ ସଭାପତି ଅନ୍ତର୍ଯ୍ୟାମୀ ବଡୁ ସଦା ବାବାଜୀ ତୋଟାରେ ତାଲା ପଡିବା ଓ ନିଆଳି ତହସିଲ ଅଧୀନରେ ଶାସକ ଦଳର ଲୋକମାନଙ୍କ ଦ୍ୱାରା ବାଲି ଚୋରା ଚାଲାଣ ହେଉଥିବା ଗୁରୁତ୍ୱର ଅଭିଯୋଗ ଆଣିଥିଲେ। ଆଗାମୀ ପଂଚାୟତ ନିର୍ବାଚନରେ ଜନ ସାଧାରଣ ଉଚିତ ଜବାବ ଦେବେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ସୁରେଶ ପଟନାୟକ, ବିଜୟ ରାମ ପଣ୍ଡା, ପରିବାରିକ, ନିରଞ୍ଜନ ବେହେରା, ପ୍ରଶାନ୍ତ ସ୍ୱାଇଁ, ବିଜେଡି ନେତା ପ୍ରଦୀପ୍ତ ନନ୍ଦ, ମନୋରଞ୍ଜନ ବେହେରା, ସମିତି ସଭ୍ୟ ସମ୍ପଦ ମହାନ୍ତି, ପ୍ରମୋଦ ବେହେରା, ଯୁବ ବିଜେଡି ସଭାପତି ବିଷ୍ଣୁ ଚରଣ ସ୍ୱାଇଁ, ପୂର୍ବତନ ସରପଞ୍ଚ ବାସନ୍ତି ମଲିକ୍, ପୁଷ୍ପ ଲତା ପାତ୍ରଙ୍କ ସମେତ ଏକ ହଜାରରୁ ଉର୍ଦ୍ଧ୍ୱ ବିଜେଡି କର୍ମୀ ଓ ମହିଳା କର୍ମୀମାନେ ଉପସ୍ଥିତ ରହିଥିଲେ।

## ଆରୟା ପ୍ରକଳ୍ପର ଜିଲ୍ଲାସ୍ତରୀୟ ବାର୍ଷିକ ଉତ୍ସବ

**ସାକ୍ଷୀଗୋପାଳ,୯।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

କୃଷି ବିଜ୍ଞାନ କେନ୍ଦ୍ର ଠାରେ ଆରୟା ପ୍ରକଳ୍ପର ଜିଲ୍ଲାସ୍ତରୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅଟାରି ଜୋନ୍‌ର ପ୍ରକଳ୍ପ ନିର୍ଦ୍ଦେଶକ ଡ଼ ଅଭିଜିତ ହଲଦର, କୃଷି ସମ୍ପ୍ରସାରଣର ସହ ନିର୍ଦ୍ଦେଶକ ଡ଼ ରବି ରତନ ଦାସ, ରାଜ୍ୟ ଆରୟା ପ୍ରକଳ୍ପ ନିର୍ଦ୍ଦେଶିକା, ଡ଼ ଶ୍ରାବଣୀ ଦାସ, ଉଦ୍ୟାନ ଅଧିକାରୀ, କୃଷି ଅଧିକାରୀ, ମତ୍ସ୍ୟ ଅଧିକାରୀ, ପ୍ରାଣୀ ସମ୍ପଦ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ। କୃଷି ବିଜ୍ଞାନ କେନ୍ଦ୍ରର, ମତ୍ସ୍ୟ ବିଜ୍ଞାନ, ଅଧିକାରୀ, ଅମ୍ବିକା ପ୍ରସାଦ ନାୟକ, ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ଼ାକ୍ତର, ସୁର୍ଯ୍ୟ ନାରାୟଣ ମିଶ୍ର, ଗତ ବର୍ଷ ଓ ଚଳିତ ବର୍ଷର ଆଲୋଚନା କରିଥିଲେ। ଓୟୁଏଟି ସମ୍ପ୍ରସାରଣ ସହ ନିର୍ଦ୍ଦେଶକ ଡ ରବି ରତନ ଦାସ, କାର୍ଯ୍ୟକ୍ରମରେ ଅଧକ୍ଷତା, କରି ପ୍ରକଳ୍ପର ସଫଳତା ଦୃଷ୍ଟାନ୍ତ ମୂଳକ ଓ ବର୍ତ୍ତମାନ ଏହାକୁ ଲୋକ ଲୋଚନକୁ ଆଣିବା ପାଇଁ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ମତ୍ସ୍ୟ, କୁକୁଡ଼ା, ପାଳନ, ଛତୁ ଚାଷରେ ଦକ୍ଷତା ଅବଲମ୍ବନ ପରେ, କେନ୍ଦ୍ର ସହୟାତାରେ ସଫଳ ଯୁବପିଢିମାନଙ୍କୁ କିଭଳି ଭାବେ ସରକାରୀ ସାହାଯ୍ୟ ସହଯୋଗ କରି ହେବ ସେ ବିଷୟରେ ଆଲୋଚନା କରିଥିଲେ।

## ସମୂହ ସଫେଇ କାର୍ଯ୍ୟକ୍ରମ ଓ ବୃକ୍ଷରୋପଣ



**ଘାଟିକିଆ,୯।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ସ୍ଥାନୀୟ ଘାଟିକିଆ (୨୩ ନଂ ୱାଡ) ଏସ୍‌ଓଏସ୍ ଶିଶୁ ଗ୍ରାମଠାରେ ରୋଟାରୀ କ୍ଲବ ଖାରବେଳ କଳିଙ୍ଗନଗର ତରଫରୁ ଏକ ସମୂହ ସଫେଇ କାର୍ଯ୍ୟକ୍ରମ, ଆଲୋକିକରଣ ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଯାଇଛି। ରୋଟାରୀ କ୍ଲବର ସଭାପତି ଦିଲ୍ଲିପ କୁମାର ଜେନାଙ୍କ ପୌରହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ରୋଟାରୀ ଜିଲ୍ଲା ପ୍ରାନ୍ତପାଳ ମନୋଜ କୁମାର ତ୍ରିପାଠୀ ପ୍ରାକ୍ତନ ପ୍ରାନ୍ତପାଳ, ଶିବବତ୍ର ଦାଶ, ଡେପୁଟି ମେୟର ମଞ୍ଜୁଲତା କଅଁର, କର୍ପୋରେଟର କିରଣ ବାଳା ମାଝୀ, ଶିଶୁ ଗ୍ରାମର ନିର୍ଦ୍ଦେଶକ, ଅବିନାଶ କୁମାର ହୋତା, ଶିଶୁ ଗ୍ରାମର ସମସ୍ତ ଅନ୍ତେବାସୀ, କର୍ମଚାରୀ ତଥା କ୍ଲବର ସଦସ୍ୟମାନେ ଉପସ୍ଥିତ ଥିଲେ। ସମସ୍ତ ଅତିଥିମାନଙ୍କୁ ଡକ୍ଟର କିଶୋର ଚନ୍ଦ୍ର ସ୍ୱାଇଁ ପରିଚୟ ପ୍ରଦାନ ସହିତ ସ୍ୱାଗତ କରିଥିଲେ। ପ୍ରାନ୍ତପାଳ ତାଙ୍କ ବକ୍ତବ୍ୟରେ କ୍ଲବର ଏତାଦୃଶ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ ଓ ଅନ୍ତେବାସୀଙ୍କ ଶିକ୍ଷାଦାନ ପାଇଁ ୫ଟି କମ୍ପୁଟର ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଡେପୁଟି ମେୟର ଓ କର୍ପୋରେଟର ଶିଶୁଗ୍ରାମର ସ୍ୱଚ୍ଛତା ଓ ପରିବେଶ ସୁରକ୍ଷା ପାଇଁ ବିଏମସି ତରଫରୁ ସମସ୍ତ ପ୍ରକାର ସହଯୋଗର ପ୍ରତିଶ୍ରୁତି ଦେଇଥିଲେ। କ୍ଲବ ତରଫରୁ ସଭାପତି ଏହାକୁ ପାଷ୍ୟ ଶିଶୁଗ୍ରାମ ବୋଲି ଅଧିଗ୍ରହଣ କରିଥିଲେ ଓ ପ୍ରତିମାସର ଛୁଟିଦିନମାନଙ୍କରେ ଅନ୍ତେବାସୀମାନଙ୍କ ସହଯୋଗରେ ସଫେଇ କାର୍ଯ୍ୟକ୍ରମ ହାତକୁ ନେଇଥିଲେ। ରେଟୋରିଆନ୍ କ୍ରିଷ୍ଣା ରାଓ ଜଣେ ପିଲାକୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କଲେ ଓ ଅନ୍ତେବାସୀ ଛାତ୍ରଛାତ୍ରୀମାନଙ୍କୁ ଇଂରାଜୀ ଭାଷାରେ ବ୍ୟକ୍ତ କରିବାର ଶୈଳୀ ବିଷୟରେ କ୍ଲାସ ନେବାକୁ ନିଜ ତରଫରୁ ପ୍ରସ୍ତାବ ଦେଇଥିଲେ। ଦେବେନ୍ଦ୍ର କୁମାର ଦାସ ପିଲାମାନଙ୍କୁ ସେମାନଙ୍କ ଛୁଟିଦିନରେ ଗଣିତ ଓ ପଦାର୍ଥ ବିଜ୍ଞାନ ଉପରେ ପଢାଇବାକୁ ନିଜ ତରଫରୁ କହିଥିଲେ। ପ୍ରାକ୍ତନ ପ୍ରାନ୍ତପାଳଙ୍କ ପ୍ରସ୍ତାବକୁ ପରିବାରର ମାଆମାନଙ୍କୁ ଖାରବେଳ ତରଫରୁ ସମ୍ବର୍ଦ୍ଧିତ କରିବାର ପ୍ରସ୍ତାବ ମଧ୍ୟ ପାରିତ ହୋଇଥିଲା। ଅତିଥିମାନଙ୍କ ତରଫରୁ ଶିଶୁଗ୍ରାମ ପରିସରରେ ବୃକ୍ଷରୋପଣ ଓ କ୍ଲବ ତରଫରୁ ୧୦ଟି ଷ୍ଟ୍ରିଟ୍ ଲାଇଟ ଲଗାଯାଇଥିଲା। ଶେଷରେ ରମେଶ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ

**ବଲାଙ୍ଗିର,୯।୧୧ ଏକ୍ସପ୍ରେସ୍ ନ୍ୟୁଜ୍**



ବଲାଙ୍ଗିର ଜିଲ୍ଲା କୃଷି ବିଭାଗ ଦ୍ୱାରା ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ଠାରେ 'ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ-୨୦୨୫' ପାଳିତ ହୋଇଯାଇଛି। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଧୀରେନ୍ଦ୍ର ସିଂହ ବରିହାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦେବକୀ ସାହୁ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବରେ ମାନନୀୟ ଉପ ମୁଖ୍ୟମନ୍ତ୍ରୀଙ୍କ ନୋମିନୀ (ମନୋନୀତ) ମାଧବ କୁମାର ସା, ଆଞ୍ଚଳିକ କୃଷି ସଂପ୍ରସାରଣ କେନ୍ଦ୍ରର ଅଧକ୍ଷ ସୁଧାକର ନନ୍ଦ, ଉପ ନିର୍ଦ୍ଦେଶକ ଉଦ୍ୟାନ ବିଭାଗ, ଜିଲ୍ଲା କୃଷି ଅଧିକାରୀ ଟିଟିଲାଗଡ ଓ ପାଟଣାଗଡ, ଜିଲ୍ଲା ମତ୍ସ୍ୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ଶ୍ରୀଅନ୍ନ ଅଭିଯାନ କାର୍ଯ୍ୟକ୍ରମ ତରଫରୁ ପ୍ରତିବର୍ଷ ଏହି ମାଣ୍ଡିଆ ଦିବସ ଜିଲ୍ଲା ସ୍ତରରେ ପାଳିତ ହୋଇଆସୁଛି। ଚଳିତ ବର୍ଷ ମାଣ୍ଡିଆ ଦିବସର ମୁଖ୍ୟ ପ୍ରସଙ୍ଗ 'କୃଷି ଐତିହ୍ୟ ଓ ଜୈବ ବିବିଧତା ସଂରକ୍ଷଣ ରେ ମହିଳାଙ୍କ ଭୂମିକା' ରଖାଯାଇଛି। ଏହି ଅବସରରେ ଜିଲ୍ଲାର ଶ୍ରେଷ୍ଠ ମାଣ୍ଡିଆ ଚାଷୀ ଭାବେ ବେଲପଡା ବ୍ଲକର କୁନ୍ତଳା ଧରୁଆ ଏବଂ ଲଘୁ ଶସ୍ୟ ଓ ବିଲୁପ୍ତ ପ୍ରାୟ ଅନ୍ୟାନ୍ୟ ଫସଲର ଶସ୍ୟ ଓ ଖାଦ୍ୟ ସଂରକ୍ଷଣ ପାଇଁ ମୁରିବାହଲ ବ୍ଲକର ଯଶୋଦା ଭୁଏଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶ୍ରେଷ୍ଠ କୃଷକ ଉତ୍ପାଦକ ସଂସ୍ଥା ହିସାବରେ ମୁରିବାହଲ ସ୍ଥିତ ଆଶା ମିଲେଟ କୃଷକ ଉତ୍ପାଦକ ସଂସ୍ଥା, ଶ୍ରେଷ୍ଠ ସହଯୋଗୀ ସଂସ୍ଥା ହିସାବରେ ଓ୍ୱସିଡିଏ, ବେଲପଡା, ଶ୍ରେଷ୍ଠ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ହିସାବରେ ମୁରିବାହାଲର ରାଧାରାଣୀ ସ୍ୱୟଂ ସହାୟକ ଗୋଷ୍ଠୀକୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ମିଲେଟ ଜାତୀୟ ଶସ୍ୟର ଉପକାରିତା ବିଷୟରେ ଏକ ସଚେତନତା ଶୋଭାଯାତ୍ରା କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ଶ୍ରୀଅନ୍ନ ଅଭିଯାନ ଜିଲ୍ଲା ଯୋଜନା ଅଧିକାରୀ ସୁନନ୍ଦା ସାହୁ ପରିଚାଳନା କରିଥିଲେ ଏବଂ ସଭା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ରାଜ୍ୟ ଭାଗବତ ଟୁଙ୍ଗି ପ୍ରଚାର ସମିତି ପକ୍ଷରୁ ଭାଗବତ ମହୋତ୍ସବ ଓ ଭକ୍ତ ସମ୍ମିଳନୀ

**କେନ୍ଦ୍ରାପଡା,୯।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ବର୍ତ୍ତମାନ ଓଡ଼ିଶାର କଳା ସଂସ୍କୃତି ଓ ଗୀତା ଭାଗବତକୁ ଭୁଲି ଗଲେଣି ଲୋକେ। ଏବେ ନୂଆ ଯୁବ ପିଢ଼ିମାନଙ୍କୁ ଭଗବତ୍ ଚିନ୍ତନ ଓ ଉଚିତ୍ ମାର୍ଗକୁ ଆପଣାଇବା ଓଡ଼ିଶାର ରାଜ୍ୟ ଭାଗବତ ଟୁଙ୍ଗି ପ୍ରଚାର ସମିତି ପକ୍ଷରୁ ଜିଲ୍ଲା ସଂସ୍କୃତି ଭବନ, କେନ୍ଦ୍ରାପଡ଼ା ପରିସରରେ କେନ୍ଦ୍ରାପଡ଼ା ଜିଲ୍ଲା ଶାଖା ପକ୍ଷରୁ କେନ୍ଦ୍ରାପଡ଼ା ଜିଲ୍ଲା ଭାଗବତ ମହୋତ୍ସବ ଓ ଭକ୍ତ ସମ୍ମିଳନୀ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବକୁ ରାଜ୍ୟ ଭାଗବତ ଟୁଙ୍ଗି ପ୍ରଚାର ସମିତିର ପ୍ରତିଷ୍ଠାତା ସଭାପତି ନଙ୍ଗୁଳି ବାବା ଉଦଘାଟନ କରିଥିଲେ। ଉପସଭାପତି ସୁବ୍ରତ ରାଉତ ମହୋତ୍ସବରେ ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ରାଜ୍ୟ ସଂଯୋଜକ ବସନ୍ତ କୁମାର ଦାସ ୩୦ ଗୋଟି ଜିଲ୍ଲାରେ ଭାଗବତ ମହୋତ୍ସବ ପାଳନର ଆଭିମୁଖ୍ୟ ପ୍ରଦାନ କରିଥିଲେ। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧିକାରୀ ଡ଼. ତ୍ରିଲୋଚନ ବରାଳ, ମୁଖ୍ୟବକ୍ତା ଭାବେ କେନ୍ଦ୍ରାପଡ଼ା ଜିଲ୍ଲା ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂହ, ବିଶିଷ୍ଟ ଅତିଥି ଭାବେ କେନ୍ଦ୍ରାପଡ଼ାର ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଟ ଜେନା, ବରେଣ୍ୟ ଅତିଥି ଭାବେ ଜିଲ୍ଲା ବିଜେପି ସମ୍ପାଦିକା ମନିଷା ପଣ୍ଡା, ସମ୍ମାନିତ ଅତିଥି ଭାବେ ସଙ୍ଗୀତ ନିର୍ଦ୍ଦେଶକ ଦିନେଶ କୁମାର ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ଉତ୍ସବର ସଭାପତି ସୁବ୍ରତ ରାଉତ କହିଥିଲେ ଯେ ଜିଲ୍ଲାପାଳ, ବିଡ଼ିଓ ଏବଂ ପୌରସଂସ୍ଥାର ନିର୍ବାହୀ ଅଧିକାରୀଙ୍କୁ ଭାଗବତଟୁଙ୍ଗି ପାଇଁ ମଞ୍ଜୁର ହୋଇଥିବା ଅର୍ଥ ରାଶିକୁ ତୁରନ୍ତ ପ୍ରଦାନ କରିବା ପାଇଁ ନିବେଦନ କରିଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂହ ଘୋଷଣା କରିଥିଲେ ଯେ ଏହି ଜିଲ୍ଲାର ୯ ଗୋଟି ବ୍ଲକ ଓ ୨ଟି ପୌରାଞ୍ଚଳରେ ଥିବା ପ୍ରତ୍ୟେକ ଭାଗବତ ଟୁଙ୍ଗି ପାଇଁ ୫୦,୦୦୦ ଟଙ୍କା ରାଜ୍ୟ ସରକାର ମଞ୍ଜୁର କରିଥିବା ଅନୁଦାନ ବିଡିଓମାନଙ୍କୁ ବଣ୍ଟନ କରିବା ପାଇଁ ଘୋଷଣା କରିଥିଲେ। ଗ୍ରାମାଞ୍ଚଳରେ ଥିବା ଭାଗବତ ଟୁଙ୍ଗି ଗୁଡ଼ିକ ରାଜ୍ୟ ଭାଗବତ ଟୁଙ୍ଗି ପ୍ରଚାର ସମିତି ସହିତ ଯୋଡି ହୋଇ ସରକାରଙ୍କ ଅନୁଦାନ ରାଶି ପାଇବା ପାଇଁ ସମସ୍ତ ନୀତି ନିୟମ ଅନୁଯାୟୀ ପ୍ରସ୍ତୁତ ହେବାକୁ ବିବରଣୀ ପ୍ରଦାନ କରିଥିଲେ ରାଜ୍ୟ ସାଧାରଣ ସମ୍ପାଦକ ଜ୍ଞାନ ରଞ୍ଜନ ରାଉତ। ଜିଲ୍ଲା ସଭାପତି ସୁରେନ୍ଦ୍ର ଶତପଥୀ ଭଗବତ୍ ପ୍ରେମୀ ମାନଙ୍କୁ ଉଦବୋଧନ ଦେଇଥିଲେ। ଶାନ୍ତନୁ କୁମାର ଦାସ, ଯଶୋବନ୍ତ ପଣ୍ଡା, ନିରାକାର ମହାରଣା, ପ୍ରଦିପ ବିହାରୀ, ବିଜୟ କେତନ ସାହୁ, ଅକ୍ଷୟ ସାମଲ ପ୍ରମୁଖ ମହୋତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଏହି ମହତ୍ କାର୍ଯ୍ୟକ୍ରମକୁ ଜିଲ୍ଲାର ଭଗବତ୍ ପ୍ରେମୀ ଭୂୟାସି ପ୍ରଂଶସା କରିଥଲେ।

## ଶିକ୍ଷୟିତ୍ରୀଙ୍କୁ ଚୂଡଙ୍ଗ ସମ୍ମାନ ପ୍ରଦାନ



**ବାଙ୍କୀ,୯।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଡମପଡ଼ା ବ୍ଲକ ଅନ୍ତର୍ଗତ କରବର ଗ୍ରାମର ଆଦର୍ଶ ଶିକ୍ଷୟିତ୍ରୀ ମୋନାଲିସା ପ୍ରିୟଦର୍ଶିନୀ ନନ୍ଦଙ୍କୁ ଚୂଡଙ୍ଗଗଡ ବାରଙ୍ଗ ମହୋତ୍ସବ କମିଟି ତରଫରୁ ଚୂଡଙ୍ଗ ସମ୍ମାନ-୨୦୨୫ରେ ସମ୍ବର୍ଦ୍ଧିତ କରାଯାଇଛି। ସୂଚନା ଯୋଗ୍ୟଯେ ମୋନାଲିସା ଜଣେ ଆଦର୍ଶ ଶିକ୍ଷୟିତ୍ରୀ ଓ ସିଆରସିସି ଭାବରେ କାର୍ଯ୍ୟ କରୁଛନ୍ତି ଏବଂ ପୂର୍ବରୁ ବହୁ ସମ୍ମାନର ସେ ଅଧିକାରିଣୀ। ମହୋତ୍ସବ କମିଟିର ସଭାପତି ତୁଷାରକାନ୍ତ ଚକ୍ରବର୍ତ୍ତୀ ଓ ଅତିଥିମାନେ ଉପସ୍ଥିତ ରହି ଶ୍ରୀମତୀ ନନ୍ଦଙ୍କୁ ମାନପତ୍ର, ଉପଢ଼ୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ଯୁବରେଡକ୍ରସ ଆନୁକୂଲ୍ୟରେ ବିଭିନ୍ନ ପ୍ରତିଯୋଗିତା

**ବାଙ୍କୀ,୯।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଯୁବରେଡକ୍ରସ ତରଫରୁ ଚଳିତ ବର୍ଷ ବନ୍ଦେମାତରମ୍‌ର ୧୫୦ତମ ବର୍ଷ ପୂର୍ତ୍ତି ଉପଲକ୍ଷେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରବନ୍ଧ, ଚିତ୍ରାଙ୍କନ ଓ ସାଧାରଣଜ୍ଞାନ ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଯୁବରେଡକ୍ରସର କାଉନସିଲର ଅଧ୍ୟାପିକା ସରସ୍ୱତୀ ଦେଉରୀ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ଅଧକ୍ଷ ପ୍ରାଧ୍ୟାପକ ପ୍ରମୋଦ କୁମାର ପଣ୍ଡା ଓ ସମ୍ମାନିତ ଅତିଥି ଭାବେ ପ୍ରଶାସନିକ ଅଧିକାରୀ ଡକ୍ଟର ଶୈଳେନ୍ଦ୍ର ଚନ୍ଦ୍ର ଦେଓ ଯୋଗଦାନ କରି କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ ଦେବା ସହ ବନ୍ଦେମାତରମ୍ ସଂପର୍କରେ ଆଲୋକପାତ କରିଥିଲେ।

**AFFIDAVIT**

By virtue of an Affidavit sworn before the Executive Magistrate Bolagarh, Odisha, No.-2910,Dt-24.10.2025. I PRAVAT PALATASINGH, S/o-Narayan Palatasingh , At-Godabhanga, Po-Kalanga,Ps-Bolagarh, Dist-Khordha,Pin-752066 declare that I have changed my name from Prabhat Palatasingh to PRAVAT PALATASINGH. Henceforth, I shall be known as PRAVAT PALATASINGH for all purposes.

S/d-
PRAVAT PALATASINGH

# ଶେଷ ପୃଷ୍ଠା

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର | 10th November, 2025 Monday | RNI Regd. No. ODIODI/2006/23033 | Postal Regd. No. : BN/169/13-15


## ବାହା ପୂର୍ବର ପ୍ରୋବ୍ଲେମ୍




**ସେ**ଦିନ ପତିଦେବ ଅଫିସ୍‌ରୁ ଫେରିବା ପରେ ଡ୍ରଇଂରୁମର ସୋଫାରେ ମୁଣ୍ଡରେ ହାତ ଦେଇ ବସିଥିବାର ଦେଖି ପତ୍ନୀଦେବୀ ପଚାରିଲେ- କ'ଣ ହେଲା ତମର ? ଏମିତି ମୁଣ୍ଡରେ ହାତ ଦେଇ ବସିଛ କାହିଁକି ?

ପତିଦେବ କହିଲେ- ମୁଣ୍ଡଟା ଭାରି ବିନ୍ଧୁଛି । କ'ଣ କରିବି କହିଲ ?

ପତ୍ନୀଦେବୀ କହିଲେ- ତମେ ସେଇଠି ବସିଥାଅ, ମୁଁ ତମ ପାଖକୁ ଯାଉଛି ତମ ମୁଣ୍ଡ ଚିପିଦେଲେ ଭଲ ଲାଗିବ ।

ଏତକ କହି ପତ୍ନୀଦେବୀ ସୋଫାରେ ବସିଥିବା ସ୍ୱାମୀଙ୍କ ମୁଣ୍ଡ ଚିପିବାକୁ ଲାଗିଲେ । ତାଙ୍କୁ ଟିକେ ଭଲ ଲାଗିବାରୁ ପତିଦେବଙ୍କୁ ପଚାରିଲେ- ଗୋଟେ କଥା କହିବି ? ମତେ ଲୁଚାଇବନି ।

ପତିଦବ କହିଲେ- କ'ଣ ପଚାରିବ ପଚାର ।

ପତ୍ନୀଦେବୀ କହିଲେ- ଏବେ ସିନା ମୁଁ ତମ ମୁଣ୍ଡ ଚିପିଦେଉଛି, ବାହାଘର ପୂର୍ବରୁ କ'ଣ କରୁଥିଲ ?

ପତିଦେବ ଇଷତ୍ ଗମ୍ଭୀର ହୋଇ କହିଲେ- ବାହାଘର ପୂର୍ବରୁ କ'ଣ ଏ

## ଇତିହାସ ରଚିଲେ ଆକାଶ: ୧୧ ବଲ୍‌ରେ ୫୦



**ନୂଆଦିଲ୍ଲୀ,୯।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ପ୍ରଥମ-ଶ୍ରେଣୀ କ୍ରିକେଟ୍‌ରେ ଇତିହାସ ରଚିଛନ୍ତି ମେଘାଳୟର ଆକାଶ ଚୌଧୁରୀ । ପ୍ରଥମ-ଶ୍ରେଣୀ କ୍ରିକେଟ୍ ଇତିହାସରେ ମାରିଛନ୍ତି ଦ୍ରୁତତମ ଅର୍ଦ୍ଧଶତକ । ତା' ସହିତ ପ୍ରଥମ ଶ୍ରେଣୀ କ୍ରିକେଟରେ ଲଗାତାର ୮ଟି ଛକା ମାରି ହୋଇଯାଇଛନ୍ତି ପ୍ରଥମ ଖେଳାଳି । ରଣଜୀ ଟ୍ରଫି ପ୍ଲେଟ୍ ଗ୍ରୁପ୍ ମ୍ୟାଚ୍‌ରେ ଅରୁଣାଚଳ ପ୍ରଦେଶ ବିପକ୍ଷରେ ମାତ୍ର ୧୧ଟି ବଲ୍‌ରେ ଅର୍ଦ୍ଧଶତକ (୫୦) କରିଛନ୍ତି ୨୫ ବର୍ଷୀୟ ଆକାଶ । ଏହା ସହିତ ସେ ପ୍ରଥମ ଶ୍ରେଣୀ କ୍ରିକେଟରେ ଇଂଲଣ୍ଡର ୱେନ୍ ହ୍ୱାଇଟଙ୍କ ରେକର୍ଡ ଭାଙ୍ଗିଛନ୍ତି । ୱେନ୍ ୨୦୧୨ରେ ଲେଷ୍ଟେଶର ତରଫରୁ ଏସେକ୍ସ ବିପକ୍ଷରେ ୧୨ ବଲ୍‌ରେ ଅର୍ଦ୍ଧଶତକ କରିଥିଲେ । ଆକାଶଙ୍କ ପୂର୍ବରୁ ରଣଜୀ ଟ୍ରଫିରେ ଦ୍ରୁତ ଅର୍ଦ୍ଧଶତକ ମାରିଥିଲେ ଜମ୍ମୁ ଓ କଶ୍ମୀରର ବନ୍ଦୀପ ସିଂହ । ୨୦୧୫ରେ ଅଗରତାଲାରେ ତ୍ରିପୁରା ବିପକ୍ଷରେ ସେ ୧୫ଟି ବଲ୍‌ରୁ ୫୦ ରନ୍ କରିଥିଲେ ।

ଆଜି ୮ ନମ୍ବର ସ୍ଥାନରେ ବ୍ୟାଟିଂ କରିବାକୁ ଆସିଥିବା ଆକାଶ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ଦେଇଥିଲେ । ଲଗାତାର ୮ଟି ଛକା ମାରିଥିଲେ । ସେ ଲିମାର ଡାବିଙ୍କ ଓଭରରେ ୬ଟି ଛକା ମାରିଥିଲେ । ଅର୍ଥାତ୍ ଛଅଟି ବଲ୍‌ରେ ମାରିଥିଲେ ୬ଟି ଛକା । ପ୍ରଥମ ଶ୍ରେଣୀ କ୍ରିକେଟରେ ଗୋଟିଏ ଓଭରରେ ୬ଟି ଛକା ମାରିବାରେ ଆକାଶ ହେଉଛନ୍ତି ତୃତୀୟ ଖେଳାଳି । ତାଙ୍କ ପୂର୍ବରୁ ଏହି ରେକର୍ଡ ରବି ଶାସ୍ତ୍ରୀ ଓ ୱେଷ୍ଟ ଇଣ୍ଡିଜର ଗ୍ୟାରୀ ସୋବର୍ସଙ୍କ ନାଁରେ ରହିଛି । ରଣଜୀ ଟ୍ରଫିରେ ଗୋଟିଏ ଓଭରରେ ୬ଟି ଛକା ମାରିବାରେ ରବି ଶାସ୍ତ୍ରୀଙ୍କ ପରେ ସେ ହେଉଛନ୍ତି ଦ୍ୱିତୀୟ ଖେଳାଳି । ଆଜି ୧୪ଟି ବଲ୍‌ରେ ୫୦ ରନ୍ କରି ଅପରାଜିତ ରହିଥିଲେ ଆକାଶ । ସେ ୫୦ ରନ୍‌ରେ ପହଞ୍ଚିଥିବା ବେଳେ ମେଘାଳୟ ତା'ର ଇଂନିସ ଘୋଷଣା କରି ଦେଇଥିଲା । ଦଳ ୬ ୱିକେଟ୍ ହରାଇ ୬୨୮ ରନ୍ କରିଥିଲା । ଜବାବରେ ଅରୁଣାଚଳ ପ୍ରଦେଶ ୭୩ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା । ଆକାଶ ଚୌଧୁରୀ ମଧ୍ୟ ଗୋଟିଏ ୱିକେଟ୍ ପାଇଥିଲେ । ମେଘାଳୟ ଫଲୋ-ଅନ୍ ଦେବା ପରେ ଅରୁଣାଚଳ ପ୍ରଦେଶ ପୁଣି ବ୍ୟାଟିଂ କରିଥିଲା । ଆଉ ଖେଳ ଶେଷ ହେବା ବେଳକୁ ଦଳ ୩ଟି ୱିକେଟ୍ ହରାଇ ୨୯ ରନ୍ କରିଥିଲା । ଏହି ୩ଟି ୱିକେଟ୍ ମଧ୍ୟରୁ ଆକାଶ ୨ଟି ନେଇଛନ୍ତି ।

ସୂଚନାଯୋଗ୍ୟ, ଆକାଶ ଚୌଧୁରୀ ତାଙ୍କର ୩୧ତମ ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳୁଛନ୍ତି । ଏହା ପୂର୍ବରୁ ସେ ୧୪.୩୭ ହାରରେ ୫୦୩ ରନ୍ କରିଛନ୍ତି । ତା' ମଧ୍ୟରେ ଦୁଇଟି ଅର୍ଦ୍ଧ ଶତକ ମାରିଛନ୍ତି । ପ୍ରଥମ ଶ୍ରେଣୀ କ୍ରିକେଟରେ ସେ ୮୭ଟି ୱିକେଟ୍ ନେଇଛନ୍ତି । ସେ ୨୮ଟି ଲିଷ୍ଟ-ଏ ମ୍ୟାଚ୍ ଖେଳିଛନ୍ତି । ତା' ସହିତ ୩୦ଟି ଟି-ଟ୍ୱେଣ୍ଟି ମ୍ୟାଚ୍ ଖେଳିଛନ୍ତି । ଲିଷ୍ଟ ଏ'ରେ ୩୭ ଓ ଟି-ଟ୍ୱେଣ୍ଟିରେ ୨୮ଟି ୱିକେଟ୍ ନେଇଛନ୍ତି ଆକାଶ ।

# ବସ୍ତାନି ବୋଝ: କେହି ନିୟମ ମାନୁନାହାନ୍ତି

**ଭୁବନେଶ୍ୱର,୯।୧୧: ତଥ୍ୟ**

ପିଲାଙ୍କ ବସ୍ତାନି ବୋଝ କମାଇବା ପାଇଁ ରାଜ୍ୟ ସରକାର କରିଥିବା ସ୍କୁଲ ବ୍ୟାଗ୍ ନୀତିକୁ ପ୍ରାୟତଃ କେହି ମାନୁନାହାନ୍ତି । ଅଭିଭାବକମାନେ ପିଲାଙ୍କ କାନ୍ଧରେ ବୋଝ ବଢାଉଥିବାବେଳେ ବହି ବିକ୍ରି କରୁଥିବା ବିଦ୍ୟାଳୟଗୁଡିକ ବି ନିଜର ବ୍ୟବସାୟ ପାଇଁ ଏଥିପ୍ରତି ଆଖିବୁଜି ଦେଉଛନ୍ତି ।

ବିଦ୍ୟାଳୟକୁ ଆସୁଥିବା ଛୋଟ ଛୋଟ ପିଲାଙ୍କ କାନ୍ଧ ଯେଉଁଭଳି ବସ୍ତାନି ବୋଝରେ ଚାପିହୋଇ ନଯିବ ସେଥିପାଇଁ ରାଜ୍ୟ ସରକାର ସ୍ପଷ୍ଟ ନୀତି କରିଛନ୍ତି । କେଉଁ ଶ୍ରେଣୀର ପିଲା କେତେ ଓଜନର ବ୍ୟାଗ୍ ଧରି ବିଦ୍ୟାଳୟକୁ ଆସିବେ ତାହା ସ୍ଥିର ହୋଇଛି । ତଦନୁଯାୟୀ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ବସ୍ତାନିର ଓଜନ ଦେଢ କିଲୋ ଧାର୍ଯ୍ୟ ହୋଇଥିବାବେଳେ ତୃତୀୟ ରୁ ପଞ୍ଚମଶ୍ରେଣୀ ପିଲାଙ୍କ ପାଇଁ ୨ ରୁ ୩ କିଲୋ, ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପିଲାଙ୍କ ପାଇଁ ୪ କିଲୋ, ଅଷ୍ଟମ ଏବଂ ନବମ ଶ୍ରେଣୀ ପିଲାଙ୍କ ପାଇଁ ସାଢେ ୪ କିଲୋ ଏବଂ ଦଶମ ଶ୍ରେଣୀ ପିଲାଙ୍କ ପାଇଁ ଏହାର ଓଜନ ୫ କିଲୋ ହେବ ।

ପିଲାମାନେ ଧାର୍ଯ୍ୟ ଓଜନ ଅନୁଯାୟୀ ବସ୍ତାନି ଧରି ବିଦ୍ୟାଳୟକୁ ଆସୁଛନ୍ତି କି ନାହିଁ ତାହାର ଯାଞ୍ଚ ଲାଗି ସହରାଞ୍ଚଳରେ ପୌରସଂସ୍ଥା ସ୍ତରୀୟ ଏବଂ ଜିଲ୍ଲାରେ ବ୍ଲକ ସ୍ତରୀୟ କମିଟି ଗଠନ ହୋଇଛି । ଏହି କମିଟିରେ ବିଇଓ, ଏବିଇଓ ଏବଂ ସିଆରସିସିମାନେ ସଭ୍ୟ ଅଛନ୍ତି । ଏମାନେ ନିୟମିତ ଭାବେ ବିଭିନ୍ନ ବିଦ୍ୟାଳୟ ନିକଟକୁ ଯାଇ



ଛାତ୍ରଛାତ୍ରୀମାନଙ୍କର ଯାଞ୍ଚ କରିବା କଥା ।

ତେବେ ସରକାରୀ ସୂଚନା ଅନୁଯାୟୀ ସରକାରଙ୍କ ବସ୍ତାନି ଓଜନ ନିୟମ କୌଣସି ବିଦ୍ୟାଳୟ ମାନୁନଥିବା ନେଇ କୌଣସି ଅଭିଯୋଗ ହସ୍ତଗତ ହୋଇନାହିଁ । ଏହାର କାରଣ ହେଉଛି ଗୋଟିଏ ପଟେ ଯାଞ୍ଚ ହେଉନଥିବାବେଳେ ଅନ୍ୟପଟେ ଅଭିଭାବକମାନେ ମଧ୍ୟ ଏ ନେଇ ପାଟି ଖୋଲୁ ନାହାନ୍ତି ।

ଅଭିଭାବକଙ୍କ ମତରେ ପିଲାଙ୍କ ବସ୍ତାନି ବୋଝ ବଢାଇବା କ୍ଷେତ୍ରରେ ଘରୋଇ ବିଦ୍ୟାଳୟର ଯୋଗଦାନ ସର୍ବାଧିକ ରହୁଛି । କାରଣ ଏହିସବୁ ବିଦ୍ୟାଳୟମାନେ ଏଲକେଜି ଓ ୟୁକେଜିର କୁନି କୁନି ପିଲାଙ୍କୁ ହଜାର ହଜାର ଟଙ୍କାର ବହି ଓ ଖାତା ଧରାଇ ଦେଉଛନ୍ତି । ହୋମୱାର୍କ ନାଁରେ ପ୍ରତିଦିନ ପୁଳାଏ ବହି ଓ ଖାତା ନେଇ ବିଦ୍ୟାଳୟକୁ ଆସିବାକୁ କୁହାଯାଉଛି । ତେଣୁ ପିଲାମାନେ ବାଧ୍ୟହୋଇ ଅଧିକ ଓଜନର ସ୍କୁଲବ୍ୟାଗ ନେଇ ବିଦ୍ୟାଳୟକୁ ଆସୁଛନ୍ତି । ଓଜନଦାର ବହି ଓ ଖାତା ସହିତ ସେମାନଙ୍କର ଖାଦ୍ୟ ଓ ପାଣି ମଧ୍ୟ ରହୁଛି । ଫଳରେ କୁନି କୁନି ପିଲାମାନେ ବସ୍ତାନି ବୋଝରେ ଏକ ପ୍ରକାର ଚାପିହୋଇ ଯାଉଛନ୍ତି ।

ପିଲାଙ୍କ ବସ୍ତାନି ବୋଝର ଯାଞ୍ଚ ସହିତ ଘରୋଇ ବିଦ୍ୟାଳୟ କେଉଁ ଶ୍ରେଣୀର ପିଲାଙ୍କୁ କେତେ ଟଙ୍କାର ବହି ଖାତା ବିକ୍ରି କରୁଛନ୍ତି ତାହାର ଯାଞ୍ଚ କରାଗଲେ ବସ୍ତାନି ବୋଝ ହ୍ରାସ ପାଇବ ବୋଲି ମତପ୍ରକାଶ ପାଉଛି । ସରକାରୀ ବିଦ୍ୟାଳୟରେ ପିଲାମାନେ ଶିକ୍ଷାବୋର୍ଡ ଦ୍ୱାରା ଧାର୍ଯ୍ୟ ଅଳ୍ପ ସଂଖ୍ୟକ ପୁସ୍ତକ ପଢୁଥିବାବେଳେ ଘରୋଇ ବିଦ୍ୟାଳୟଗୁଡିକ କିନ୍ତୁ ନିଜ ନିଜର ବ୍ୟବସାୟ ପାଇଁ ପିଲାଙ୍କୁ ପାଠ୍ୟକ୍ରମ ବାହାରେ ବହୁ ସଂଖ୍ୟକ ବହି ଧରାଇ ଦେଉଛନ୍ତି । ଏହା କେବଳ ବସ୍ତାନି ବୋଝ ବଢାଉ ନାହିଁ, ଅଭିଭାବକଙ୍କ ପକେଟ ଉପରେ ଚାପ ପକାଇବା ସହିତ ପିଲାଙ୍କ ଉପରେ ବି ମାନସିକ ପ୍ରଭାବ ପକାଇବାରେ ଲାଗିଛି ।

# ଐତିହାସିକ ବାଲିଯାତ୍ରାର ପଞ୍ଚମ ଦିବସରେ ଜନସମୁଦ୍ର

**କଟକ,୯।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ସାରା ସହର ଜନସମୁଦ୍ର । ଚାରିଆଡୁ ସହର ଭିତରକୁ ଜନତାର ଢ଼େଉ ମାଡ଼ି ଆସୁଛି । ଏ ଢ଼େଉ ଯାଉଛି ବାଲିଯାତ୍ରା ପଡ଼ିଆ ଅଭିମୁଖେ । ପରିସ୍ଥିତି ଏମିତି ହେଲା ଯେ ଗାଡ଼ି ମଟର ଯିବା ତ ପଛ କଥା, ସହର ରାସ୍ତାରେ ପାଦରେ ଚାଲିବା ବି କଷ୍ଟକର ହୋଇପଡ଼ିଛି । କଟକ ସହରରେ ରବିବାର ଏମିତି ପରିସ୍ଥିତି ସୃଷ୍ଟି ହୋଇଥିଲା । ସନ୍ଧ୍ୟାବେଳ ସୁଦ୍ଧା ୮ଲକ୍ଷରୁ ଅଧିକ ଜନତା ବିଭିନ୍ନ ରାସ୍ତା ଦେଇ ବାଲିଯାତ୍ରା ମୁହାଁ ହୋଇଥିଲେ । ଯାତ୍ରା ପଡ଼ିଆ ଲୋକାରଣ୍ୟରେ ଉଛୁଳି ପଡୁଥିଲା । ଭିଡ଼ ସମ୍ଭାଳିବା ପୋଲିସ ପ୍ରଶାସନ ପାଇଁ ଅସମ୍ଭାଳ ହୋଇପଡ଼ିଥିଲା । ରବିବାର ଥିଲା ବାଲିଯାତ୍ରାର ପଂଚମ ଦିବସ । ଛୁଟି ଯୋଗୁଁ ଖଚାଖଚ ଭିଡ଼ । ଗୋଟିଏ ପଟେ ସତୀ ଚଉରା ଛକଯାଏ, ଆରପଟରେ ଯୋବ୍ରା କାଳିଆବୁଦା ପର୍ଯ୍ୟନ୍ତ ଲମ୍ୱିଥିଲା ଗାଡ଼ିର ଧାଡ଼ି । ନରାଜ ଆସୁଥିବା ଗାଡ଼ିଗୁଡ଼ିକ ଭୂଆସୁଣି ପଠା ଟପି ପାରୁନଥିଲା । ସନ୍ଧ୍ୟା ହେବା କ୍ଷଣି ବାଲିଯାତ୍ରାର ସମସ୍ତ ପାର୍କିଂ ଷ୍ଟାଣ୍ଡ ଭର୍ତ୍ତି ହୋଇଯାଇଥିଲା । ଲୋକେ ରାସ୍ତାରେ ଅଟକି ରହିଥିଲେ । ଦୀର୍ଘସମୟ ରାସ୍ତାରେ ଫସି ରହିବା ଯୋଗୁ ଦୂରଦୂରାନ୍ତରୁ ଆସିଥିବା ଲୋକେ ବାଲିଯାତ୍ରା ନଦେଖି ଫେରିବାକୁ ବାଧ୍ୟ ହୋଇଥିଲେ । ଭିଡ଼ ନିୟନ୍ତ୍ରଣ ଲାଗି ପୋଲିସ ବିଭାଗକୁ ନାକେଦମ ହେବାକୁ




ପଡ଼ିଥିଲା । ଆଶାତୀତ ଲୋକଙ୍କ ଭିଡ଼ ବାଲିଯାତ୍ରାରେ ହୋଇଥିବାରୁ, ଆଜି ବେପାରୀମାନଙ୍କର ବ୍ୟବସାୟ ମଧ୍ୟ ବେଶ ଭଲ ହେଉଥିବ ।

ବାଲିଯାତ୍ରାର ଅନ୍ୟତମ ଆକର୍ଷଣ ପାଲଟିଛି "ବାଉଁଶରାଣୀ ଖେଳ" । ଜୀବନକୁ ବାଜି ଲଗାଇ ଛୋଟ ଛୋଟ ପିଲା ଓ ଝିଅମାନେ ଖେଳ ଦେଖାଉଛନ୍ତି । ଖେଳ ଦେଖିବା ପାଇଁ ଲୋକଙ୍କ ଭିଡ଼ ମଧ୍ୟ ଜମୁଛି । ଯିଏ ଯେତିକି ଇଚ୍ଛା ଟଙ୍କା ମଧ୍ୟ ଦେଉଛନ୍ତି । କଟକ-ଇନ-କଟକ ଗେଟ ନିକଟରେ ରାୟପୁର ବାସଗଡ଼ରୁ ଆସିଥିବା ପିଙ୍କି ପୁରୋହିତ ଖେଳ ଦେଖାଉଛନ୍ତି । ପରିବାର ସହିତ ଗୋଟିଏ କାରରେ ବିଭିନ୍ନ ରାଜ୍ୟ ବୁଲି ବାଉଁଶରାଣୀ ଖେଳ ଦେଖାଇଥାନ୍ତି । ବାଲିଯାତ୍ରାକୁ ଗତ ୧୦ବର୍ଷ ଧରି ସେ ଆସୁଛନ୍ତି । ପ୍ରତିଥର ପାଖାପାଖି ୭୦ହଜାର ଟଙ୍କା ରୋଜଗାର ହୋଇଥାଏ ବୋଲି ପିଙ୍କି କହିଛନ୍ତି ।

କାଠ ତିଆରି ଦେବାଦେବୀଙ୍କ ମୂର୍ତ୍ତି କିଣିବା ପାଇଁ ଲୋକଙ୍କ ମଧ୍ୟରେ ଆଗ୍ରହ ଦେଖାଦେଇଛି । ବରଗଡ଼ ଜିଲ୍ଲାରୁ ଆସିଥିବା ସଂଜୀବ ମହାରଣା ବାଲିଯାତ୍ରା ତଳ ପଡ଼ିଆରେ କାଠ ତିଆରି ବିଭିନ୍ନ ମୂର୍ତ୍ତିର ଷ୍ଟଲ ଖୋଲିଛନ୍ତି । ଏହି ଷ୍ଟଲରେ କାଠରେ ତିଆରି ଗଣେଶ ମୂର୍ତ୍ତି, କୃଷ୍ଣମୂର୍ତ୍ତି, ସାଇମୂର୍ତ୍ତି, ହାତୀ, ଶଗଡ଼ଗାଡ଼ି ଓ ଗାଇବାଛୁରୀ ଆଦି ଉପଲବ୍ଧ ହେଉଛି । ମୂର୍ତ୍ତିଗୁଡ଼ିକ ଦେଖିବାକୁ ବେଶ ଆକର୍ଷଣୀୟ ହୋଇଥିବାରୁ ଲୋକେ ଏହାକୁ କିଣିବାକୁ ପସନ୍ଦ କରୁଛନ୍ତି । କାଠରେ ତିଆରି ଗଣେଶ ମୂର୍ତ୍ତିର ମୂଲ୍ୟ ୨୦୦ଟଙ୍କାରୁ ଆରମ୍ଭ କରି ୩୦୦୦୦ଟଙ୍କା ପର୍ଯ୍ୟନ୍ତ ରହିଛି । ସେହିପରି ହାତୀର ମୂଲ୍ୟ ୨୦୦ଟଙ୍କାରୁ ଆରମ୍ଭ କରି ୧୦ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି । ବାଲିଯାତ୍ରାର ବରଫ ଉପରେ ଥୁଆ ହୋଇଥିବା ମିଠା ପାନକୁ ଖାଇବାକୁ ଲୋକେ ବେଶ ପସନ୍ଦ କରୁଛନ୍ତି । ଗୋଟିଏ ଫାଳ ବଡ଼ ପାନ ପତ୍ରରେ ବିଭିନ୍ନ ରଂଗବେରଂଗର ମିଠା ମସଲା ସାଂଗକୁ ଅନ୍ୟାନ୍ୟ ସାଧାର ମିଶ୍ରଣ ଦେଇ ପ୍ରସ୍ତୁତ କରାଯାଉଥିବା ପାନର ସ୍ୱାଦକୁ ଚାଖିବାକୁ ଲୋକେ ଆକର୍ଷିତ ହେଉଛନ୍ତି । ମିଠା ପାନ ଖଣ୍ଡିକ ଦାମ ୨୦ ଟଙ୍କାରୁ ୩୦୦ଟଙ୍କା ପର୍ଯ୍ୟନ୍ତ ରହିଛି । ଚଟପଟି ଓ ଫାଷ୍ଟଫୁଡ଼ ଖାଦ୍ୟ ଖାଇସାରିବା ପରେ ମିଠା ପାନ ଖଣ୍ଡେ ଖାଇବାକୁ ଲୋକେ ବେଶ ପସନ୍ଦ କରୁଛନ୍ତି ।

ବାଲିଯାତ୍ରାର ଉଭୟ ପଡ଼ିଆରେ ବେପାରୀମାନେ ବିଭିନ୍ନ ପ୍ଲାଷ୍ଟିକ ଫୁଲର ପସରା ମେଲାଇଛନ୍ତି । ଏକାଧିକ ସ୍ଥାନରେ ରହିଥିବା ଏ ସବୁ ପ୍ଲାଷ୍ଟିକ ଫୁଲର ପସରା ଗୁଡ଼ିକ ମେଳାରେ ଯେପରି ଫୁଲ ବଗିଚାର ଭ୍ରମ ସୃଷ୍ଟି କରୁଛି । ସୂର୍ଯ୍ୟମୁଖୀ, ରଜନୀଗନ୍ଧା, ଗୋଲାପ, ଗେଣ୍ଡୁ, ଡାଲିଆ, ବିଭିନ୍ନ ପୁଷ୍ପଗୁଚ୍ଛ ଓ ଫୁଲ ଷ୍ଟିକଗୁଡ଼ିକ ଲୋକଙ୍କ ମନକୁ ବେଶ ଆକର୍ଷିତ କରୁଛି । ୫୦ ଟଙ୍କାରୁ ଆରମ୍ଭ କରି ୫୦୦ଟଙ୍କା ପର୍ଯ୍ୟନ୍ତ ଏଗୁଡ଼ିକର ଦାମ ରହିଛି । ଆକର୍ଷଣୀୟ ପ୍ଲାଷ୍ଟିକ ଫୁଲ କିଣିବା ପାଇଁ ଲୋକଙ୍କ ମଧ୍ୟରେ ଆଗ୍ରହ ଦେଖାଦେଇଛି । ସଂପ୍ରତି ଲୋକମାନେ ଶରୀରକୁ ନିରୋଗ ଓ ସୁସ୍ଥ ରଖିବା ପାଇଁ ଆୟୁର୍ବେଦ ଔଷଧକୁ ଆପଣାଉଥିବା ପରିଲକ୍ଷିତ ହେଉଛି । ଏହାକୁ ଦୃଷ୍ଟିରେ ରଖି ବାଲିଯାତ୍ରା ପଡ଼ିଆରେ ଏକାଧିକ ଆୟୁର୍ବେଦ ଷ୍ଟଲ ଖୋଲିଛି । "ଭାରତ ୟୁନାନି ଫାରମାସି ଆଣ୍ଡ ଏଏସଟି" ଅନୁଷ୍ଠାନ ପକ୍ଷରୁ ତଳ ପଡ଼ିଆରେ ଆୟୁର୍ବେଦ ଷ୍ଟଲ ଖୋଲିଛି । ମଳକଣ୍ଟକ, ୟୁରିକଏସିଡ଼, ଆଜମା, ଆଲର୍ଜି ସମେତ ବିଭିନ୍ନ ରୋଗର ଶସ୍ତା ଓ ନିର୍ଭରଯୋଗ୍ୟ ଚିକିତ୍ସା ଏହି ଔଷଧ ଦ୍ୱାରା ହୋଇପାରୁଛି ବୋଲି ଆୟୁର୍ବେଦ ଚିକିତ୍ସକ ଗୀତାଞ୍ଜଳୀ ରଥ କହିଛନ୍ତି । ଔଷଧର ମୂଲ୍ୟ ୧୦୦ଟଙ୍କାରୁ ୫ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି । ଏହାର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନାହିଁ ବୋଲି ଆୟୁର୍ବେଦ ଚିକିତ୍ସକ ଗୀତାଞ୍ଜଳୀ ରଥ କହିଛନ୍ତି ।

କାଚରେ ତିଆରି ବିଭିନ୍ନ ସାମଗ୍ରୀ କିଣିବା ପାଇଁ ଲୋକମାନେ ବେଶ ଆଗ୍ରହ ପ୍ରକାଶ କରୁଛନ୍ତି । ଏହି ସାମଗ୍ରୀଗୁଡ଼ିକ ମଧ୍ୟରେ ମୟୂର, ରାଧାକୃଷ୍ଣ, ଗଣେଶ, ପକ୍ଷୀ ଓ ଫୁଲଦାନୀ ଆଦି ରହିଛି । ଉତ୍ତର ପ୍ରଦେଶ ରାଜ୍ୟ ଫିରୋଜାବାଦରୁ ଆସିଥିବା ବ୍ୟବସାୟୀ ସାହିରା ବେଗମଙ୍କର ଏହି କାଚତିଆରି ସାମଗ୍ରୀର ଷ୍ଟଲ ବାଲିଯାତ୍ରାର ତଳ ପଡ଼ିଆରେ ରହିଛି । ସାମଗ୍ରୀର ମୂଲ୍ୟ ୫୦ ଟଙ୍କାରୁ ୧୫୦୦ଟଙ୍କା ପର୍ଯ୍ୟନ୍ତ ରହିଛି । ଘର ସାଜସଜ୍ଜା ପାଇଁ ଲୋକମାନେ ଏହି କାଚ ତିଆରି ସାମଗ୍ରୀକୁ କିଣିବା ପାଇଁ ବେଶ ପସନ୍ଦ କରୁଛନ୍ତି । ବାଲିଯାତ୍ରାରେ ଜନସମାଗମ ବୃଦ୍ଧି ପାଇଥିବାରୁ ବ୍ୟବସାୟୀଙ୍କର ମଧ୍ୟ ଭଲ ବେପାର ହେଉଛି । ବିଶେଷକରି ଦେଶୀ ସାମଗ୍ରୀ କିଣିବା ପାଇଁ ଗ୍ରାହକମାନେ ପସନ୍ଦ କରୁଛନ୍ତି । ବିଶେଷତଃ କନ୍ଧମାଳ ଏବଂ କୋରାପୁଟ ଭଳି ଆଦିବାସୀ ବହୁଳ ଅଂଚଳରେ ଦେଶୀ ପ୍ରକ୍ରିୟାରେ ଉତ୍ପାଦନ ହେଉଥିବା ସାମଗ୍ରୀ କିଣିବା ପାଇଁ ଲୋକେ ଆଗ୍ରହ ପ୍ରକାଶ କରିଛନ୍ତି । ସାମଗ୍ରୀଗୁଡ଼ିକ ମଧ୍ୟରେ କନ୍ଧମାଳ ହଳଦୀ, ଦେଶୀ ମାଣ୍ଡିଆ, ଦେଶୀ ଡାଲି, ପାଳୁଅ, ବିରି ଓ ସୋରିଷ ଆଦି ରହିଛି । ଓରମାସର ବିଭିନ୍ନ ଷ୍ଟଲରେ ଏହି ସାମଗ୍ରୀ ସବୁ ଉପଲବ୍ଧ ହେଉଛି । ଦେଶୀ ତଥା ଗ୍ରାମୀଣ ସାମଗ୍ରୀ କିଣିବା ପାଇଁ ଷ୍ଟଲ ଗୁଡ଼ିକରେ ଲୋକଙ୍କ ଭିଡ଼ ଜମୁଛି ।

## ଥାନା ପଛରେ ନାବାଳକକୁ ଥାର୍ଡ଼ ଡିଗ୍ରୀ: ମାନବାଧିକାର କମିଶନରେ ଅଭିଯୋଗ

**ତିହିଡ଼ି,୯।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ଭଦ୍ରକ ଜିଲା ତିହିଡ଼ି ବ୍ଲକ ପୀରହାଟ ଥାନା ଅଧୀନ ନରେନ୍ଦ୍ରପୁର ଗ୍ରାମର ଜଣେ ନାବାଳକଙ୍କୁ ପୋଲିସ ନିସ୍ତୁକ ମାଡ଼ ମାରିଥିବା ଅଭିଯୋଗ ହୋଇଛି । ଏପରିକି ମାଡ଼ ମାରିବା ପରେ ନାବାଳକ ପିନ୍ଧିଥିବା ଶାର୍ଟ ପ୍ୟାଣ୍ଟ ଖୋଲିବାକୁ ପୋଲିସ ଧମକ ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି । ଥାନାର ଜଣେ ଏସ୍ଆଇଙ୍କ ସମେତ ଅନ୍ୟ ଜଣେ କର୍ମଚାରୀ ମାଡ଼ ମାରିଥିବା ନେଇ ନାବାଳକଙ୍କ ବାପା ଶରତ ମାଝୀ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଏହି ମାଡ଼ ଘଟଣାର ତଦନ୍ତ କରାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ନିବେଦନ କରିଛନ୍ତି । ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଏକ ମୋବାଇଲ ଚୋରି ଘଟଣାକୁ ନେଇ ନରେନ୍ଦ୍ରପୁର ଗ୍ରାମର ଜଣେ ମହିଳା ଗତ ମାସ ୨୭ ତାରିଖରେ ତାଙ୍କ ନାବାଳକ ପୁଅଙ୍କ ନାଁରେ ପୀରହାଟ ଥାନାରେ ଅଭିଯୋଗ କରିଥିଲେ । ପରଦିନ ଶରତ ମଧ୍ୟ ଏହି ଘଟଣାକୁ ନେଇ ଥାନାରେ ପାଲଟା ଅଭିଯୋଗ କରିଥିଲେ । ଗତ ୨ ତାରିଖ ରାତି ୮ଟାରେ ଥାନାରେ ହାଜର ହେବାକୁ ଶରତଙ୍କୁ ଫୋନ ଯୋଗେ ପୋଲିସ ଜଣାଇଥିଲେ । ତଦନୁଯାୟୀ ଶରତ ଏବଂ ତାଙ୍କ ନାବାଳକ ପୁଅ ଥାନାରେ ପହଞ୍ଚିଥିଲେ । ଥାନା ଅଧିକାରୀ ରୋଜାଲିନ ବେହେରା ଉଭୟ ପକ୍ଷଙ୍କୁ ଡାକି ମୋବାଇଲ ସମ୍ପର୍କରେ ପଚରାଉଚରା କରିଥିଲେ । ତାଙ୍କ ପୁଅ ମୋବାଇଲ ଚୋରି ଅଭିଯୋଗକୁ ଅସ୍ୱୀକାର କରିବାରୁ ଥାନାର ଜଣେ ଏସ୍ଆଇ ଉତ୍କ୍ଷିପ୍ତ ହୋଇ ତାଙ୍କୁ ବାହାରକୁ ଟାଣି ନେଇ ନିସ୍ତୁକ ମାଡ଼ ମାରିଥିଲେ । ଥାନାର ଅନ୍ୟ ଜଣେ କର୍ମଚାରୀ ମଧ୍ୟ ନାବାଳକଙ୍କ ଛାତିକୁ ଏକ ପାଇପ୍‌ରେ ପିଟିବା ସହ ଗାଳିଗୁଲଜ କରିଥିଲେ । ଏଥିସହ ସେହି କର୍ମଚାରୀ ନାବାଳକଙ୍କୁ ଶାର୍ଟ ପ୍ୟାଣ୍ଟ ଖୋଲିବାକୁ ଧମକ ଦେବାରୁ ସେ ଶାର୍ଟ ଖୋଲିଥିଲେ । ରାତି ୧ଟା ପରେ ବାପ ପୁଅଙ୍କୁ ପୋଲିସ ଛାଡ଼ିଥିଲା । ତେବେ ପୋଲିସ ମାଡ଼ରେ ନାବାଳକ ଅସୁସ୍ଥ ହେବାରୁ ତାଙ୍କୁ ଚିକିତ୍ସା ନିମନ୍ତେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ନାବାଳକ ସୁସ୍ଥ ହେବା ପରେ ତାଙ୍କ ବାପା ଏ ସମ୍ପର୍କରେ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିବା ସହ ମାନବାଧିକାର କମିଶନଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଥାନାର ସିସିଟିଭି ଫୁଟେଜ ଆଧାରରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ସେ ନିବେଦନ କରିଛନ୍ତି । ଏ ସମ୍ପର୍କରେ ଆଇଆଇସି ବେହେରା କହିଛନ୍ତି, ଏକ ମୋବାଇଲ ଚୋରି ଘଟଣାର ତଦନ୍ତ ପାଇଁ ନାବାଳକ ଓ ତାଙ୍କ ବାପାଙ୍କୁ ଥାନାକୁ ଡକାଯାଇଥିଲା । ମାତ୍ର ପୋଲିସ ମାଡ଼ ମାରିଥିବା ଅଭିଯୋଗର ସତ୍ୟତା ନାହିଁ ।

# ସ୍ୱଚ୍ଛ ବାୟୁ ଓ ପାଣି ଦାବିରେ ବିକ୍ଷୋଭ

**ନୂଆଦିଲ୍ଲୀ,୯।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଦିଲ୍ଲୀରେ ରବିବାର ସନ୍ଧ୍ୟାରେ ମାହୋଲ ସରଗରମ ହୋଇଛି । ପଲ୍ୟୁସନ ମାମଲାରେ ବହୁ ସଂଖ୍ୟାରେ ଲୋକେ ଇଣ୍ଡିଆ ଗେଟ୍‌ରେ ଜମା ହୋଇଥିଲେ । ବିକ୍ଷୋଭ ପ୍ରଦର୍ଶନକାରୀ ସ୍ୱଚ୍ଛ ବାୟୁ ଓ ପାଣିର ଦାବିକୁ ନେଇ କର୍ତ୍ତବ୍ୟ ପଥରେ ରବିବାର ବିରୋଧ ପ୍ରଦର୍ଶନ କରିଥିଲେ । ସେପଟେ ପୁଲିସ ଶାନ୍ତି ଭଙ୍ଗ ହେବାର ଆଶଙ୍କା ଯୋଗୁଁ ସୁରକ୍ଷା ବଢାଇ ଦେଇଛି । କର୍ତ୍ତବ୍ୟ ପଥ ପର୍ଯ୍ୟଟକଙ୍କ ପାଇଁ ବନ୍ଦ କରି ଦିଆଯାଇଛି । ଇଣ୍ଡିଆ ଗେଟ୍‌ରେ ବହୁ ଫୋର୍ସ ମୁତୟନ କରିଦିଆ ଯାଇଛି । ପୁଲିସ ବାହିନୀ ସହ ଅର୍ଦ୍ଧସୈନିକ ବାହିନୀର ଯବାନଙ୍କୁ ମଧ୍ୟ ମୁତୟନ କରାଯାଇଛି । ମାମଲା ବଢିବାର ଦେଖି ପୁଲିସ ଅନେକ ବିକ୍ଷୋଭ ପ୍ରଦର୍ଶନକାରୀଙ୍କୁ ହେପାଜତକୁ ନେଇଛି । ବିରୋଧ ପ୍ରଦର୍ଶନକାରୀ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ଅଭିଯୋଗ କରି କହିଛନ୍ତି ଯେ, ସରକାର ଲୋକଙ୍କୁ ବିଷାକ୍ତ ବାୟୁରେ ନିଃଶ୍ୱାସ ନେବା ପାଇଁ ଛାଡ଼ି ଦେଇଛନ୍ତି । ସରକାର ବଦଳିବା ପରେ ମଧ୍ୟ ପଲ୍ୟୁସନର ମାମଲାରେ କିଛି କରିନାହାନ୍ତି । ବିରୋଧ ପ୍ରଦର୍ଶନକାରୀଙ୍କ ମଧ୍ୟରେ ନାଗରିକ ଗ୍ରୁପ୍‌ଙ୍କ ସହ ଅଲଗା ଅଲଗା ଛାତ୍ର ସଙ୍ଗଠନର ଲୋକେ ମଧ୍ୟ ସାମିଲ ହୋଇଛନ୍ତି । ଏଏନଆଇ ରିପୋର୍ଟ ମୁତାବିକ, ଏହି ବିରୋଧ ପ୍ରଦର୍ଶନକାରୀଙ୍କ ମଧ୍ୟରେ ଶୈକ୍ଷଣିକ ସଂସ୍ଥା, ହସ୍ପିଟାଲ, ବସ ଓ ରେଲୱେ ଷ୍ଟେସନର ପରିସରରୁ ବୁଲା କୁକୁରଙ୍କୁ ହଟେଇବାକୁ ସୁପ୍ରିମକୋର୍ଟଙ୍କ ନୂଆ ନିର୍ଦ୍ଦେଶ ବିରୋଧରେ କିଛି ସଙ୍ଗଠନର ଲୋକ ମଧ୍ୟ ସାମିଲ ଥିଲେ । ପ୍ରଦର୍ଶନକାରୀମାନେ 'ୱି ୱାଣ୍ଟ ଜଷ୍ଟିସ୍' ଏବଂ 'ସ୍ୱାଧୀନତା ନେଇକି ରହିବୁ' ଭଳି ନାରା ବି ଦେଇଥିଲେ । ପ୍ରଦର୍ଶନକାରୀଙ୍କ ହାତରେ ବ୍ୟାନର ଓ ପୋଷ୍ଟର ଥିଲା । ଜଣେ ବିକ୍ଷୋଭକାରୀ କହୁଥିଲେ, ସରକାର ପଶୁଙ୍କୁ ହଟାଉଛନ୍ତି, ହେଲେ ପଲ୍ୟୁସନକୁ ହଟେଇ ପାରୁନାହାନ୍ତି । ଜଣେ ପୁଲିସ ଅଧିକାରୀ କହିଛନ୍ତି ଯେ, ଇଣ୍ଡିଆ ଗେଟ୍‌ରେ ବିରୋଧ ପ୍ରଦର୍ଶନ କରିବାର କୌଣସି ଅନୁମତି ନାହିଁ । ଆଇନ-ବ୍ୟବସ୍ଥା ବଜାୟ ରଖିବା ପାଇଁ ବିକ୍ଷୋଭ ପ୍ରଦର୍ଶନକାରୀଙ୍କୁ ହେପାଜତକୁ ନିଆ ଯାଇଛି । ପ୍ରଦର୍ଶନକାରୀଙ୍କୁ ସତର୍କତା ନେଇ ହେପାଜତକୁ ନିଆଯାଇଛି ।

## ପ୍ରଥମ ପୃଷ୍ଠାରୁ...

### ବିଜେଡି-କଂଗ୍ରେସ...

ଚର୍ଚ୍ଚାର ବିଷୟ ପାଲଟିଛି । ଅନ୍ୟପକ୍ଷେ କଂଗ୍ରେସ ଛାଡି ବିଜେଡିରେ ଯୋଗ ଦେଇଥିବା ମହମ୍ମଦ ଜୁନେଦଙ୍କ ଖରିଆର ରୋଡ୍‌ସ୍ଥିତ ଘରେ ଶନିବାର ଆଇଟି ରେଡ ହୋଇଥିଲା । ତା'ପୂର୍ବରୁ ପୂର୍ବତନ ମନ୍ତ୍ରୀ ବିଜେଡିର ପ୍ରୀତି ରଞ୍ଜନ ଘଡ଼ାଇଙ୍କ ଘରେ ମଧ୍ୟ ପୋଲିସ ପକ୍ଷରୁ ଯାଞ୍ଚ କରାଯାଇଥିଲା ।

### ସାଙ୍ଗକୁ ରାତ୍ରିଭୋଜନକୁ...

ଷଡ଼ଯନ୍ତ୍ର ଥିଲା । ଆକ୍ରମଣରେ ବ୍ୟବହୃତ ହୋଇଥିବା ପିସ୍ତଲଟି ଅଭିଯୁକ୍ତ ନାବାଳକମାନଙ୍କ ମଧ୍ୟରୁ ଜଣକର ପେସାଦାର ପ୍ରପର୍ଟି ଡିଲର ବାପାଙ୍କର ଲାଇସେନ୍ସପ୍ରାପ୍ତ ବନ୍ଧୁକ ଥିଲା । ପୋଲିସ ଏହି ଘଟଣାର ଅଧିକ ତଦନ୍ତ ଜାରି ରଖିଛି ଏବଂ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ।

### ଗଡ଼ିଲା ଆଉ...

ଏହି ଟ୍ରେନ ଯୋଗେ ସୁବିଧା ମଧ୍ୟ ପାଇବେ ବୋଲି କୁହାଯାଇଛି । ଫିରୋଜପୁର-ଦିଲ୍ଲୀ ବନ୍ଦେ ଭାରତ ଟ୍ରେନ ୬ ଘଣ୍ଟା ୪୦ ମିନିଟ ମଧ୍ୟରେ ଯାତ୍ରା ଶେଷ କରିବ ।

ଏହି ଟ୍ରେନ ଚଳାଚଳ କରିବା ଦ୍ୱାରା ପଞ୍ଜାବର ଫିରୋଜପୁର, ଭଟିଣ୍ଡା ଓ ପଟିଆଲା ସହରଗୁଡିକ ରାଜଧାନୀ ଦିଲ୍ଲୀ ସହ ସିଧାସଳଖ ସଂଯୋଗ ହୋଇପାରିବ । ଏହାଦ୍ୱାରା ବ୍ୟବସାୟ, ପର୍ଯ୍ୟଟକ ଓ ନିଯୁକ୍ତି ସୁଯୋଗ ବୃଦ୍ଧି ପାଇବା ସହ ଜାତୀୟ ଓ ଆଞ୍ଚଳିକ ମାର୍କେଟ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରକ୍ଷା କରାଯାଇ ପାରିବ । ଅପରପକ୍ଷରେ ଦକ୍ଷିଣ ଭାରତ ପାଇଁ ଉଦ୍ଦିଷ୍ଟ ଏର୍ଣ୍ଣାକୁଲମ-ବେଙ୍ଗାଲୁରୁ ବନ୍ଦେ ଭାରତ ଟ୍ରେନ ୮ ଘଣ୍ଟା ୪୦ ମିନିଟ ମଧ୍ୟରେ ଯାତ୍ରା ଶେଷ କରୁଥିବାବେଳେ ଯାତ୍ରୀଙ୍କୁ ୨ ଘଣ୍ଟାର ମହଲତ ମିଳିବ । ଏହି ଟ୍ରେନ ଯୋଗୁଁ କେରଳ, ତାମିଲନାଡୁ ଓ କର୍ଣ୍ଣାଟକର ପ୍ରମୁଖ ଆଇଟି ହବ୍‌ଗୁଡିକ ଲାଭବାନ ହେବେ । ଏହା ବ୍ୟତୀତ ଏହି ତିନି ରାଜ୍ୟରେ କାର୍ଯ୍ୟରତ ଆଇଟି କର୍ମଚାରୀ, ଛାତ୍ରଛାତ୍ରୀ ଓ ବ୍ୟବସାୟୀ ଉପକୃତ ହେବେ ବୋଲି ରେଳ ମନ୍ତ୍ରଣାଳୟ ପକ୍ଷରୁ ଆଶା କରାଯାଉଛି ।

### ଜାପାନରେ ଭୂମିକମ୍ପ...

ଉଚ୍ଚ ସୁନାମି ତରଙ୍ଗ ରେକର୍ଡ କରାଯାଇଛି । ରେଳବାଇ ଅପରେଟର ଜେଆର ଇଷ୍ଟଙ୍କ ଅନୁଯାୟୀ, ଭୂମିକମ୍ପ ଯୋଗୁଁ ଏହି ଅଞ୍ଚଳରେ ଚାଲୁଥିବା ବୁଲେଟ୍ ଟ୍ରେନ୍ କିଛି ସମୟ ପାଇଁ ବିଳମ୍ୱ ହୋଇଥିଲା । କିଛି ଅଞ୍ଚଳରେ ବିଦ୍ୟୁତ୍ ଯୋଗାଣ ମଧ୍ୟ ବାଧାପ୍ରାପ୍ତ ହୋଇଥିଲା ।

### ୟୁଟ୍ୟୁବ୍ ଦେଖି...

ନ୍ୟାୟିକ ରିମାଣ୍ଡକୁ ପଠାଇ ଦେଇଛି । ଏହି ଘଟଣାରେ ତାଙ୍କ ଝିଅ ଶ୍ରୀନୟନା ସାମାନ୍ୟ ପୋଡ଼ି ଆହତ ହୋଇଛନ୍ତି ।

### ଉପ ନିର୍ବାଚନ...

ଏହା ମର୍ଯ୍ୟାଦାର ପ୍ରଶ୍ନ ହୋଇଥିବାରୁ ଦଳୀୟ ପ୍ରାର୍ଥୀ ଶ୍ରୀ ରଥଙ୍କ ସପକ୍ଷରେ ପ୍ରଚାର ପାଇଁ ଗୋଟିଏ ଦୁଇଟି ସଭାରେ ଉଦ୍‌ବୋଧନ ଦେବାକୁ ବିଜୁବାବୁଙ୍କୁ ପ୍ରସ୍ତାବ ଦିଆଯିବାରେ ସେ ଏହାକୁ ରୋକ୍‌ଠୋକ୍ ଭାବେ ପ୍ରତ୍ୟାଖ୍ୟାନ କରିବା ସହିତ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନିର୍ବାହ କରୁଥିବାରୁ ସେ ପ୍ରଚାର ଅଭିଯାନରେ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ସାମିଲ ହେବେ ନାହିଁ ବୋଲି ମନା କରିଦେଇଥିଲେ । ପୁରୀ ନିର୍ବାଚନ ମଣ୍ଡଳୀର ଦଳୀୟ କର୍ମୀ, ଶୁଭେଚ୍ଛୁ ଓ ସମର୍ଥକମାନେ ଏହି ନିର୍ବାଚନରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବେ ବୋଲି ପରାମର୍ଶ ଦେଇ ମିତବ୍ୟୟିତା ରକ୍ଷା ସହିତ ଶାସକ ଦଳ ନିର୍ବାଚନ ଆଚରଣ ବିଧିକୁ କଡ଼ାକଡ଼ି ଭାବେ ଯେପରି ପାଳନ କରେ ଏବଂ ଉପ ନିର୍ବାଚନରେ କୌଣସି ପ୍ରକାର ଦୁର୍ନୀତି ନହୁଏ ତାହା ଉପରେ କଡ଼ା ନଜର ରଖିବାକୁ ସେତେବେଳେ ଦଳର ରାଜ୍ୟ ଶାଖା ସଭାପତି ଅଶୋକ ଦାସଙ୍କୁ ବିଜୁବାବୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ ।

ଏ ଖବର ସେ ସମୟରେ କେବଳ ଓଡ଼ିଶାରେ ନୁହେଁ, ଜାତୀୟ ସ୍ତରର ଗଣମାଧ୍ୟମରେ ବ୍ୟାପକ ଭାବେ ପ୍ରସାରିତ ହୋଇଥିଲା । ଏହି ଉପ ନିର୍ବାଚନରେ ଜନତା ଦଳ ପ୍ରାର୍ଥୀ ଉମାବଲ୍ଲଭ ରଥ ପ୍ରାୟ ୧୪ ହଜାର ଭୋଟ ବ୍ୟବଧାନରେ କଂଗ୍ରେସ ପ୍ରାର୍ଥୀଙ୍କୁ ହରାଇ ଜିଣିଥିଲେ । ଏହାଛଡ଼ା ଏଠାରୁ ସେତେବେଳେ ବିଜେପି ଓ ଜନତା ପାର୍ଟି ସମେତ କେତେକ ସ୍ୱାଧୀନ ପ୍ରାର୍ଥୀ ମଧ୍ୟ ନିର୍ବାଚନ ଲଢୁଥିଲେ ।

# ବାଂଲାଦେଶରୁ ହେବ ଭାରତ ଉପରେ ଆକ୍ରମଣ !

**ନୂଆଦିଲ୍ଲୀ,୯।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ଆତଙ୍କବାଦୀଙ୍କ ନୂଆ ହବ୍ ହେବ ବାଂଲାଦେଶ । ବାଂଲା ମାଟିରୁ ଭାରତ ବିରୋଧରେ କରାଯିବ ଷଡଯନ୍ତ୍ର । ଆତଙ୍କବାଦୀ ଆକ୍ରମଣ ମଧ୍ୟ ହେବ । ଏନେଇ ଏକ ନୂଆ ଭିଡିଓ ସାମ୍ନାକୁ ଆସିଛି । ଯେଉଁଥିରେ ଲଶ୍କର-ଏ-ତୋଏବାର କମାଣ୍ଡର ସୈଫୁଲହା ସୈଫ ଭାରତକୁ ଧମକ ଦେଉଥିବା ଦେଖିବାକୁ ମିଳିଛି । ଭିଡିଓଟି ପାକିସ୍ତାନର ଖୈରପୁର ତମିବାଲୀରେ ଆୟୋଜିତ ଏକ ରାଲିର ବୋଲି କୁହାଯାଉଛି ।

ଭିଡିଓରେ ସୈଫ ସିଧାସଳଖ କହୁଛି ଯେ, ହାଫିଜ ସୟିଦ ଚୁପ୍ ବସିବେ ନାହିଁ । ବାଂଲାଦେଶ ଦେଇ ଭାରତ ଉପରେ ଆକ୍ରମଣ ହେବ । ପୂର୍ବ ପାକିସ୍ତାନର ହାଫିଜର ଅନୁଗତ ସକ୍ରିୟ ଅଛନ୍ତି । ସେମାନେ ଭାରତକୁ ଜବାବ ଦେବାକୁ ପ୍ରସ୍ତୁତ ଅଛନ୍ତି । ଜଣେ ଖାସ୍ ଲୋକକୁ ବାଂଲାଦେଶ ପଠାଯାଇଛି । ସେ ସ୍ଥାନୀୟ ଲୋକଙ୍କୁ ଜିହାଦ ନାଁରେ ଯୁଦ୍ଧ ପାଇଁ ପ୍ରସ୍ତୁତ କରୁଛି । ବାଂଲାଦେଶ ହେଉଛି ଲଶ୍କର ନୂଆ ଲଞ୍ଚପ୍ୟାଡ୍ ଯାହାକୁ ଭାରତ ବିରୋଧରେ ବ୍ୟବହାର କରାଯିବ ବୋଲି ଭିଡିଓରେ ସୈଫ କହୁଥିବା ଦେଖିବାକୁ ମିଳିଛି ।

ସବୁଠାରୁ ବଡ କଥା ହେଉଛି ଯେ, ଭିଡିଓରେ ଅନେକ ଶିଶୁ ରହିଛନ୍ତି । ସେମାନଙ୍କ ବ୍ରେନୱାସ୍ କରାଯାଇ ଭାରତ ବିରୋଧରେ ଉସକାଯାଉଛି । ଶିଶୁଙ୍କୁ ଜିହାଦ ବିଚାରଧାରାରେ ସାମିଲ କରାଯାଉଛି । ତେବେ ଏହି ଭିଡିଓ ଆସିବା ପରେ ସୁରକ୍ଷାକର୍ମୀ ଆହୁରି ସତର୍କ ହୋଇଯାଇଛନ୍ତି । କିପରି ବଡ ଧରଣର ଅଘଟଣକୁ ଏଡାଇ ଦିଆଯାଇ ପାରିବ ସେନେଇ ସେନା ମଧ୍ୟ ସଜାଗ ରହିଛି ।

ଅନ୍ୟପକ୍ଷରେ ବାଂଲାଦେଶର ଅନ୍ତରୀଣ ସରକାରଙ୍କ ଦୁର୍ବଳତା ପାକିସ୍ତାନ ଆଡକୁ ବଢିବାରେ ଲାଗିଛି । ଏବେ ପାକିସ୍ତାନୀ ସେନାର ଏକ ଯୁଦ୍ଧ ଜାହାଜ ବାଂଲାଦେଶର କଟଗାଓଁ ପୋର୍ଟରେ ପହଁଞ୍ଚିଛି । ୧୯୭୧ ଯୁଦ୍ଧ ପରେ ପ୍ରଥମଥର ଏଠାରେ କୌଣସି ପାକିସ୍ତାନୀ ଯୁଦ୍ଧ ଜାହାଜ ପହଁଞ୍ଚିଛି ।

ମିଳିଥିବା ସୂଚନା ଅନୁସାରେ, ପାକିସ୍ତାନ ନୌସେନାର ପିଏନ୍‌ଏସ୍‌ସେଫ୍ ଯୁଦ୍ଧ ଜାହାଜ ଚଟଗାଓଁରେ ପହଞ୍ଚିଛି । ବାଂଲାଦେଶୀ ନୌସେନା ପାକିସ୍ତାନୀ ଯୁଦ୍ଧ ଜାହାଜର ଜୋରସାର ସ୍ୱାଗତ ମଧ୍ୟ କରିଥିଲା । ପାକିସ୍ତାନର ଯୁଦ୍ଧ ଜାହାଜ ଚଟଗାଓଁ ପହଁଞ୍ଚିବା ପରେ ଭାରତ ପାଇଁ ବଡ଼ ଚ୍ୟାଲେଞ୍ଜ ଥିଲା । ବିଶେଷଜ୍ଞଙ୍କ କହିବା ଅନୁସାରେ, ପାକିସ୍ତାନ କୌଣସି ଭାବରେ ଭାରତର ଘେରାବନ୍ଦୀ କରିବର ପ୍ଲାନ ତିଆରି କରୁଛି । ୧୯୭୧ ପରେ ବାଂଲାଦେଶ ଓ ପାକିସ୍ତାନର ସମ୍ପର୍କ ଭଲ ନାହିଁ, କିନ୍ତୁ କିଛି ମାସରେ ସବୁ କିଛି ବଦଳି ଯାଇଛି । ବର୍ତ୍ତମାନ ପାକିସ୍ତାନ ନୌସେନା ମୁଖ୍ୟ ଆଡମିରାଲ ନାଭିନ୍ ଅଶରଫ୍ ମଧ୍ୟ ବାଂଲାଦେଶ ଯାତ୍ରାରେ ଅଛନ୍ତି । ପାକିସ୍ତାନର ଟପ୍ ମିଲିଟାରୀ କମାଣ୍ଡର ଜେନେରାଲ ସାହିର ଶମଶାଦ୍ ମିର୍ଜା କିଛି ଦିନ ପୂର୍ବରୁ ହିଁ ବାଂଲାଦେଶର ଯାତ୍ରାରେ ଯାଇଥିଲେ । ସେ ମହମ୍ମଦ ୟୁନୁସ୍‌ଙ୍କୁ ମଧ୍ୟ ସାକ୍ଷାତ କରିଥିଲେ । ଉଲ୍ଲେଖନୀୟ ଯେ, ବାଂଲାଦେଶରେ ଗତ ବର୍ଷ ଅଗଷ୍ଟରେ ହିଂସ୍ର ଛାତ୍ର ଆନ୍ଦୋଳନ ହୋଇଥିଲା । ଏହାପରେ ଶେଖ୍ ହାସିନାଙ୍କୁ ଦେଶ ଛାଡି ପଳାଇବାକୁ ପଡିଥିଲା । ବର୍ତ୍ତମାନ ଭାରତ ସେ ଭାରତରେ ଅଛନ୍ତି । ସେଭଳି ମହମ୍ମଦ ୟୁନୁସ୍‌ଙ୍କୁ ବାଂଲାଦେଶର ଅନ୍ତରୀଣ ସରକାରଙ୍କ ମୁଖ୍ୟ ପରାମର୍ଶଦାତା ନିଯୁକ୍ତ କରାଯାଇଥିଲା । ଆଫଗାନିସ୍ତାନର ଖରାପ ସମ୍ପର୍କ ଭିତରେ ପାକିସ୍ତାନ ଏବେ ବାଂଲାଦେଶରେ ନୂତନ ସମ୍ଭାବନାର ସନ୍ଧାନରେ ରହିଛି । ଆଫଗାନିସ୍ତାନର ତାଲିବାନ ସରକାର ଓ ଭାରତ ଭିତରେ ଲଗାତାର ସମ୍ପର୍କ ମଜବୁତ ହେବାରେ ଲାଗିଛି । ସେଭଳି ଆଫଗାନିସ୍ତାନ ସହ ପାକିସ୍ତାନର ବିବାଦ ବଢିବାରେ ଲାଗିଛି । ଇସ୍ତାନବୁଲରେ ତୃତୀୟ ପର୍ଯ୍ୟାୟ ଶାନ୍ତି ବାର୍ତ୍ତାର ମଧ୍ୟ ସାର୍ଥକ ପରିଣାମ ଆସିପାରିନି ।


Printed & Published by Gyanaranjan Behera on behalf of Radhakrushna Publications Pvt. Ltd., Published from Room No.211, 2nd Floor, Block-A, Bharati Tower, Forest Park, Bhubaneswar-751009 & Printed at Ricky Promotors, Plot No.-6709, M.I.E. Rasulgarh, Bhubaneswar-751010, Mob.: 8895483474/9583706460

Editor : Ambika Prasad Das   ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ   Chief Editor : Umapada Bose   ମୁଖ୍ୟ ସମ୍ପାଦକ : ଉମାପଦ ବୋଷ